

ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-32 ◆SATURDAY ◆26 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୨ ◆ଶନିବାର ◆୨୬ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସ୍କୁଲଘର ଭୁଶୁଡ଼ି ୮ ମୃତ, ୨୭ ଆହତ

■ **ଝାଲାୱାର, ୨୫।୭ (ଏଜେନ୍ସି):** ରାଜସ୍ଥାନର ଝାଲାୱାର ଜିଲ୍ଲାରେ ସରକାରୀ ସ୍କୁଲ ଘରର ଗୋଟିଏ ଅଂଶ ଭୁଶୁଡ଼ି ପଡ଼ିବା ଫଳରେ ୮ ଜଣ ଛାତ୍ର ପ୍ରାଣ ହରାଇଛନ୍ତି ଏବଂ ୨୭ ପିଲା ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମନୋହର ଥାନା ଅନ୍ତର୍ଗତ ପିପ୍ଲୋଡି ସରକାରୀ ସ୍କୁଲ୍‌ରେ ସକାଳ ୮ଟା ୩୦ରେ ଏହି ଅଘଟଣ ଘଟିଥିଲା। କୋଠା ଭୁଶୁଡ଼ିବା ବେଳେ ୬୦ ଛାତ୍ରଛାତ୍ରୀ, କେତେଜଣ ଶିକ୍ଷକ ଓ କର୍ମଚାରୀ ସେଠାରେ ଉପସ୍ଥିତ ଥିଲେ। ସ୍କୁଲ୍‌ରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯିବାର ବ୍ୟବସ୍ଥା ରହିଛି। ସ୍ଥାନୀୟ ଲୋକ ▶ପୃଷ୍ଠା-୭



## ଡ୍ରୋନ୍‌ରୁ ସଫଳ କ୍ଷେପଣାସ୍ତ୍ର ପରୀକ୍ଷଣ



■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** ଭାରତ ସଫଳତାର ସହ ଡ୍ରୋନରୁ କ୍ଷେପଣାସ୍ତ୍ର ଲଞ୍ଚ କରିବାରେ ସକ୍ଷମ ହୋଇଛି। ଏହାସହିତ ଭାରତୀୟ ସାମରିକ କ୍ଷମତାକୁ ଏକ ବଡ଼ ସଫଳତା ମିଳିଛି। ଆନ୍ଧ୍ରପ୍ରଦେଶର ଟେଷ୍ଟ ରେଞ୍ଜରେ ଏହାର ସଫଳ ପରୀକ୍ଷା କରାଯାଇଛି। ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେସନ (ଡିଆରଡିଓ) ଆନ୍ଧ୍ରପ୍ରଦେଶର କୁର୍ନୁଲସ୍ଥିତ ୟୁଏଭି ଲଞ୍ଚଡ୍ ପ୍ରେସିସନ ଗାଇଡ ମିସାଇଲ (ୟୁଏଲ୍‌ପିଜିଏମ୍)- ଭି୩କୁ ସଫଳତାର ସହ ପରୀକ୍ଷା କରିଛି। ପରୀକ୍ଷା ବେଳେ କ୍ଷେପଣାସ୍ତ୍ର ନିଜର ଗତି, ସଠିକତା ଓ ଲକ୍ଷ୍ୟକୁ ଭେଦ କରିବାର କ୍ଷମତାକୁ ସୁନ୍ଦର ଭାବେ ପ୍ରଦର୍ଶନ କରିଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସାମାଜିକ ଗଣମାଧ୍ୟମ ଏକ୍ସରେ ଏ ନେଇ ପୋଷ୍ଟ ▶ପୃଷ୍ଠା-୭




## ଇନ୍ଦିରାଙ୍କ ରେକର୍ଡ ଭାଙ୍ଗିଲେ ମୋଦୀ

■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** କ୍ରମାଗତ ଦୀର୍ଘ ସମୟଧରି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ନରେନ୍ଦ୍ର ମୋଦୀ। ଏହିକ୍ରମରେ ସେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ରେକର୍ଡକୁ ପଛରେ ପକାଇଛନ୍ତି। ଇନ୍ଦିରାଙ୍କ ୪୦୭୭ ଦିନ (୧୯୬୬ ଜାନୁଆରୀ ୨୪ରୁ ୧୯୭୭ ମାର୍ଚ୍ଚ ୨୪ )ର ରେକର୍ଡ ଭାଙ୍ଗି ମୋଦୀ ପ୍ରଧାନମନ୍ତ୍ରୀ ଭାବେ ୪୦୭୮ ଦିନ ପୂରଣ କରିଛନ୍ତି। ତେବେ ସବୁଠାରୁ ଦୀର୍ଘ ବର୍ଷ ଧରି ପ୍ରଧାନମନ୍ତ୍ରୀ ରହିବାର ରେକର୍ଡ ଜବାହରଲାଲ ନେହରୁଙ୍କ ନାମରେ ରହିଛି। ସେ ସବୁଠାରୁ ଅଧିକ କ୍ରମାଗତ ୬୨୨୬ ଦିନ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ନେହରୁ ୧୯୪୭ ଅଗଷ୍ଟ ୧୫ରୁ ୧୯୬୪ ମେ ୨୭ ପର୍ଯ୍ୟନ୍ତ ଏହି ଗୁରୁଦାୟିତ୍ୱ ସମ୍ଭାଳିଥିଲେ। ମୋଦୀ କ୍ରମାଗତ ୩ଟି ଲୋକସଭା ନିର୍ବାଚନରେ ବିଜୟ ଲାଭ କରି ନେହରୁଙ୍କ ସମକକ୍ଷ ହୋଇଛନ୍ତି। ମୋଦୀ ୨୦୧୪, ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ବିଜୟ ହାସଲ କରିଥିଲେ। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମୋଦୀ ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଗୁଜରାଟର ମୁଖ୍ୟମନ୍ତ୍ରୀ ରହିଥିଲେ। ସେ ଦୀର୍ଘସମୟ ଧରି ଭାରତର ନିର୍ବାଚିତ ନେତାର ମାନ୍ୟତା ହାସଲ କରିଛନ୍ତି। ଭାରତ ସ୍ୱାଧୀନତା ହାସଲ କରିବା ପରେ ଜନ୍ମ ଗ୍ରହଣ କରିବାରେ ମୋଦୀ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ। ସେ ମଧ୍ୟ ପ୍ରଥମ ଅଣ-କଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ଦୁଇଟି କାର୍ଯ୍ୟକାଳ ପୂରଣ କରିବାରେ ସମର୍ଥ ହୋଇଛନ୍ତି।

## ଗତ ଦଶନ୍ଧିରେ ମୁଣ୍ଡପିଛା ଆୟବୃଦ୍ଧି

# ଓଡ଼ିଶା ଦେଶରେ ଏକ ନମ୍ବର

### ସଂସଦରେ ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ସୂଚନା

### ନବୀନ ଅର୍ଥନୀତିକୁ କେନ୍ଦ୍ରର ସ୍ୱୀକୃତି

### ମୁଣ୍ଡ ପିଛା ଏନ୍‌ଏସ୍‌ଡିପି ୧.୭ ଲକ୍ଷ ଟଙ୍କା



■ **ଭୁବନେଶ୍ୱର, ୨୫।୭ (ସମିସ):** ନବୀନ ପଟ୍ଟନାୟକଙ୍କ ସରକାରର ବିତ୍ତୀୟ ପରିଚାଳନା ଓ ଅର୍ଥନୀତିକୁ ପୁଣିଥରେ ସ୍ୱୀକୃତି ଦେଇଛନ୍ତି କେନ୍ଦ୍ର ସରକାର। ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟ ହାର କେବଳ ଦ୍ୱିଗୁଣିତ ହୋଇନାହିଁ, ଆୟ ହାର ବୃଦ୍ଧିରେ ଓଡ଼ିଶା ସାରା ଦେଶରେ ଏକନମ୍ବର ରାଜ୍ୟର ମାନ୍ୟତା ପାଇଛି। ସଂସଦରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ।

ଲୋକସଭାରେ ସାଂସଦ ଗିରିଧାରୀ ଯାଦବ ଓ ଦୀନେଶ ଚନ୍ଦ୍ର ଯାଦବଙ୍କ ଏକ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌଧୁରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ୨୦୧୩-୧୪ ଆର୍ଥିକ ବର୍ଷରେ ଓଡ଼ିଶାର ହାରାହାରି ମୁଣ୍ଡପିଛା ଆୟ ୫୪୨୦୯ ଟଙ୍କା ରହିଥିଲା। ମାତ୍ର ଏକ ଦଶନ୍ଧି ମଧ୍ୟରେ ମୁଣ୍ଡପିଛା ଆୟ ପ୍ରାୟ ଦ୍ୱିଗୁଣିତ ହୋଇ ୨୦୨୪ ଆର୍ଥିକ ବର୍ଷରେ ଏହା ୧୦୬୯୧୮ ଟଙ୍କାରେ ପହଞ୍ଚିଛି। ୧୦ବର୍ଷରେ ଓଡ଼ିଶାରେ ମୁଣ୍ଡପିଛା ଆୟ ୯୬.୭% ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ କର୍ଣ୍ଣାଟକରେ ମୁଣ୍ଡପିଛା ଆୟ ୯୩.୬% ବୃଦ୍ଧି ପାଇଥିବାବେଳେ ଆନ୍ଧ୍ରପ୍ରଦେଶରେ ୭୮.୯%, ଆସାମରେ ୮୧%, ଛତିଗଡ଼ରେ ୫୨.୪%, ମଧ୍ୟପ୍ରଦେଶରେ ୬୦%, ମହାରାଷ୍ଟ୍ରରେ ୫୩.୬%, ତାମିଲନାଡୁରେ ୮୩.୩%, ତେଲଙ୍ଗାନାରେ ୮୫.୩%, ପଶ୍ଚିମବଙ୍ଗରେ ୫୧.୮% ବୃଦ୍ଧି ପାଇଛି। ଦେଶର କେବଳ ଦୁଇଟି ରାଜ୍ୟ ଓଡ଼ିଶା ଓ କର୍ଣ୍ଣାଟକରେ ମୁଣ୍ଡପିଛା ଆୟ ହାର ବୃଦ୍ଧି ୯୦% ଅତିକ୍ରମ କରିଛି ଏବଂ ଓଡ଼ିଶା ଏକ ନମ୍ବର ସ୍ଥାନ ଅଧିକାର କରିଛି। ତତ୍‌କାଳୀନ ନବୀନ ସରକାରଙ୍କ ବିତ୍ତୀୟ ପରିଚାଳନା ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ କରିଛି।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଆଧାରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ସଂସଦରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅସ୍ଥାୟୀ ଆକଳନ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସ୍ଥିର ମୂଲ୍ୟରେ ମୁଣ୍ଡପିଛା ନିଟ୍ ଜାତୀୟ ଆୟ (ଏନ୍‌ଏନ୍‌ଆଇ) ୧,୧୪,୭୧୦ ଟଙ୍କା ରହିଛି। ୧୦ବର୍ଷ ପୂର୍ବେ ମୁଣ୍ଡପିଛା ନିଟ୍ ଜାତୀୟ ଆୟ ୭୨,୮୦୫ ଟଙ୍କା ଥିଲା ଓ ସେହି ସମୟରେ ଓଡିଶାର ମୁଣ୍ଡପିଛା ନିଟ୍ ଜାତୀୟ ଆୟ ୫୪,୨୦୯ ଟଙ୍କା ରହିଥିଲା। ମାତ୍ର ଏହି ୧୦ବର୍ଷ ମଧ୍ୟରେ ଓଡ଼ିଶାର ମୁଣ୍ଡପିଛା ଆୟ ହାର ବୃଦ୍ଧି ୯୬.୭% ବୃଦ୍ଧି ପାଇଛି।

ଅପରପକ୍ଷେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ରିପୋର୍ଟରେ ଭାରତର ଆର୍ଥିକ ଅଭିବୃଦ୍ଧିର ଅସମାନତାକୁ ପ୍ରକଟ କରିଛି। ମୁଣ୍ଡପିଛା ଆୟ ଦୃଷ୍ଟିରୁ କର୍ଣ୍ଣାଟକ ଦେଶର ସବୁଠାରୁ ଧନୀ ରାଜ୍ୟ ହୋଇଥିବାବେଳେ ବିହାର ସବୁଠାରୁ ଗରିବ ରାଜ୍ୟ ଭାବରେ ଉଭା ହୋଇଛି। ୨୦୨୪-୨୫ରେ କର୍ଣ୍ଣାଟକରେ ମୁଣ୍ଡପିଛା ହାରାହାରି ଆୟ ୨.୦୪ ଲକ୍ଷ ଟଙ୍କା ଥିବାବେଳେ ବିହାରର ହାରାହାରି ମୁଣ୍ଡପିଛା ଆୟ ୨୦୨୩-୨୪ରେ ମାତ୍ର ୩୨୨୨୭ ଟଙ୍କା ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ରିପୋର୍ଟରେ ଉଲ୍ଲେଖ ଅଛି। ସେହିପରି ମଧ୍ୟପ୍ରଦେଶରେ ହାରାହାରି ମୁଣ୍ଡପିଛା ଆୟ ୭୦୪୩୪ ଟଙ୍କା, ଛତିଶଗଡ଼ରେ ୯୩୧୬୧ ଟଙ୍କା, ରାଜସ୍ଥାନରେ ୯୬୬୩୮ଟଙ୍କା, ଓ ଆସାମରେ ମୁଣ୍ଡପିଛା ହାରାହାରି ଆୟ ୮୧୧୨୭ ଟଙ୍କା ଥିବା ରିପୋର୍ଟରେ କୁହାଯାଇଛି। ଅର୍ଥନୈତିକ ବିକାଶର ବିଭିନ୍ନ ସ୍ତର, ଆଞ୍ଚଳିକ ଗଠନ, ସଂରଚନା ଜନିତ ଅସମାନତା ଏବଂ ଶାସନ ତନ୍ତ୍ରରେ ପାର୍ଥକ୍ୟ ଯୋଗୁଁ ଆୟ ହାର ବୃଦ୍ଧିରେ ପାର୍ଥକ୍ୟ ଦେଖାଯାଇଥାଇପାରେ ବୋଲି ଅର୍ଥମନ୍ତ୍ରୀ ଶ୍ରୀ ଚୌଧୁରୀ ମତ ପ୍ରକାଶ କରିଛନ୍ତି।

## ସୋମବାରରୁ ସ୍ୱାଭାବିକ ହେବ ସଂସଦ

### ଅପରେସନ ସିନ୍ଦୂର ଉପରେ ହେବ ଆଲୋଚନା



### ଲୋକସଭାରୁ ଜଷ୍ଟିସ ବର୍ମା ମହାଭିଯୋଗ ପ୍ରକ୍ରିୟା ଆରମ୍ଭ

■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** ବିଭିନ୍ନ ପ୍ରସଙ୍ଗ ନେଇ ୫ ଦିନ ଧରି ଅଚଳ ରହିଥିବା ସଂସଦ ଆସନ୍ତା ସୋମବାର ଠାରୁ ସ୍ୱାଭାବିକ ହେବାକୁ ଯାଉଛି। ସୋମବାର ଏବଂ ମଙ୍ଗଳବାର ଦୁଇ ଦିନ ଧରି ଲୋକସଭା ଏବଂ ରାଜ୍ୟସଭାରେ ପହଲଗାମ ଓ ଅପେରସନ ସିନ୍ଦୂର ଉପରେ ଆଲୋଚନା ହେବ। ସେହିଭଳି ଟଙ୍କା ଜବତ ମାମଲାରେ ଫସିଥିବା ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରକ୍ରିୟା ଲୋକସଭାରୁ ଆରମ୍ଭ ହେବ।

ଆଜି ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସଂସଦ କାର୍ଯ୍ୟ ସ୍ୱାଭାବିକ କରିବାକୁ ସ୍ଥିର ହୋଇଛି। ବିର୍ଲା ବିରୋଧୀ ଦଳ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ ଯେ ସେମାନେ ପ୍ରଶ୍ନକାଳରେ କୌଣସି ପ୍ରକାର ବାଧା ନଦେଇ ଗୃହକୁ ସୁରୁଖୁରରେ ଚଳାଇବାରେ ସହଯୋଗ କରନ୍ତୁ। ପହଲଗାମ ଆକ୍ରମଣ ଓ ଅପରେସନ ସିନ୍ଦୂର ନେଇ ପ୍ରଥମେ ଲୋକସଭାରେ ୧୬ ଘଣ୍ଟା ଧରି ଆଲୋଚନା ହେବ ଏବଂ ଏହାପର ଦିନ ରାଜ୍ୟସଭାରେ ୧୬ ଘଣ୍ଟା ପାଇଁ ଏହି ପ୍ରସଙ୍ଗରେ ଆଲୋଚନା ହେବ। ଆଲୋଚନାର ଉତ୍ତର ପ୍ରଧାନମନ୍ତ୍ରୀ ▶ପୃଷ୍ଠା-୭

## ବୟନ ଶିଳ୍ପ ବୁଣାକାର କର୍ମଚାରୀଙ୍କ ମଜୁରି ବୃଦ୍ଧି

■ **ଭୁବନେଶ୍ୱର, ୨୫।୭ (ସମିସ):** ବୟନ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ବୁଣାକାର କର୍ମଚାରୀଙ୍କ ମଜୁରୀ ରିହାତି ମାସକୁ ଏକ ହଜାର ଟଙ୍କା ବୃଦ୍ଧି କରାଯାଇଛି। ଏହାଦ୍ୱାରା ମହିଳା କର୍ମଚାରୀଙ୍କୁ ମାସକୁ ୬ ହଜାର ଟଙ୍କା ବଦଳରେ ୭ ହଜାର ଏବଂ ପୁରୁଷ କର୍ମଚାରୀଙ୍କୁ ମାସକୁ ୫ହଜାର ବଦଳରେ ୬ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

**ମହିଳାଙ୍କୁ ମାସିକ ୭ ହଜାର, ପୁରୁଷଙ୍କୁ ୬ ହଜାର ମଜୁରି ରିଆତି**

ଶୁକ୍ରବାର ଲୋକସେବା ଭବନ ସମ୍ମିଳନୀ କେନ୍ଦ୍ରରେ ଅନୁଷ୍ଠିତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ୍‌ରେ ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଏବଂ ଭଦ୍ରକଠାରେ ଦୁଇଟି ଟେକ୍ସଟାଇଲ ଓ ଫୁଟ୍‌ୱେୟାର ପାର୍କର ଲୋକାର୍ପଣ କରି ରାଜ୍ୟର ସମସ୍ତ ସରକାରୀ କର୍ମଚାରୀମାନଙ୍କୁ ସପ୍ତାହକୁ ଗୋଟିଏ ଦିନ ହସ୍ତତନ୍ତ ପୋଷାକ ପରିଧାନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। କନ୍‌କ୍ଲେଭରେ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ୬୮୦୮ କୋଟି ▶ପୃଷ୍ଠା-୭

## ଡେପୁଟୀ ରେଞ୍ଜରଙ୍କ ଘରେ ଟଙ୍କା ପାହାଡ଼

### ଗୁପ୍ତ ଟ୍ରେଜେରୀରେ ଥାକମାରି ରଖିଥିଲେ ୧.୪୩ କୋଟି





**ଘରୁ ଜବତ ହେଲା ୧.୫କେଜି ସୁନା, ୪.୬କେଜିର ରୁପା**

**ସୁନା ବିସ୍କୁଟ, ସୁନା କଏନ୍ ବି ରଖିଥିଲେ**

**୩ଟି ଫ୍ଲାଟ୍, ୧.୩୩ କୋଟିର ଦୁଇଟି ପ୍ଲଟ୍**

■ **ଜୟପୁର/ ଭୁବନେଶ୍ୱର, ୨୫।୭ (ସମିସ):** ଜଙ୍ଗଲ ବିଭାଗରେ ଅଧିକାରୀଙ୍କୁ ଘାରିଛି ଟଙ୍କା, ଅଳଙ୍କାର ଓ ସଂପତ୍ତି ନିଶା। ଯାହାକୁ ଭିଜିଲାନ୍ସ ଧରୁଛି ତାଙ୍କ ଘରୁ ଜବତ ହେଉଛି ନଗଦ କୋଟି କୋଟି ଟଙ୍କା। ମାଳ ମାଳ ପ୍ଲଟ୍ ବି ଠାବ କରାଯାଉଛି। ଦୁଇ ଦିନ ତଳେ କେନ୍ଦୁଝର କେନ୍ଦୁପତ୍ର ଡିଭିଜନ୍ ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କ ଘରେ ଚଢ଼ଉ କରି ଭିଜିଲାନ୍ସ ତାଙ୍କର ୧୨୩ ପ୍ଲଟ୍ ଏବଂ କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରିଥିଲା। ଏହିଭଳି ଜୟପୁର ଡେପୁଟି ରେଞ୍ଜର ଘରେ ଆଜି ଚଢଉ କରିବା ପରେ ଟଙ୍କାର ପାହାଡ଼ ଦେଖି ଭିଜିଲାନ୍ସ ଟିମ୍ ଆଶ୍ଚର୍ଯ୍ୟ ହୋଇଯାଇଛି। ବାବୁ ଦୁର୍ନୀତି କରି ଗୁପ୍ତ ଟ୍ରୋଜେରୀରେ କୋଟି କୋଟି ଟଙ୍କା ଥାକ ମାରି ରଖିଥିଲେ। ତାଙ୍କ ଘରୁ ଦେଢ଼ କେଜି ସୁନା ଓ ସାଢ଼େ ୪ କିଲୋ ରୁପା ଅଳଙ୍କାର ମଧ୍ୟ ଜବତ କରାଯାଇଛି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ଜିଲ୍ଲା ଜୟପୁର ବନଖଣ୍ଡ ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କ ଘରେ ଭିଜିଲାନ୍ସ ଆଜି ଚଢ଼ଉ କରିଥିଲା। ଏକକାଳୀନ ୬ଟି ସ୍ଥାନରେ ଚଢଉ ହୋଇଥିଲା। ଜୟପୁର ସହର ତାଙ୍କର ପୈତୃକ ଘର, ଜୟପୁର ପିଆର ପେଟା ରୋଡରେ ଥିବା ଗୋଟିଏ ବିଲ୍ଡିଂର ଦୁଇଟି ▶ପୃଷ୍ଠା-୭

### ଅବପାତ ଘନୀଭୂତ

## ବଡ଼ ବର୍ଷାରେ ଫୁଲିବ ପ୍ରମୁଖ ନଦୀ

■ **ଭୁବନେଶ୍ୱର, ୨୫।୭ (ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇଛି। ଉତ୍ତରପଶ୍ଚିମ ବଙ୍ଗୋପସାଗର ପାଶ୍ୱର୍ବର୍ତ୍ତୀ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ ଶୁକ୍ରବାର ସକାଳ ସାଢ଼େ ୫ଟା ସମୟରେ ଏହି ଅବପାତ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ଅବପାତ ଯୋଗୁଁ ରାଜ୍ୟର ୬ଟି ସ୍ଥାନରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୮ଟି ସ୍ଥାନରେ ୯୦ ମିମିରୁ ୧୦୦ ମିମି ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ସାମଗ୍ରିକ ଭାବେ ଅବପାତ ଯୋଗୁଁ ୨୪ ଘଣ୍ଟାରେ ସ୍ୱାଭାବିକ ତୁଳନାରେ ୧୪୧ ପ୍ରତିଶତ ଅଧିକ ବର୍ଷା ହୋଇଛି। ଅବପାତ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବା ସହ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମବଙ୍ଗ ଉପକୂଳମୁହାଁ ହୋଇ ପରବର୍ତ୍ତୀ ଦୁଇ ଦିନ ମଧ୍ୟରେ ଝାଡ଼ଖଣ୍ଡ ଓ ଛତିଶଗଡ଼ ଉପରେ ପ୍ରଭାବ ପକାଇବ। ଏଥିପାଇଁ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଆସନ୍ତାକାଲି (ଶନିବାର) ଝାରସୁଗଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଓ କିଛି ସ୍ଥାନରେ ଭୀଷଣ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରାଯାଇଛି। ଏହାସହିତ ବାକି ସବୁ ଜିଲ୍ଲାରେ ପ୍ରବଳ ବର୍ଷାର ସତର୍କତା ଜାରି କରାଯାଇଛି।

▶▶ **ସୀମାନ୍ତ ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା**

▶▶ **ଜିଲ୍ଲାପାଳମାନଙ୍କୁ ସତର୍କ କରାଇଲେ ଏସ୍‌ଆର୍‌ସି**

▶▶ **ଆଜି ମୟୂରଭଞ୍ଜର ସବୁ ସ୍କୁଲ୍ ଛୁଟି ଘୋଷଣା**

ଅବପାତ ପ୍ରଭାବରେ ଉଭୟ ତଳ ଓ ଉପରମୁଣ୍ଡରେ ବର୍ଷା ▶ପୃଷ୍ଠା-୭

### ଭାରତ-ଇଂଲଣ୍ଡ ବାଣିଜ୍ୟିକ ଚୁକ୍ତିରେ ଓଡ଼ିଶାକୁ ଉପେକ୍ଷା

## ରାଜ୍ୟର କୌଣସି ସାମଗ୍ରୀକୁ ମିଳିଲାନି ସ୍ଥାନ

■ **ଭୁବନେଶ୍ୱର, ୨୫।୭ (ସମିସ):** ଡବଲ୍ ଇଂଜିନ ସରକାରରେ ଓଡ଼ିଶାକୁ ପୁଣି ଥରେ ଉପେକ୍ଷା କରାଯାଇଛି। ବିଶ୍ୱସ୍ତରରେ ଓଡ଼ିଶାର ମର୍ଯ୍ୟାଦା ବୃଦ୍ଧି ସୁଯୋଗରୁ ରାଜ୍ୟବାସୀ ବଞ୍ଚିତ ହୋଇଛନ୍ତି। ଦେଶର ୧୭ଟି ରାଜ୍ୟକୁ ଏହି ମର୍ଯ୍ୟାଦା ମିଳିଥିଲେ ମଧ୍ୟ ସ୍ୱର୍ଣ୍ଣପ୍ରସୂ ଓଡ଼ିଶା ପ୍ରତି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଆଖି ବୁଜିଦେଇଛନ୍ତି। ଫଳରେ ଡବଲ ଇଂଜିନ ସରକାରଙ୍କ କଥା ଓ କାମକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦିନକ ତଳେ ଭାରତ ଏବଂ ୟୁନାଇଟେଡ୍ କିଙ୍ଗ୍‌ଡମ୍ (ୟୁକେ) ବା ଇଂଲଣ୍ଡ ମଧ୍ୟରେ ହୋଇଥିବା ଐତିହାସିକ ବାଣିଜ୍ୟ ଚୁକ୍ତିକୁ ନେଇ ସାରା ଦେଶରେ ଉତ୍ସାହ ଦେଖାଦେଇଥିବାବେଳେ ଓଡ଼ିଶାବାସୀ ନିରାଶ ହୋଇଛନ୍ତ। ଏହି ଚୁକ୍ତିଦ୍ୱାରା ଭାରତ ନିଜ ଦେଶର ଅନେକ ସାମଗ୍ରୀ ଇଂଲଣ୍ଡକୁ ରପ୍ତାନୀ କରିବ। ଭାରତର ପ୍ରାୟ ୯୯ ପ୍ରତିଶତ ରପ୍ତାନି ସାମଗ୍ରୀ ୟୁକେ ବଜାରରେ ଶୁଳ୍କମୁକ୍ତ ପ୍ରବେଶ ସୁଯୋଗ ପାଇବ। ଭାରତରୁ ଇଂଲଣ୍ଡକୁ ରପ୍ତାନୀ ପାଇଁ ଯେଉଁ ତାଲିକା କେନ୍ଦ୍ର ସରକାର ପ୍ରସ୍ତୁତ କରିଛନ୍ତି, ସେଥିରେ ୧୭ଟି ରାଜ୍ୟର ପ୍ରମୁଖ ସାମଗ୍ରୀ ସ୍ଥାନ ପାଇଥିବାବେଳେ ଓଡ଼ିଶାର କୌଣସି ସାମଗ୍ରୀ ସ୍ଥାନ ପାଇନାହିଁ। ଏପରିକି ବିଶ୍ୱ ପ୍ରସିଦ୍ଧ କୋରାପୁଟ କଫିକୁ କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶର ବୋଲି ଦର୍ଶାଇବା ରାଜ୍ୟବାସୀଙ୍କ ସ୍ୱାଭିମାନ ପ୍ରତି ଉପହାସ ସଦୃଶ ହୋଇଛି।




### ୧୭ ରାଜ୍ୟର ରପ୍ତାନୀ ସାମଗ୍ରୀ ତାଲିକା ପ୍ରକାଶିତ

### କୋରାପୁଟ କଫିକୁ ଆନ୍ଧ୍ରର ଦର୍ଶାଇଲେ ସରକାର

ଏହି ଚୁକ୍ତି ପରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲ ନିଜ ସୋସିଆଲ ମିଡିଆ ପୃଷ୍ଠାରେ ଦେଶର କେଉଁ ରାଜ୍ୟର କେଉଁ ସାମଗ୍ରୀ ବିଦେଶକୁ ରପ୍ତାନୀ ହେବ, ତାହା ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି। ପୀୟୂଷ ଗୋୟେଲ୍ ଦେଇଥିବା ▶ପୃଷ୍ଠା-୭

### ପୁଞ୍ଚ୍‌ରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ
## ଅଗ୍ନିବୀର ସହିଦ, ୨ ଆହତ

ପୁଞ୍ଚ/ଜମ୍ମୁ, ୨୫।୭(ଏଜେନ୍ସି): ଜମ୍ମୁ- କଶ୍ମୀରର ପୁଞ୍ଚ୍ ଜିଲ୍ଲାରେ ଶୁକ୍ରବାର ଘଟିଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଜଣେ ଅଗ୍ନିବୀର ଜବାନ ଶହୀଦ ହୋଇଥିବା ବେଳେ ଦୁଇଜଣ ଆହତ ହୋଇଛନ୍ତି। କ୍ରିଷ୍ଣା ଘାଟିର ସାଧାରଣ ଅଞ୍ଚଳରେ ପେଟ୍ରୋଲିଂ ବେଳେ ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲ୍‌ଓସି) ନିକଟରେ ଏହି ବିସ୍ଫୋରଣ ହୋଇଥିଲା। ଆହତଙ୍କ ମଧ୍ୟରେ ଜଣେ ଜେସିଓ (ଜୁନିଅର କମିସନଡ ଅଫିସର) ସାମିଲ ରହିଛନ୍ତି। ତାଙ୍କୁ ମିଲିଟାରୀ ହସ୍ପିଟାଲାରେ ଭର୍ତ୍ତି କରାଯାଇଛି ଓ ତାଙ୍କ ସ୍ୱାସ୍ଥାବସ୍ଥା ସ୍ଥିର ରହିଛି। ଶହୀଦ ହୋଇଥିବା ଅଗ୍ନିବୀର ଜବାନ ହେଉଛନ୍ତି ୭ ଜାଟ୍ ରେଜିମେଣ୍ଟର ଲଳିତ କୁମାର। ଭାରତୀୟ ସେନା ତରଫରୁ ଲଳିତଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସେ ଦେଶ ପାଇଁ ବଳିଦାନ ଦେଇଛନ୍ତି ବୋଲି ସେନା ତରଫରୁ କୁହାଯାଇଛି।

## ଅଧିକାରୀଙ୍କ ଭିସା ଫ୍ରି ଏଣ୍ଟ୍ରି ପାଇଁ ପାକ୍- ବାଂଲା ରାଜି

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ପରସ୍ପରର ରାଜନୈତିକ ତଥା କୂଟନୈତିକ ଅଧିକାରୀମାନଙ୍କୁ ବିନା ଭିସାରେ ପ୍ରବେଶ କରାଇବାକୁ ଅନୁମତି ଦେବା ପାଇଁ ପାକିସ୍ତାନ ଓ ବାଂଲାଦେଶ ରାଜି ହୋଇଛନ୍ତି। ଏ ନେଇ ଦଠୁଇଦେଶ ମଧ୍ୟରେ ଏକ ଚୁକ୍ତି ହୋଇଛି। ଫଳରେ ଦୁଇଦେଶ ମଧ୍ୟରେ ରାଜନୈତିକ ଓ କୂଟନୈତିକ ସମ୍ପର୍କର ମଧୁରତା ଶୀର୍ଷରେ ପହଞ୍ଚିଛି। ଭାରତ କିନ୍ତୁ ଏହା ଉପରେ କଡ଼ା ନଜର ରଖିଛି। ୧୯୭୧ରେ ହୋଇଥିବା ବାଂଲାଦେଶ ମୁକ୍ତି ସଂଗ୍ରାମ ପରେ ଦୁଇ ଦେଶର ସମ୍ପର୍କ ବେଶ ଖରାପ ହେବା ସହ ସ୍ଥାଣୁ ହୋଇଥିଲା। ଏବେ ଏହାକୁ ସୁଧାରିବା ପାଇଁ ଦୁଇ ଦେଶ ପ୍ରୟାସ ଜାରି ରଖିଛନ୍ତି। ଢ଼ାକାରେ ଦୁଇ ଦେଶର ଗୃହମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି।

## ମୁମ୍ବାଇରେ ପ୍ରବଳ ବର୍ଷା ନେଇ ରେଡ୍ ଆଲର୍ଟ

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ମୁମ୍ବାଇ ଓ ତା'ର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି। ପୁଣି ଆଗକୁ ପ୍ରବଳ ବର୍ଷା ହେବ ବୋଲି ରେଡ ଆଲର୍ଟ ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ମାର୍ଗଦର୍ଶିକା ଜାରି କରାଯାଇଛି। ଅତି ଆବଶ୍ୟକ ନହେଲେ ଲୋକଙ୍କୁ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସମୁଦ୍ରକୂଳ ଓ ଆଖପାଖ ଅଞ୍ଚଳକୁ ନ ଯିବା ପାଇଁ ମଧ୍ୟ କୁହାଯାଇଛି। ମହାରାଷ୍ଟ୍ର ସମେତ ୫ଟି ରାଜ୍ୟରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ମଧ୍ୟପ୍ରଦେଶ, ବିହାର, ଝାଡଖଣ୍ଡ, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, କେରଳ, କର୍ଣ୍ଣାଟକ ପାଇଁ ଆରେଞ୍ଜ ଆଲର୍ଟ ଜାରି କରାଯାଇଛି। ପଶ୍ଚିମବଙ୍ଗର ବାଙ୍କୁଡା ଓ ପୂର୍ବ ବର୍ଦ୍ଧମାନ ଜିଲ୍ଲାରେ ଗୁରୁବାର ବିଜୁଳି ମାରିବା ଯୋଗୁଁ ୧୩ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ହିମାଚଳ ପ୍ରଦେଶରେ ସଡଖ ଧସିବା ଫଳରେ ବସ ଦୁର୍ଘଟଣାରେ ୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏଥିସହ ବର୍ଷାଜନିତ କାରଣରୁ ହିମାଚଳରେ ଏପର୍ଯ୍ୟନ୍ତ ମୋଟ୍ ଉପରେ ୧୪୭ ଜଣ ଲୋକ ପ୍ରାଣ ହରାଇଛନ୍ତି।

## ଚୀନ୍‌ରେ ଗୋଟିଏ ଦିନରେ ବର୍ଷକର ବର୍ଷା: ୧୯ ହଜାର ଲୋକ ଉଦ୍ଧାର



ବେଜିଂ, ୨୫।୭(ଏଜେନ୍ସି): ଉତ୍ତର ଚୀନ୍‌ର ବାଓଡିଙ୍ଗ ସହରରେ ପ୍ରବଳ ବର୍ଷା କାରଣରୁ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ବର୍ଷକର ବର୍ଷା ହୋଇଛି। ଗୋଟିଏ ଦିନରେ ୪୪୮.୭ ମିମି ବର୍ଷା ହୋଇଛି ଓ ଏହା ବର୍ଷକର ବର୍ଷା ୫୦୦ ମିମି ସହ ଏକପ୍ରକାର ସମାନ ବୋଲି କୁହାଯାଇଛି। ଫଳରେ ଏହି ଇଣ୍ଡଷ୍ଟ୍ରିଆଲ ସହରରେ ବନ୍ୟା ଆସିଛି। ସହରର ପ୍ରାୟ ସବୁ ସଡକ ବୁଡି ଯାଇଛି। କେତେକ ରାସ୍ତା ଓ ପୋଲ୍ ଭାଙ୍ଗିଯାଇଛି। କେତେକ ସ୍ଥାନରେ ବିଜୁଳୀ ଖୁଣ୍ଟ ମଧ୍ୟ ଉପୁଡି ଯାଇଛି। ବାଓଡିଙ୍ଗ ସହରରେ ରେଡ ଆଲର୍ଟ ଜାରି କରାଯାଇଛି। ଏହି ସହରର ୬ ହଜାର ଘରୁ ୧୯, ୦୦୦ ଲୋକଙ୍କୁ ଉଦ୍ଧାର କରାଯାଇ ନିରାପଦ ସ୍ଥାନକୁ ନିଆଯାଇଛି।

## ବିଦେଶରେ ୧୦, ୫୭୪ ଭାରତୀୟ ବନ୍ଦୀ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ବିଶ୍ୱର ବିଭିନ୍ନ ଜେଲ୍‌ରେ ୧୦, ୫୭୪ ଭାରତୀୟ ବନ୍ଦୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ୪୩ ଜଣ ମୃତ୍ୟୁଦଣ୍ଡ ପାଇଛନ୍ତି। ଶୁକ୍ରବାର ସରକାରଙ୍କ ପକ୍ଷରୁ ସଂସଦରେ ଏହି ସୂଚନା ଦିଆଯାଇଛି। ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ବିଦେଶ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ କହିଛନ୍ତି ଯେ ୟୁଏଇରେ ସର୍ବାଧିକ ୨,୭୭୩ ଭାରତୀୟ ବନ୍ଦୀ ଅଛନ୍ତି। ସେହିପରି ସାଉଦି ଆରବରେ ୨,୩୭୯, ନେପାଳରେ ୧୩୫୭, କାତାରରେ ୭୯୫, ମାଲେସିଆରେ ୩୮୦, କୁଏତରେ ୩୪୨, ବ୍ରିଟେନରେ ୩୨୩, ବାହାରିନରେ ୨୬୧, ପାକିସ୍ତାନରେ ୨୪୬, ଚୀନ୍‌ରେ ୧୮୩ ଭାରତୀୟ କଏଦୀ ଅଛନ୍ତି। ଏହା ବ୍ୟତୀତ ଆଙ୍ଗୋଲିଆ, ବେଲ୍‌ଜିୟମ, କାନାଡ଼ା, ଚିଲି, ଇଜିପ୍ଟ, ଇରାକ, ଜାମାଇକା, ମରିସସ, ସେନେଗଲ, ସେଚେଲ୍ସ, ଦକ୍ଷିଣ ଆଫ୍ରିକା, ସୁଦାନ, ତାଜାକିସ୍ତାନ ଏବଂ ୟେମେନରେ ଜଣେ ଲେଖାଏଁ ଭାରତୀୟ ବନ୍ଦୀ ଅଛନ୍ତି।

# ଅଶ୍ଳୀଳତାର ପ୍ରସାର କରୁଥିବା ୨୫ଟି ଓଟିଟି ପ୍ଲାଟଫର୍ମ ନିଷିଦ୍ଧ

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): କେନ୍ଦ୍ର ସରକାର ଶୁକ୍ରବାର ଅଶ୍ଳୀଳ କଣ୍ଟେଣ୍ଟ ପ୍ରସାରିତ କରୁଥିବା ୨୫ଟି ଓଟିଟି ପ୍ଲାଟଫର୍ମକୁ ବ୍ୟାନ୍ କରିଛନ୍ତି। ମନୋରଞ୍ଜନ ନାମରେ ଏହି ଆପ୍‌ଗୁଡିକ ଅଶ୍ଳିଳ ଓ ଆପତ୍ତିଜନକ ଭିଡିଓ ପରିବେଷଣ କରୁଥିଲେ ବୋଲି କେନ୍ଦ୍ର କହିଛି। ଏ ନେଇ ସରକାର ଇଣ୍ଟରନେଟ ସର୍ଭିସ୍ ପ୍ରୋଭାଇଡରଙ୍କୁ ଏହି ଓଟିଟି ଆପ୍ ଓ ୱେବସାଇଟ୍‌ଗୁଡିକୁ ବ୍ଲକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାନ ହୋଇଥିବା ଆପ୍‌ଗୁଡିକ ମଧ୍ୟରେ ଏଏଲ୍‌ଟିଟି, ୟୁଏଲ୍‌ଏଲ୍‌ୟୁ ଦେଶୀ ଫ୍ଲିକ୍ସ ଭଳି ଲୋକପ୍ରିୟ ପ୍ଲାଟଫର୍ମ ରହିଛି।

ଏଏଲ୍‌ଟିଟି ଆପ୍ ୨୦୧୭ ଏପ୍ରିଲରେ ସିନେମା ଓ ଟିଭି ପ୍ରଡ୍ୟୁସର ଏକତା କପୁର ଲଞ୍ଚ୍ କରିଥିଲେ। ସେହିପରି ୟୁଏଲ୍‌ଏଲ୍‌ୟୁ ଆପକୁ ଆଇଆଇଟି କାନପୁର ଗ୍ରାଜୁଏଟ୍ ବିଭୁ ଅଗ୍ରୱାଲ୍ ୨୦୧୮ରେ ଲଞ୍ଚ୍ କରିଥିଲେ। ପୂର୍ବରୁ ୨୦୨୪ରେ ମଧ୍ୟ ସରକାର ଅଶ୍ଳୀଳ କଣ୍ଟେଣ୍ଟ୍‌କୁ ଦୃଷ୍ଟିରେ ରଖି ୧୮ଟି ଓଟିଟି ପ୍ଲାଟଫର୍ମଗୁଡିକୁ ବ୍ୟାନ କରିଥିଲେ। ଏଥିସହ ୧୯ଟି ୱେବସାଇଟ୍, ୧୦ ଆପ୍ ଓ ୫୭ଟି ସୋସିଆଲ ମିଡିଆ ହ୍ୟାଣ୍ଡଲକୁ ମଧ୍ୟ ବ୍ଲକ କରିଥିଲେ। ୨୦୨୦ରେ କରୋନା ମହାମାରୀକୁ ଦୃଷ୍ଟିରେ ରଖି ଜାରି କରାଯାଇଥିବା ଲକ୍‌ଡାଉନ୍ ଅବସରରେ ଏଏଲଟିଟି ଓ ୟୁଏଲ୍‌ଏଲ୍‌ୟୁ ଆପ୍‌ର ୟୁଜର୍ସ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିଲା। ଏଥିସହ ଅନ୍‌ଲାଇନ କଣ୍ଟେଣ୍ଟ୍‌କୁ ଦୃଷ୍ଟିରେ ରଖି ସରକାର ପୂର୍ବରୁ ଗାଇଡ ଲାଇନ୍ ଜାରି କରିଛନ୍ତି। ୨୦୨୧ରେ ସରକାର ଦି ଇନଫର୍ମେସନ ଟେକ୍ନୋଲୋଜି ନିୟମ ଜାରି କରିଥିଲେ। ଏହାକୁ ୨୦୨୩ ଏପ୍ରିଲ ୬ରେ ଅପଡେଟ୍ କରାଯାଇଥିଲା। ୩୦ ପୃଷ୍ଠା ବିଶିଷ୍ଟ ଏହି ଗାଇଡ ଲାଇନ୍‌ରେ ସୋସିଆଲ ମିଡିଆ, ସିନେମା, ୱେବ ସିରିଜକୁ ନେଇ ନିୟମ ଜାରି କରାଯାଇଥିଲା। ଏହି ଗାଇଡ୍ ଲାଇନ୍ ଅନୁସାରେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଗ୍ରିଭାନ୍ସ ଅଫିସର ରଖିବାକୁ ହେବ। ପୁଣି ସବୁ କଣ୍ଟେଣ୍ଟ୍ ଆଇନ୍ ଅନୁସାରେ ହେବା ଜରୁରୀ। କଣ୍ଟେଣ୍ଟଗୁଡିକ ଦେଶ ବିରୋଧୀ ହୋଇ ନଥିବ ଓ ଏଥିରେ ଯୌନତା ତଥା ଅଶ୍ଳୀଳତା ନ ରହିବା ଜରୁରି। ପୁଣି କଣ୍ଟେଣ୍ଟ୍‌ଗୁଡିକ ଛୋଟ ପିଲା ଓ ମହିଳାଙ୍କୁ କୌଣସ ପ୍ରକାର କ୍ଷତି ପହଞ୍ଚାଉ ନଥିବ ବୋଲି କୁହାଯାଇଥିଲା।

### ଗତବର୍ଷ ମଧ୍ୟ ୧୮ ଆପ୍‌କୁ ବନ୍ଦ କରାଯାଇଥିଲା

## ବେଜିଂରେ ମୁନୀରଙ୍କୁ ଚୀନ୍ ନାଗରିକଙ୍କ ସୁରକ୍ଷା ନେଇ କଡ଼ା ପ୍ରଶ୍ନ

ବେଜିଂ, ୨୫।୭(ଏଜେନ୍ସି): ଚୀନ୍ ଗସ୍ତ କରିଥିବା ପାକିସ୍ତାନ ସେନା ମୁଖ୍ୟ ଆସିମ ମୁନୀରଙ୍କୁ ଏକ ଅସ୍ୱାଭାବିକ୍ ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ରାଜଧାନୀ ବେଜିଂ ଗସ୍ତରେ ଯାଇଥିବା ମୁନିରଙ୍କୁ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି ଏକ କଡ଼ା ପ୍ରଶ୍ନ ପଚାରିଥିଲେ। ଫଳରେ ମୁନୀର ଏକପ୍ରକାର ଲଜ୍ଜିତ ହେବା ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ପ୍ରକଳ୍ପ ଓ ସରକାରୀ କାର୍ଯ୍ୟ କରିବାକୁ ପାକିସ୍ତାନରେ ନିୟୋଜିତ ହୋଇଥିବା ଚୀନ୍ ନାଗରିକଙ୍କ ସୁରକ୍ଷା ନେଇ ୱାଙ୍ଗ୍ ମୁନୀରଙ୍କୁ ପ୍ରଶ୍ନ କରିଥିଲେ। ଏଭଳି ପ୍ରଶ୍ନ ମୁନୀର ମଧ୍ୟ ଆଶା କରୁ ନଥିଲେ। ଗତ କେତେ ବର୍ଷ ମଧ୍ୟରେ ପାକିସ୍ତାନରେ ବହୁ ସଂଖ୍ୟାରେ ଚୀନ୍ ନାଗରିକ ଆତଙ୍କବାଦୀ ଆକ୍ରମଣରେ ନିହତ ହୋଇଛନ୍ତି। ତେବେ ଚୀନ୍ ନାଗରିକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପାକିସ୍ତାନ ସେନା ସବୁପ୍ରକାର ବ୍ୟବସ୍ଥା କରିବ ବୋଲି ମୁନୀର ୱାଙ୍ଗଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଉଲ୍ଲେଖଥାଉ କି, ଗତବର୍ଷ ଅକ୍ଟୋବରରେ କରାଚୀ ବିମାନ ବନ୍ଦରରେ ଏକ ଆତ୍ମଘାତୀ ଆତଙ୍କବାଦୀ ଆକ୍ରମଣରେ ୫ ଜଣ ଚୀନ ନାଗରିକ ମୃତ୍ୟୁବରଣ କରିଥିଲେ।

# ଥମୁନି ଥାଇଲାଣ୍ଡ-କାମ୍ବୋଡିଆ ସଂଘର୍ଷ


### ଗଲାଣି ୧୫ ଜୀବନ, ସୀମାରୁ ଲକ୍ଷେ ଲୋକଙ୍କୁ ହଟାଇଲା ଥାଇଲାଣ୍ଡ
### ୮ ଜିଲ୍ଲାରେ ମାର୍ଶାଲ ଲ' ଲଗାଇଲା
### ମାର୍ଗଦର୍ଶିକା ଜାରିକଲା ଭାରତୀୟ ଦୂତାବାସ

ବ୍ୟାଙ୍କକ, ୨୫।୭ (ଏଜେନ୍ସି): ହଜାରେ ବର୍ଷ ତଳର ଦୁଇ ପୁରୁଣା ଶିବ ମନ୍ଦିରକୁ ନେଇ ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି। ଏହି ଉତ୍ତେଜନା ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସୀମାର ୧୨ ସ୍ଥାନରେ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି। ଏଥିଯୋଗୁଁ ଥାଇଲାଣ୍ଡ ସୀମାରେ ରହୁଥିବା ଲକ୍ଷେରୁ ଅଧିକ ଲୋକ ଘର ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏହି ସଂଘର୍ଷରେ ଏ ପର୍ଯ୍ୟନ୍ତ ୧୫ ଜଣଙ୍କ ମୃତ୍ୟୁ ହେଲାଣି। ଏମାନଙ୍କ ମଧ୍ୟରେ ଜଣେ ସୈନିକ ଏବଂ ୧୪ ଜଣ ସାଧାରଣ ନାଗରିକ ସାମିଲ ଅଛନ୍ତି। ୪୬ ଜଣ ମଧ୍ୟ ଆହତ ହୋଇଛନ୍ତି। ତେବେ ମୃତାହତଙ୍କୁ ନେଇ କାମ୍ବୋଡିଆ ପକ୍ଷରୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇ ନାହିଁ। ତେବେ ଅନେକ ରିପୋର୍ଟରେ ଜଣେ ପ୍ରାଣ ହରାଇଥିବା ଦାବି କରାଯାଉଛି। କାମ୍ବୋଡିଆ ସୀମାକୁ ଲାଗିଥିବା ଚନ୍ଥାବୁରିର ୭ ଜିଲ୍ଲା ଏବଂ ଟ୍ରାଟର ଗୋଟିଏ ଜିଲ୍ଲାରେ ଥାଇଲାଣ୍ଡ ମାର୍ଶାଲ ଲ' ଲଗାଇଛି। ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ଦେଖି ଥାଇଲାଣ୍ଡ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଯାତ୍ରୀ ମାର୍ଗଦର୍ଶିକା ଜାରି କରାଯାଇଛି। ଥାଇଲାଣ୍ଡ ଏବଂ କାମ୍ବୋଡିଆ ସୀମା ନିକଟସ୍ଥ ୭ ରାଜ୍ୟକୁ ନ ଯିବା ପାଇଁ ନିବେଦନ କରାଯାଇଛି। ଏହି ସବୁ ରାଜ୍ୟ ମଧ୍ୟରେ ଉବୋନ ରଚତଥାନି, ସୁରିନ, ସିସାକେତୁ, ବୁରିରାମ, ସା କାଓ, ଚନ୍ଥାବୁରି ଏବଂ ଟ୍ରାଟ ସାମିଲ ରହିଛି। ଗତ ମେ' ମାସରୁ ଦୁଇ ଦେଶ ମଧ୍ୟରେ ବିବାଦ ଉଗ୍ର ହୋଇଥିଲା। ସୀମାକ୍ଷେତ୍ରରେ ସଂଘର୍ଷ ଚାଲିଥିବାବେଳେ କାମ୍ବୋଡିଆର ଜଣେ ସୈନିକ ପ୍ରାଣ ହରାଇ ଥିଲେ। ଯେସାକୁ ତେସା ନୀତିରେ ଏବଂ ସୀମା ବନ୍ଦକୁ ନେଇ ଗୁରୁବାର ସଂଘର୍ଷ ଆରମ୍ଭ ହୋଇଥିଲା। ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ କରିଥିବା ଅଭିଯୋଗ ଲଗାଇ ଥିଲେ। ଗୁଳିଗୋଳା ମାଡ଼ ହେବା ସହିତ ଆରମ୍ଭ ହୋଇଥିବା ଏହି ସଂଘର୍ଷ ଏବେ ଭୟଙ୍କର ହେବାରେ ଲାଗିଛି। ଦୁଇ ଦେଶ ସୀମାରେ ଲଢୁଆ ବିମାନ, ତୋପ, ଟ୍ୟାଙ୍କ ଏବଂ ସେନା ମୁତୟନକୁ କରିଛନ୍ତି।

ଥାଇଲାଣ୍ଡ ଏବଂ କାମ୍ବୋଡିଆର ଇତିହାସ ଦୀର୍ଘ ଦିନ ହେଲା ଖମେର ସାମ୍ରାଜ୍ୟ (କାମ୍ବୋଡିଆ) ଏବଂ ସିୟାମ ସାମ୍ରାଜ୍ୟ (ଥାଇଲାଣ୍ଡ) ମଧ୍ୟରେ ସଂଘର୍ଷ ସହ ଜଡ଼ିତ। ଫ୍ରାନ୍ସ ଏବଂ ବ୍ରିଟିଶ ଶାସନ କାଳରେ ମଧ୍ୟ ଉଭୟ ଦେଶର ସୀମାରେ ଉତ୍ତେଜନା ଥିଲା। ଏଥିଯୋଗୁଁ ପ୍ରିୟ ବିହାର ଏବଂ ତା ମୁଏନ ଥାମ ମନ୍ଦିରର ଆଖପାଖରେ ଥିବା ଜମିର ଅଧିକାରକୁ ନେଇ ଆଇନଗତ ଏବଂ ରାଜନୈତିକ ବିବାଦ ଥମିବା ପରିବର୍ତ୍ତେ ବୃଦ୍ଧି ପାଇ ଚାଲିଥିଲା। ୧୯୦୭ରେ କାମ୍ବୋଡିଆ ଫ୍ରାନ୍ସ ଅଧିନରେ ଥିବାବେଳେ ଦୁଇ ଦେଶ ମଧ୍ୟରେ ୮୧୭ କିମିର ସୀମାରେଖା ନିର୍ଦ୍ଧାରଣ କରାଯାଇଥିଲା। କିନ୍ତୁ ଥାଇଲାଣ୍ଡ ଏହାକୁ ବିରୋଧ କରିଥିଲା। କାରଣ ନକ୍ସାରେ ପ୍ରିୟ ବିହାର ମନ୍ଦିରକୁ କାମ୍ବୋଡିଆର ଦର୍ଶା ଯାଇଥିଲା। ସେହିପରି ତା ମୁଏନ ଥାମ ମନ୍ଦିରକୁ ଥାଇଲାଣ୍ଡର ଦେଖା ଯାଇଥିଲା। କିନ୍ତୁ କାମ୍ବୋଡିଆ ଏହାକୁ ନିଜର ଭାବୁ ଥିଲା। ଏହି ମନ୍ଦିର ସେହି ସ୍ଥାନରେ ରହିଛି ଯେଉଁଠି ଦୁଇ ଦେଶ ମଧ୍ୟରେ କୌଣସି ସୀମା ଧାର୍ଯ୍ୟ କରାଯାଇ ନାହିଁ। ତେଣୁ ଏହା ଉପରେ ଉଭୟ ଦେଶ ଦାବି କରୁଛନ୍ତି। ଏହା ଥାଇଲାଣ୍ଡ ପଟେ ଥିବା ସତ୍ତ୍ୱେ କାମ୍ବୋଡିଆ ଏହାକୁ ନିଜର ଐତିହାସିକ ସ୍ଥାନ ମାନୁଛି। କାରଣ ଖମେର ସାମ୍ରାଜ୍ୟ ସମୟରେ ଏହାର ନିର୍ମାଣ ହୋଇଥିଲା। ଏହି ସାମ୍ରାଜ୍ୟ କାମ୍ବୋଡିଆର ଏକ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ସାମ୍ରାଜ୍ୟ ଥିଲା। ଏହା ନବମରୁ ୧୫ଶ ଶତାବ୍ଦୀ ପର୍ଯ୍ୟନ୍ତ ରହିଥିଲା। ଏହି ସାମ୍ରାଜ୍ୟ କାମ୍ବୋଡିଆ ବ୍ୟତୀତ ଲାଓସ, ଥାଇଲାଣ୍ଡ ଏବଂ ଭିଏତନାମର ବିଭିନ୍ନ ଭାଗରେ ଶାସନ କରିଥିଲା।

ଥାଇଲାଣ୍ଡ ଦାବି କରୁଛି ଯେ ଏହି ମନ୍ଦିର କାମ୍ବୋଡିଆର ହୋଇପାରେ। କିନ୍ତୁ ଏହାର ଚାରିପାଖରେ ଥିବା ଜମି ନିଜର। ଉଭୟ ଦେଶର ସେନା ଏହି ମନ୍ଦିର ଆଖପାଖରେ ନିୟମିତ ଭାବେ ପାଟ୍ରୋଲିଂ କରୁଛି। ତେଣୁ ଅନେକ ସମୟରେ ଏଠାରେ ସଂଘର୍ଷ ହେଉଛି। ଚଳିଥ ଥର ସଂଘର୍ଷ ମଧ୍ୟ ଏହି ମନ୍ଦିର ନିକଟରେ ହୋଇଛି।

ସେହିପରି ପ୍ରିହ ବିହିୟର ମନ୍ଦିରକୁ ନେଇ ଘମାଘୋଟ ବିବାଦ ରହିଛି। ଥାଇଲାଣ୍ଡ ଏହାକୁ ନିୟନ୍ତ୍ରଣକୁ ନେବା କ୍ରମାଗତ ଭାବେ ପ୍ରୟାସ କରି ଆସୁଛି। ୧୯୫୯ରେ ଏହି ବିବାଦ ଅନ୍ତର୍ଜାତୀୟ କୋର୍ଟକୁ ଯାଇଥିଲା। ୧୯୬୨ରେ କୋର୍ଟ ଏହା କାମ୍ବୋଡିଆର ବୋଲି ରାୟ ଦେଇ ଥାଇଲାଣ୍ଡକୁ ସେନା ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳ ଥାଇଲାଣ୍ଡ ଏହାକୁ ସ୍ୱୀକାର କରିଥିଲା, କିନ୍ତୁ ଆଖପାଖ ଜମିକୁ ନେଇ ବିବାଦ ଜାରି ରହିଥିଲା। ୨୦୦୮ରେ ଏହି ମନ୍ଦିର ୟୁନେସ୍କୋର ଐତିହ୍ୟ ସ୍ଥଳରେ ସାମିଲ ହେବାରୁ ବିବାଦ ଉଗ୍ର ହୋଇଥିଲା। ପୁଣି ଦୁଇ ଦେଶ ମଧ୍ୟରେ ସଂଘର୍ଷ ହୋଇଥିଲା। ୨୦୧୧ରେ ସ୍ଥିତି ବିଗିଡିବାରୁ ହଜାର ହଜାର ଲୋକେ ଘର ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ୨୦୧୩ରେ ଅନ୍ତର୍ଜାତୀୟ କୋର୍ଟ ନିଜ ରାୟକୁ ସ୍ପଷ୍ଟ କରି ମନ୍ଦିର ସହିତ ଆଖପାଖର କ୍ଷେତ୍ର ବି କାମ୍ବୋଡିଆର ବୋଲି କହିଥିଲେ। ସେନାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ଥାଇଲାଣ୍ଡକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ସୀମା ବିବାଦର ସମାଧାନ ହୋଇପାରି ନାହିଁ।




ବିହାରରେ ଭୋଟର ତାଲିକା ଯାଞ୍ଚକୁ ବିରୋଧ କରି ସଂସଦ ବାହାରେ ବିରୋଧୀଙ୍କ ଡଷ୍ଟବିନ୍ ପ୍ରତିବାଦ

## ପାଲେଷ୍ଟାଇନ୍‌କୁ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବ ଫ୍ରାନ୍ସ



ପ୍ୟାରିସ/ ତେଲ ଅଭିଭ୍, ୨୫।୭(ଏଜେନ୍ସି): ଖୁବଶୀଘ୍ର ଫ୍ରାନ୍ସ ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଦେବ। ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଗୁରୁବାର ଏ ନେଇ ଘୋଷଣା କରିଛନ୍ତି। ଆଗାମୀ ସେପ୍ଟେମ୍ବରରେ ଜାତିସଂଘର ମହା ଅଧିବେଶନରେ ସେ ଏ ନେଇ ଔପଚାରିକ ଭାବେ ଘୋଷଣା କରିବେ ବୋଲି ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଏଥିରେ ପାଲେଷ୍ଟାଇନ୍ କର୍ତ୍ତୁପକ୍ଷ ଖୁସି ଜାହିର କରିବା ସହ ମାକ୍ରୋନଙ୍କ ମନ୍ତବ୍ୟକୁ ସ୍ୱାଗତ କରିଛନ୍ତି। ଅନ୍ୟପଟେ ଇସ୍ରାଏଲ ଏହାକୁ ବିରୋଧ କରିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏହାକୁ ବିରୋଧ କରିଛନ୍ତି। ଏହା ଆତଙ୍କବାଦୀଙ୍କୁ ପୁରସ୍କୃତ କରିବା ସଦୃଶ ହେବ ବୋଲି ସେ କହଛନ୍ତି। ସବୁଠାରୁ ବଡ଼ ପାଶ୍ଚାତ୍ୟ ଦେଶ ଭାବେ ଫ୍ରାନ୍ସ ପାଲେଷ୍ଟାଇନକୁ ମାନ୍ୟତା ପ୍ରଦାନ କରିବ। ଏପର୍ଯ୍ୟନ୍ତ ୧୪୦ରୁ ଅଧିକ ଦେଶ ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ପ୍ରଦାନ କରିସାରିଛନ୍ତି। ଏଥିରେ କେତେକ ୟୁରୋପୀୟ ଦେଶ ମଧ୍ୟ ସାମିଲ ରହିଛନ୍ତି। ଦୀର୍ଘଦିନ ହେବ ପାଲେଷ୍ଟାଇନ୍ ନାଗରିକମାନେ ଏକ ସ୍ୱତନ୍ତ୍ର ଦେଶ ପାଇଁ ଦାବି କରିଆସୁଛନ୍ତି। ଏଥିରେ ୱେଷ୍ଟ ବ୍ୟାଙ୍କ, ପୂର୍ବ ଜେରୁଜେଲମ ଓ ଗାଜା ପଟି ସାମିଲ ରହିଛି। ୧୯୬୭ରେ ଇସ୍ରାଏଲ୍ ମଧ୍ୟପ୍ରାଚ୍ୟ ଯୁଦ୍ଧ ଅବସରରେ ଏହି ଅଞ୍ଚଳଗୁଡିକୁ ଅକ୍ତିଆରରେ ରଖିଛି। ପାଲେଷ୍ଟାଇନର ସ୍ଥିତି ନେଇ ବ୍ରିଟେନ ଓ ଜର୍ମାନୀ ସହ ବୈଠକରେ ଫ୍ରାନ୍ସ ବସିବ। ଫ୍ରାନ୍ସରେ ବହୁ ସଂଖ୍ୟାରେ ଇହୁଦୀ ଓ ମୁସଲମାନ ରହୁଛନ୍ତି। ତେଣୁ ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଓ ଯୁଦ୍ଧ ଭଳି ସ୍ଥିତି ଫ୍ରାନ୍ସକୁ ପ୍ରଭାବିତ କରିଛି।

## ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

ଜୟପୁର, ୨୫।୭ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆର ପିଛା ଛାଡୁନି। ଏବେ ପୁଣି ଏକ ବିମାନ ଶୁକ୍ରବାର ଜୟପୁର ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ଏହି ବିମାନ (ଏଆଇ -୬୧୨) ଜୟପୁରର ମୁମ୍ବାଇ ଅଭିମୁଖେ ଯାଉଥିଲା। ମାତ୍ର ୧୮ ମିନିଟ ପରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ଦେଖା ଯାଇଥିଲା। ଏହାର କାର୍ଗୋ ଗେଟ୍ ଖୋଲା ଥିବା ଜଣା ପଡ଼ିଥିଲା। ତେଣୁ ଏହା ଜରୁରୀ ଅବତରଣ କରିଥିଲା। ଯାନ୍ତ୍ରିକ ତ୍ରୁଟି ଠିକ୍ କରିବା ପରେ ଏହା ସନ୍ଧ୍ୟା ୪ଟା ୨୯ରେ ପୁଣି ମୁମ୍ବାଇ ଅଭିମୁଖେ ଉଡ଼ାଣ ଭରିଥିଲା।




ତେବେ ଏୟାର ଇଣ୍ଡିଆ ପକ୍ଷରୁ ବିମାନର କୌଣସି ଯାନ୍ତ୍ରିକ ତ୍ରୁଟିକୁ ନେଇ ବିବୃତ୍ତି ଜାରି କରାଯାଇ ନାହିଁ। ସୂଚନା ଅନୁଯାୟୀ ଏହି ବିମାନ ଆଜି ଦ୍ୱିପହର ୧ଟା୩୫ରେ ଜୟପୁରରୁ ମୁମ୍ବାଇ ଅଭିମୁଖେ ଯିବାର ଥିଲା। ମାତ୍ର ଏହା ଧାର୍ଯ୍ୟ ସମୟର ୨୩ ମିନିଟ ବିଳମ୍ବରେ ଉଡ଼ାଣ ଆରମ୍ଭ କରିଥିଲା।

## ହାଇୱେ ଉପରେ ଖସିଲା ବିମାନ: ପତି-ପତ୍ନୀ ମୃତ



ରୋମ, ୨୫।୭(ଏଜେନ୍ସି): ଉତ୍ତର ଇଟାଲୀର ବ୍ରେସିଆ ସହର ନିକଟସ୍ଥ ହାଇୱେ ଉପରେ ଏକ ଅଲଟ୍ରାଲାଇଟ୍ ଛୋଟ ବିମାନ ଖସିପଡ଼ିବା ସହ ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଏହି ଦୁର୍ଘଟଣାରେ ଏକ ଦମ୍ପତ୍ତି ମୃତ୍ୟୁବରଣ କରିଛନ୍ତି। ବିମାନକୁ ଉଡାଉଥିବା ୭୫ ବର୍ଷୀୟ ଓକିଲ ତଥା ପାଇଲଟ ସର୍ଗିଓ ରାଭାଗ୍ଲିଆ ଓ ତାଙ୍କ ପତ୍ନୀ ୬୦ ବର୍ଷୀୟା ଆନ ମେରୀ ଡି ଷ୍ଟିଫାନୋ ପ୍ରାଣ ହରାଇଛନ୍ତି। ଏହାର ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହୋଇଛି। ରାଭାଗ୍ଲିଆ ବିମାନକୁ ହାଇୱେ ଉପରେ ଜରୁରୀକାଳିନ ଅବତରଣ କରିବାକୁ ଚାହୁଁଥିଲେ। କିନ୍ତୁ ନିୟନ୍ତ୍ରଣ ହରାଇଥିଲେ ବୋଲି କୁହାଯାଇଛି। ବିମାନ ଖସିପଡ଼ିବା ପରେ ରାସ୍ତା ଉପରେ ଯାଉଥିବା ଗାଡିଗୁଡିକରେ ନିଆଁ ଲାଗି ଯାଇଥିଲା। ଏଥିରେ ଜଣେ ଡ୍ରାଇଭର ଗମ୍ଭୀର ଭାବେ ଆହତ ହୋଇଥିବା ବେଳେ ଜଣକୁ ହସ୍ପିଟାଲ ନିଆ ଯାଇଥିଲା। ଆଉ ଜଣେ ସାମାନ୍ୟ ଭାବେ ଆହତ ହୋଇଥିଲେ। ଇଟାଲୀର ନ୍ୟାସନାଲ ଏଜେନ୍ସି ଅଫ୍ ଫ୍ଲାଇଟ୍ ସେଫ୍ଟି ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

# ମାଳଦୀପକୁ ୪୮୫୦ କୋଟିର ଋଣ ଦେବ ଭାରତ

### ଉଭୟ ଦେଶର ସମ୍ବନ୍ଧକୁ ନେଇ ଡାକ ଟିକଟ ଜାରି



ନାପିତ୍ୟ, ୨୫।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଗସ୍ତରେ ଶୁକ୍ରବାର ମାଳଦୀପରେ ପହଞ୍ଚିଛନ୍ତି। ଏଠାରେ ତାଙ୍କୁ 'ଗାର୍ଡ ଅଫ ଅନର' ଦେଇ ସ୍ୱାଗତ କରାଯାଇଛି। ମାଳଦୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ତାଙ୍କୁ ବିମାନବନ୍ଦରରୁ ପାଛୋଟି ନେଇଛନ୍ତି। ଉଭୟ ନେତା ପରସ୍ପରକୁ ଆଲିଙ୍ଗନ ମଧ୍ୟ କରିଛନ୍ତି। ଏହା ପରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏହି ସମୟରେ ମାଳଦ୍ୱୀପକୁ ୪, ୮୫୦ କୋଟି ଟଙ୍କାର ଲାଇନ ଅଫ୍ କ୍ରେଡିଟ (ଋଣ) ଦେଇଥିଲା ଏବଂ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ଉପରେ ଆଲୋଚନା ହୋଇଥିଲା। ଉଭୟ ଦେଶର କୂଟନୈତିକ ସମ୍ବନ୍ଧକୁ ମଧ୍ୟ ୬୦ ବର୍ଷ ପୂରଣ ହୋଇଛି। ଏହାକୁ ନେଇ ସ୍ମାରକ ଡାକ ଟିକଟ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହା ତୃତୀୟ ମାଳଦ୍ୱୀପ ଗସ୍ତ। ସେ ରାଷ୍ଟ୍ରପତି ମୁଇଜ୍ଜୁଙ୍କ ଆମନ୍ତ୍ରଣରେ ମାଳଦ୍ୱୀପ ଯାଇଛନ୍ତି।

ଦୁଇ ଦେଶର ସମ୍ବନ୍ଧକୁ ନେଇ ମୋଦୀ କହିଛନ୍ତି ଯେ ଭାରତ ପାଇଁ ବନ୍ଧୁତା ଆଗ। ଭାରତ ହେଉଛି ମାଳଦ୍ୱୀପର ସବୁଠୁ ଘନିଷ୍ଠ ପଡ଼ୋଶୀ। ଏଥିପାଇଁ ଭାରତ ଗର୍ବିତ। ପଡ଼ୋଶୀ ପ୍ରଥମ ନୀତି ଏବଂ ମହାସାଗର ଭିଜନରେ ମାଳଦ୍ୱୀପର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି।

# ଉମା କାଞ୍ଜିଲାଲ୍ ଇଗ୍ନୋ କୁଳପତି

ଭୁବନେଶ୍ୱର, ୨୫ ।୭ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ର ନୂତନ କୁଳପତି ଭାବେ ପ୍ରଫେସର ଉମା କାଞ୍ଜିଲାଲ୍‌ଙ୍କୁ ନିଯୁକ୍ତି ଦିଆଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ତାଙ୍କୁ ଏହି ନୂତନ



ନିଯୁକ୍ତି ପ୍ରଦାନ କରିଛନ୍ତି । ପ୍ରଫେସର କାଞ୍ଜିଲାଲ୍ ଏହା ପୂର୍ବରୁ ଇଗ୍ନୋର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି । ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ସେ ପ୍ରୋ-ଭାଇସ୍‌ଚାନ୍ସେଲର୍ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ଦୀର୍ଘ ଦିନରୁ ବିଭିନ୍ନ ପ୍ରଶାସନିକ ପଦରେ ଥିବାରୁ ବିଶ୍ୱବିଦ୍ୟାଳୟ ପରିଚାଳନାରେ ତାଙ୍କର ଅଭିଜ୍ଞତା ରହିଛି । ଇଗ୍ନୋର ଅନ୍‌ଲାଇନ୍ ଶିକ୍ଷା କେନ୍ଦ୍ର ଏବଂ ସାମାଜିକ ବିଜ୍ଞାନ ବିଦ୍ୟାପୀଠର ନିର୍ଦ୍ଦେଶିକା ଭାବେ ମଧ୍ୟ କାର୍ଯ୍ୟ କରିଥିବାରୁ ପ୍ରାୟ ସମସ୍ତ କ୍ଷେତ୍ରରେ ଅଭିଜ୍ଞତା ରହିଛି । ପ୍ରଫେସର କାଞ୍ଜିଲାଲ୍‌ଙ୍କ ନିଯୁକ୍ତି ପରେ ବିଶ୍ୱବିଦ୍ୟାଳୟ ଏକ ନୂତନ ସ୍ତରରେ ପହଞ୍ଚିପାରିବ ବୋଲି ଭୁବନେଶ୍ୱର ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି ।

## 'ଉତ୍କଳ'ର ଭାରପ୍ରାପ୍ତ କୁଳପତି ଭାବେ ଯଜ୍ଞେଶ୍ୱର ଦଣ୍ଡପାଟ ପୁନଃ ନିଯୁକ୍ତ

ଭୁବନେଶ୍ୱର, ୨୫ ।୭ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟ ପୁନଃ ନିଯୁକ୍ତ ହୋଇଛନ୍ତି । ଏହା ପୂର୍ବରୁ ମଧ୍ୟ ସେ ଭାରପ୍ରାପ୍ତ କୁଳପତି



ଭାବେ କାର୍ଯ୍ୟରତ ଥିଲେ । ତାଙ୍କ ନିଯୁକ୍ତିକୁ ବେଆଇନ୍ ଦର୍ଶାଇ ହାଇକୋର୍ଟରେ ଏକ ମାମଲା ହୋଇଥିବାରୁ ଦୁଇଦିନ ତଳେ ତାଙ୍କୁ ଭାରପ୍ରାପ୍ତ କୁଳପତି ପଦରୁ ପଦଚ୍ୟୁତ କରାଯାଇଥିଲା । ଭାରପ୍ରାପ୍ତ କୁଳପତି ନିଯୁକ୍ତ କରିବା ପାଇଁ ସରକାର ଅଧ୍ୟାଦେଶ ଆଣିବା ପରେ ପ୍ରଫେସର ଦଣ୍ଡପାଟଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି ।

ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ର ଧାରା ୬(୧) ଅନୁସାରେ ସ୍ଥାୟୀ କୁଳପତି ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ନିକଟସ୍ଥ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ଦେବାର ପ୍ରାବଧାନ ରହିଛି । ହେଲେ ଉତ୍କଳ କ୍ଷେତ୍ରରେ ନିୟମକୁ ଉଲଂଘନ କରି ସେହି ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକଙ୍କୁ ଭାରପ୍ରାପ୍ତ କୁଳପତି କରାଯାଇଥିଲା । ଏହାକୁ ବେଆଇନ୍ ଦର୍ଶାଇ ହାଇକୋର୍ଟରେ ମାମଲା ହୋଇଥିଲା । ଫଳରେ କୁଳାଧିପତି ତାଙ୍କ ନିଯୁକ୍ତିକୁ ବାତିଲ୍ କରିଥିଲେ । ଏହାପରେ ଭାରପ୍ରାପ୍ତ କୁଳପତି ନିଯୁକ୍ତିରେ କୁଳାଧିପତିଙ୍କ କ୍ଷମତାକୁ ବୃଦ୍ଧି କରିବା ପାଇଁ ସରକାର ଅଧ୍ୟାଦେଶ ଆଣିଥିଲେ । ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧିତ ଅଧ୍ୟାଦେଶ ୨୦୨୫ର ଧାରା-୬ ଓ ଉପଧାରା-୧୦ ଅନୁଯାୟୀ ପ୍ରଫେସର ଦଣ୍ଡପାଟଙ୍କୁ ପୁଣିଥରେ କୁଳପତି ଭାବେ ନିଯୁକ୍ତି ଦିଆଯାଇଛି । ନୂତନ କୁଳପତି ନିଯୁକ୍ତ ପର୍ଯ୍ୟନ୍ତ ସେ ଏହି ପଦରେ କାର୍ଯ୍ୟ କରିବେ ବୋଲି କୁଳାଧିପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

■ ଉପରମୁଣ୍ଡରେ ବର୍ଷା

## ହୀରାକୁଦ ବନ୍ଧର ୨୦ ଗେଟ୍ ଖୋଲା

ସମ୍ବଲପୁର, ୨୫।୭ (ସମିସ): ଉପର ମୁଣ୍ଡରେ ବର୍ଷା ଏବଂ ନିୟମ ଅନୁଯାୟୀ ଜଳଭଣ୍ଡାରର ଜଳସ୍ତର ବଜାୟ ରଖିବା ପାଇଁ ହୀରାକୁଦ ଜଳଭଣ୍ଡାର ଆଜି ଆହୁରି ୧୨ଟି ଗେଟ୍ ଖୋଲିଛି । ଗତକାଲି ସୁଦ୍ଧା ୮ଟି ଗେଟ୍ ଖୋଲାଯାଇଥିବାରୁ, ଏବେ ମୋଟ ୨୦ଟି ଗେଟ୍ ଦେଇ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେଉଛି । ନଦୀବନ୍ଧର ବାମପଟର ୧୩ଟି ଗେଟ୍ ଓ ଡାହାଣ ପଟର ୭ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି । ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୯.୩୯ ଫୁଟ୍ ରହିଛି । ଉଲ୍ଲେଖଯୋଗ୍ୟ, ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୦୪.୭୩ ଫୁଟ୍ ରହିଥିଲା । ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ । ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୩୫,୧୬୬ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାରଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ ୨,୯୬,୨୨୦ ଘନଫୁଟ୍, ପାୱାର ଚ୍ୟାନେଲ ଦେଇ ୩୪,୫୧୨ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ୍, କେନାଲ ପାଇଁ ୪,୨୦୦ ଘନଫୁଟ୍ ଜଳ ନିଷ୍କାସିତ ହେଉଛି । ଗତ ୨୪ଘଣ୍ଟାରେ ଉପରମୁଣ୍ଡରେ ୩୪.୮୦ ମିମି ଏବଂ ତଳମୁଣ୍ଡରେ ୧୧.୫୭ ମିମି ବର୍ଷା ହୋଇଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୫,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୮,୪୫୨ କ୍ୟୁସେକ୍, ଖଇରମାଲଠାରେ ୨,୮୨,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୪୧,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୧,୮୪,୨୩୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ ।

ଖାଉଟିଙ୍କୁ ଦୁଃଖ ଦେଉଛି ମନ୍ତ୍ରୀଙ୍କ ବିଭ୍ରାନ୍ତିକର ବୟାନ

# ଅଗଷ୍ଟରେ ବି ମିଳିବନି ଗହମ

ଭୁବନେଶ୍ୱର, ୨୫ ।୭ (ସମିସ): ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଗଷ୍ଟ ମାସରୁ ରାସନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ଗହମ ଯୋଗାଇଦେବାକୁ ସରକାର ନିଷ୍ପତ୍ତି ନେଇଥିବା ଗତ ମାସରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ । ମାତ୍ର ଚଳିତ ମାସର କୋଟା ଯୋଗାଣ ବିଭାଗର ଗୋଦାମ ଓ ଡିଲର୍ ପଏଣ୍ଟରେ ପହଞ୍ଚିଥିଲେ ହେଁ ହିତାଧିକାରୀଙ୍କ ଆବଶ୍ୟକତାନୁସାରେ, ପୂର୍ବଭଳି କେବଳ ଚାଉଳ ଆସିଛି । ତେଣୁ ଏ ମାସରେ ବି ଗହମ ମିଳିବା ଆଶା ସଂପୂର୍ଣ୍ଣ କ୍ଷୀଣ । ପୂର୍ବରୁ ମଧ୍ୟ ମନ୍ତ୍ରୀ ଗହମ ଆବଣ୍ଟନ ପାଇଁ କହିଥିଲେ । ହେଲେ ଲୋକଙ୍କୁ ମିଳି ନ ଥିଲା । ଏମିତିକି ଡିଲର୍‌ମାନେ ଗହମ କୋଟା ହିତାଧିକାରୀଙ୍କଠାରୁ ବାକି ରଖିଥିଲେ । ଗହମ ଯୋଗାଇ ନ ପାରିବାରୁ ପରେ ତାକୁ ଚାଉଳ ଦେଇ ଭରଣା କରିଥିଲେ । ଏବେ ବି ସେହି ସମାନ ଅବସ୍ଥା ଦେଖିବାକୁ ମିଳୁଛି ।

ମନ୍ତ୍ରୀ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ବାରମ୍ବାର ଏଭଳି ମନ୍ତବ୍ୟ ଦେଉଥିବାବେଳେ ବାସ୍ତବରେ ତାହା କାର୍ଯ୍ୟକାରୀ ହୋଇପାରୁନି । ମନ୍ତ୍ରୀଙ୍କ ଏଭଳି ବିବୃତ୍ତି ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପାଇଛି । ବାରମ୍ବାର ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ବିଭ୍ରାନ୍ତିକର

**ଡିଲର୍ ପଏଣ୍ଟରେ ଖାଉଟିଙ୍କୁ କେବଳ ଚାଉଳ ମିଳିବ**

**ହୁ'ହୁ' ବଢ଼ୁଛି ଅଟା ଦର; ଚିନ୍ତାରେ ମଧୁମେହ ରୋଗୀ**



ମତ ମନ୍ତବ୍ୟ ଦେଉଛନ୍ତି । ଆଳୁ ହେଉକି ଗହମ, ବିଭିନ୍ନ ପ୍ରସଙ୍ଗରେ ଖାଉଟିଙ୍କୁ ମିଥ୍ୟା କଥା କହି ମନ୍ତ୍ରୀ ଭୁଆଁ ବୁଲାଉଛନ୍ତି । ଦିନକୁ ଦିନ ରାଜ୍ୟରେ ମଧୁମେହ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଗହମ ଚାହିଦା ବଢ଼ିବାରେ ଲାଗିଛି । ଗରିବ ହିତାଧିକାରୀମାନେ ମଧ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ପାଇବେ ବୋଲି ଆଶାବାନ୍ଧି ବସିଛନ୍ତି । ମାତ୍ର ସରକାର ଲୋକଙ୍କ ଗହମ ତ ଯୋଗାଉ ନାହାନ୍ତି; ବରଂ ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଛନ୍ତି ।

କେନ୍ଦ୍ର ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ପ୍ରତ୍ୟେକ ହିତାଧିକାରୀଙ୍କୁ ସରକାର ମାସକୁ ୫ କେଜି ରାସନ ସାମଗ୍ରୀ ଯୋଗାଉଛନ୍ତି । ପୂର୍ବରୁ ଚାଉଳ ସହ ଗହମ ଯୋଗାଉଥିଲା । ଲୋକେ ନିଜ ଇଚ୍ଛାନୁସାରେ ଚାଉଳ ଓ ଗହମ ଭାଗକରି ନେଉଥିଲେ । ହିତାଧିକାରୀଙ୍କ ମୋଟ ପରିମାଣର ୨୦ ପ୍ରତିଶତ ଗହମ ଯୋଗାଇ ଦିଆଯାଉଥିଲା । ଏମିତିକି କରୋନା କାଳରେ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ମିସନ୍ ସହିତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଆରମ୍ଭ କରିଥିଲେ । ତଦନୁଯାୟୀ, ଲୋକେ ଡବଲ ଚାଉଳ ଓ ଗହମ ପାଉଥିଲେ । କିନ୍ତୁ ୨୦୨୨ ମସିହା ଏପ୍ରିଲ ମାସରୁ କେନ୍ଦ୍ର ସରକାର ଗହମ ଯୋଗାଣ ପ୍ରାୟତଃ ବନ୍ଦ କରି ଦେଇଛନ୍ତି । କେବଳ ଗରିବ କଲ୍ୟାଣ ଅନ୍ନ ଯୋଜନାରେ କିଛିଦିନ ସ୍ୱଳ୍ପ ପରିମାଣରେ ଗହମ ଯୋଗାଉଥିଲେ ମଧ୍ୟ ପରେ ତାହା ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି । ୪ ବର୍ଷ ଧରି ଲୋକଙ୍କୁ ସରକାରୀ ଡିଲର୍ ପଏଣ୍ଟରେ ଗହମ ମିଳୁନି ।

ଏପଟେ ବଜାରରେ ଅଟା ଦର ହୁ'ହୁ' ବଢ଼ିବାରେ ଲାଗିଥିବାରୁ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି । ସୂଚନା ଅନୁସାରେ, ଓଡ଼ିଶାରେ ପ୍ରତିବର୍ଷ ୨୫ ଲକ୍ଷ ମେଟ୍ରିକ୍ ଟନ୍ ଗହମଜାତ ଦ୍ରବ୍ୟ ବିକ୍ରି ହୁଏ । ଏଥିମଧ୍ୟରୁ ସିଂହଭାଗ ହେଉଛି ଅଟା । ପୂର୍ବରୁ ବାର୍ଷିକ ହାରରେ ଅଟା ଦର କ୍ୱିଣ୍ଟାଲ୍ ପ୍ରତି ୩୦ରୁ ୪୦ ଟଙ୍କା ବଢୁଥିବାବେଳେ ଗତ ୪ ବର୍ଷ ହେଲା କ୍ରମାଗତ ଭାବେ ଅଟା ଦର ବଢ଼ିଚାଲିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ଦୁଇ ବର୍ଷ ଭିତରେ କ୍ୱିଣ୍ଟାଲ୍ ପିଛା ପାଖାପାଖି ୧୫ଶହ ଟଙ୍କା ବଢ଼ିସାରିଲାଣି । ତେଣୁ ୧ କିଲୋ ପ୍ୟାକେଟ୍ ଅଟା ୪୫ରୁ ୫୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଖୋଲା ବଜାରରେ ୪୦ ଟଙ୍କାରୁ କମ୍‌ରେ ମିଳୁନି । ତେଣୁ ସାଧାରଣ ପରିବାର ବାଧ୍ୟହୋଇ ୫ କିଲୋ ଜାଗାରେ ଅଢ଼େଇ କିଲୋ ଅଟାରେ ଗୁଜୁରାଣ ମେଣ୍ଟାଉଛନ୍ତି । ତେଣୁ ଗହମ ଯୋଗାଣ ନେଇ ସରକାର ତୁରନ୍ତ ବ୍ୟବସ୍ଥା କରିବାକୁ ଦାବି ହେଉଛି ।

## କମଲ ହସନଙ୍କୁ ନବୀନଙ୍କ ଶୁଭେଚ୍ଛା



ଭୁବନେଶ୍ୱର, ୨୫।୭ (ସମିସ): ରାଜ୍ୟସଭା ସଦସ୍ୟ ଭାବରେ ଶପଥ ଗ୍ରହଣ କରିଥିବା ବିଶିଷ୍ଟ ସିନେ କଳାକାର କମଲ ହସନଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । ଏକ୍ସ ଯୋଗେ ନବୀନ କମଲ୍ ହସନଙ୍କୁ ସିନେମା ଆଇକନ୍ ଦର୍ଶାଇବା ସହ ରାଜ୍ୟସଭା ସଦସ୍ୟ ଭାବେ ସେ ସିନେମା, କଳା ଏବଂ ସଂସ୍କୃତି କ୍ଷେତ୍ରରେ ଅପାର ଅବଦାନ ଦେଇପାରିବେ ବୋଲି କହିଛନ୍ତି । ସଂସଦର ଉଚ୍ଚ ସଦନରେ ତାଙ୍କର ସଫଳ ଏବଂ ଫଳପ୍ରଦ କାର୍ଯ୍ୟକାଳ କାମନା କରୁଛି ବୋଲି ନବୀନ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତ । ପୋଷ୍ଟର ପ୍ରତ୍ୟୁତ୍ତରରେ କମଲ ହସନ ନବୀନଙ୍କୁ ଧନ୍ୟବାଦ ଜଣାଇଛନ୍ତି । କମଲ୍ କହିଛନ୍ତି ଯେ ଆପଣଙ୍କ ରାଷ୍ଟ୍ରନୀତି ଅନେକ ଦିନ ଧରି ପ୍ରେରଣା ଯୋଗାଇ ଆସିଛି । ମୁଁ ଆପଣଙ୍କ କଥାକୁ ଗଭୀର ମୂଲ୍ୟ ଦେଉଛି ଓ ମୋର କର୍ତ୍ତବ୍ୟ ଅନୁଗ୍ରହ ସହିତ ନିର୍ବାହ କରିବାକୁ ଚେଷ୍ଟା କରିବି ବୋଲି କମଲ୍ ହସନ କହିଛନ୍ତି ।

## କାଠଫା ଜଙ୍ଗଲରେ ମାଓ କ୍ୟାମ୍ପ

ନୂଆପଡ଼ା,୨୫।୭ (ସମିସ): ନୂଆପଡ଼ା ଜିଲ୍ଲା ବୋଡେନ୍ ଥାନା କାଠଫା ଛତାପାଣି ଜଙ୍ଗଲରୁ ଆଜି ଯବାନମାନେ ଏକ ମାଓକ୍ୟାମ୍ପ ଠାବ କରିବା ସହ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରିଛନ୍ତି । ତେବେ, ଯବାନମାନେ ପହଞ୍ଚିବା ପୂର୍ବରୁ ମାଓବାଦୀମାନେ ଘଟଣାସ୍ଥଳରୁ ଖସିଯାଇଛନ୍ତି । ଜବତ ବିସ୍ଫୋରକ ଓ ସାମଗ୍ରୀ ମଧ୍ୟରେ ଗୋଟିଏ ଦେଶୀ ବନ୍ଧୁକ, ୨୪ଟି ଗୁଳି, ୧୦ଟି ଜେଲୋଟିନ୍ ଷ୍ଟିକ୍, ୩ଟି ଇଲେକ୍ଟ୍ରିକ୍ ଡିଟୋନେଟର୍, ୫୦ ଗ୍ରାମ୍ ଗନ୍‌ପାଉଡର୍, ୨ଟି ସୋଲାର୍ ପ୍ଲେଟ୍, ୱାକିଟକି, ମୋବାଇଲ ଚାର୍ଜର୍, ହେୟାର ଟ୍ରିମର୍, ୱାୟାରକଟର୍, ବ୍ୟାଟେରୀ, ଛତା, ଚପଲ ସହ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ରହିଛି । ତେଣୁ, ଜଙ୍ଗଲରେ ଆଉ କିଛି ମାଓବାଦୀଙ୍କ ଉପସ୍ଥିତି ସନ୍ଦେହରେ କମ୍ବିଂ ଅପରେସନ୍‌କୁ ଜୋରଦାର୍ କରାଯାଇଥିବା ନୂଆପଡ଼ା ଏସ୍‌ପି ଜି.ଆର୍ ରାଘବେନ୍ଦ୍ର ସୂଚନା ଦେଇଛନ୍ତି ।

**ବିସ୍ଫୋରକ ଜବତ, ମାଓବାଦୀ ଚମ୍ପଟ**

ଗୋଟିଏ ପରେ ଗୋଟିଏ ବଡ଼ ଅପରେସନ୍ ଯୋଗୁଁ ପଡ଼ୋଶୀ ଛତିଶଗଡ଼ରୁ ମାଓବାଦୀମାନେ ଜୀବନ ବିକଳରେ ସୀମା ଡେଇଁ ଓଡ଼ିଶାକୁ ଚାଲି ଆସିଛନ୍ତି । କିଛି ମାଓବାଦୀ ନୂଆପଡ଼ା ଜିଲ୍ଲା ସୀମାନ୍ତ ସୁନାବେଡ଼ା ଅଭୟାରଣ୍ୟର କାଠଫାର ଛତାପାଣି ଜଙ୍ଗଲ ଅଞ୍ଚଳରେ ଲୁଚି ରହିଥିବା ଖବର ପାଇ ଏସ୍‌ପି ଶ୍ରୀ ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ଡିଭିଏଫ୍ ଏବଂ ସିଆର୍‌ପିଏଫ୍ ବାଟାଲିୟନ୍-୧୯ର ଯବାନମାନେ ଜଙ୍ଗଲରେ କମ୍ବିଂ ଅପରେସନ୍ କରିଥିଲେ । ହେଲେ, ଏ ସଂପର୍କରେ ଆଗୁଆ ଖବର ପାଇ ମାଓବାଦୀମାନେ ସେଠାରୁ ଖସି ପଳାଇଥିଲେ । ପୁଲିସ୍ ଖାନତଲାସି କରି ସେଠାରୁ ଏହି ମାଓକ୍ୟାମ୍ପ ଠାବ କରିଥିଲା ।

## ବଜ୍ରପାତରେ ଚାଷୀ ମୃତ

ବହଳଦା, ୨୫।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ କାଦୁଆଣି ଗ୍ରାମର ପରେଶ ଚନ୍ଦ୍ର ମହାନ୍ତ (୬୫)ଙ୍କ ଆଜି ବଜ୍ରପାତରେ ମୃତ୍ୟୁ ହୋଇଛି । ସେ ଆଜି ଅପରାହ୍ଣରେ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଏହି ଅଘଟଣ ଘଟିଛି । ଦୀର୍ଘ ସମୟ ଧରି ସେ ବିଲରେ ସେମିତି ନିଶ୍ଚଳ ଅବସ୍ଥାରେ ପଡ଼ି ରହିଥିଲେ ହେଁ ଆଖପାଖ ବିଲରେ କାମ କରୁଥିବା ଲୋକେ ଏ ସଂର୍କରେ ଜାଣି ପାରିନଥିଲେ । କାମ ସାରି ଫେରିବା ବେଳକୁ ଏହା ଦେଖି ତାଙ୍କ ପରିବାରକୁ ଜଣାଇଥିଲେ । ପରିବାରଲୋକେ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବହଳଦା ପୁଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି ।

## ପୋଖରୀ ତୁଠରେ ଯୁବତୀଙ୍କୁ ଅସଦାଚରଣ; ୪ ଗିରଫ

ନୀଳଗିରି, ୨୫।୭ (ସମିସ): ପୋଖରୀ ତୁଠରେ ଜଣେ ଯୁବତୀଙ୍କୁ ଅସଦାଚରଣ



ଅଭିଯୋଗରେ ବରହମପୁର ପୁଲିସ୍ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ, ଶଙ୍କରା ହେମ୍ରମ୍ (୨୧), ବାସୁ ହେମ୍ରମ (୨୬), ଠୁଲୁକାଏ ମୁର୍ମୁ (୩୦) ଓ ସାମ୍ନା କିସ୍କୁ (୩୦) । ସୂଚନାନୁଯାୟୀ, ଗତ ୨୪ ତାରିଖ ଦିନ ପ୍ରାୟ ୧ଟାରେ ଛତ୍ରପୁର ପଞ୍ଚାୟତ ଅଞ୍ଚଳର ଜଣେ ୨୦ବର୍ଷୀୟା ଯୁବତୀ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ସେ ତୁଠରେ ବସି ଲୁଗାସଫା କରୁଥିବା ବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ତାଙ୍କୁ ଅସଦାଚରଣ କରିଥିଲେ । ଯୁବତୀଜଣଙ୍କ ପାଟି କରିବାରୁ ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିଲେ । ଆଜି ଯୁବତୀଙ୍କ ପରିବାରଲୋକ ଏ ସଂପର୍କରେ ଥାନାରେ ଅଭିଯୋଗ କରିବାରୁ ଆଇଆଇସି ପ୍ରେମଦା ନାୟକ ଘଟଣାକୁ ଗୁରୁତ୍ୱର ସହ ନେଇ ୪ଯୁବକଙ୍କୁ ଗିରଫ କରିଥିଲେ । ତଦନ୍ତକାରୀ ଅଫିସର୍ ନନ୍ଦକିଶୋର ବିଶ୍ୱାଳ ସେମାନଙ୍କୁ କୋର୍ଟଚାଲାଣ କରିଛନ୍ତି । ଏନେଇ ଥାନାରେ ନମ୍ବର ୯୩/୨୫ରେ ଏକ ମାମଲା ରୁଜୁ ହୋଇଛି ।

ବିକଶିତ ହେବ ବାରିପଦା ସହରାଞ୍ଚଳ

## ଗଠନ ହେବ ଯୁଗ୍ମ ଟେକ୍ନିକାଲ୍ କମିଟି

ଭୁବନେଶ୍ୱର, ୨୫।୭ (ସମିସ): ଉତ୍ତର ଓଡ଼ିଶାର ପ୍ରମୁଖ ସହର ବାରିପଦାକୁ ଉନ୍ନତ ସହରୀ ଭିତ୍ତିଭୂମି ଯୋଗାଇ ଦେବାକୁ ଲୋକସେବା ଭବନ ପରିସରରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାରିପଦା ସହର ପାଇଁ ଏକ ଯୁଗ୍ମ ଟେକ୍ନିକାଲ୍ କମିଟି ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଏହି କମିଟି ବାରିପଦାର ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏଥିରେ ବିଭିନ୍ନ ବିଭାଗର ଅଧିକାରୀମାନେ ରହିବେ । ତଥ୍ୟ ସଂଗ୍ରହ, ଭୂ-ଉପଯୋଗ, ଭୌଗୋଳିକ ମ୍ୟାପିଂ, ଯୋଜନାର ସମନ୍ୱୟ କରି ଏକ ଭବିଷ୍ୟତ ନକ୍ସା ପ୍ରସ୍ତୁତ କରାଯିବ । ଭବିଷ୍ୟତ ଜନସଂଖ୍ୟାକୁ ଧ୍ୟାନରେ ରଖି ଭୂମି ଉପଯୋଗ ଯୋଜନା, ରେଳ ଓ ରାଜପଥ ସଂଯୋଗ ସହ ସହରର ଯାତାୟାତ ଓ ଗତିଶୀଳତା, ପାନୀୟଜଳ, ଆବାସ ଯୋଜନା ଓ ଆବଶ୍ୟକ ପୂର୍ବକ ଅବସ୍ଥାପନା, ବାରିପଦାର ସାଂସ୍କୃତିକ ଓ ପ୍ରାକୃତିକ ପରିଚୟକୁ ରକ୍ଷା କରିବା ପାଇଁ ଇକୋ-ସେନ୍‌ସିଟିଭ ଜୋନିଂ କରିବା ସହିତ 'ରାଜ୍ୟର ବିକଶିତ ଓଡ଼ିଶା ୨୦୩୬' ଦୃଷ୍ଟିକୋଣରେ ନିୟୋଜିତ ଏବଂ ସମନ୍ୱିତ ଉନ୍ନତି ଉପରେ ଗୁରୁତ୍ୱାରୋପ କରାଯାଇଛି ।

ବୈଠକରେ ଅଧ୍ୟକ୍ଷତା କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ବାରିପଦାକୁ ଏକ ଆଧୁନିକ, ସୁବ୍ୟବସ୍ଥିତ ଓ ଅନୁକୂଳ ସହର ଭାବେ ବିକାଶିତ କରାଯିବ । ଏହି ପ୍ରକ୍ରିୟାରେ ଜନସାଧାରଣଙ୍କ ଅଂଶଗ୍ରହଣ ଓ ପାରଦର୍ଶିତାକୁ ସୁନିଶ୍ଚିତ କରାଯିବ ବୋଲି ସେ କହିଥିଲେ । ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ ବାରିପଦା ସହର ବିକାଶ ଗୁରୁତ୍ୱ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-କମ୍-ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ଭାରତୀୟ ରେଳ, ଜାତୀୟ ରାଜପଥ ସମେତ ନଗର ଯୋଜନା ବିଶେଷଜ୍ଞମାନେ ଓ ଅନ୍ୟାନ୍ୟ ବିଭାଗର ପଦସ୍ଥ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।

## ଅକ୍ଷୟଶକ୍ତି ପ୍ରକଳ୍ପ ପାଇଁ ୮୬୯.୮ କୋଟିର ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର, ୨୫ ।୭ (ସମିସ): ରାଜ୍ୟରେ ୮୬୯.୮ କୋଟି ଟଙ୍କା ବିନିଯୋଗରେ ମୋଟ ୧୬୮ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ କରିବା ପାଇଁ ସରକାର ଅନୁମୋଦନ ଦେଇଛନ୍ତି । ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱାଦଶ ସିଙ୍ଗଲ୍‌ୱିଣ୍ଡୋ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବୈଠକରେ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ରଥଙ୍କ ସମେତ ଗ୍ରିଡ୍‌କୋ ଏବଂ ଓଏଚ୍‌ପିସିର ନିର୍ଦ୍ଦେଶକ, ସର୍ବୋଚ୍ଚ ଯନ୍ତ୍ରୀ ଓ ଅନ୍ୟାନ୍ୟ ବରିଷ୍ଠ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ । ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା (ଆର୍‌ଇଏନ୍‌ଏ) ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ଏହି ବୈଠକରେ ଉପସ୍ଥାପନ କରିଥିଲେ । ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁରରେ ପ୍ରୋଜିଏଲ୍ ଗ୍ରୀନ ଏନର୍ଜି ଲିମିଟେଡ ଦ୍ୱାରା ୬୯.୫ ମେଗାୱାଟ୍ ସୋଲାର୍ ପାର୍କ, କେନ୍ଦୁଝର ଜିଲ୍ଲାର ତେଲକୋଇ ଠାରେ ଆଇନକ୍ସ ସୋଲାର୍ ଲିମିଟେଡ୍ ଦ୍ୱାରା ୪୯.୫ ମେଗାୱାଟ୍ ସୋଲାର୍ ପ୍ରକଳ୍ପ, ଝାରସୁଗୁଡ଼ାର ଲଖନପୁରଠାରେ ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ୧୦ ମେଗାୱାଟ୍‌ର ସୋଲାର୍ ପ୍ରକଳ୍ପ ଓ ନବରଙ୍ଗପୁର ପାପଡ଼ାହାଣ୍ଡିରେ ଏନ୍‌ଏଲ୍‌ସି ଦ୍ୱାରା ପବନ ଶକ୍ତି ପ୍ରକଳ୍ପ ଆଦି ରହିଛି । ଏହି ପ୍ରକଳ୍ପଗୁଡ଼ିକ ସମେତ ଏପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ କମିଟି ମାଧ୍ୟମରେ ମୋଟ ୧,୮୪୪.୮୬ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ମୋଟ ୧୨,୫୯୯.୭୯ କୋଟିର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଅନୁମୋଦନ ଲାଭ କରିଛି ।

ଫକୀରମୋହନ ଛାତ୍ରୀ ଆତ୍ମଦାହ ଘଟଣା

# କ୍ରାଇମ୍‌ବ୍ରାଞ୍ଚର ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା

ବାଲେଶ୍ୱର, ୨୫।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ଉପରୁ ଖୁବ୍‌ଶୀଘ୍ର ପରଦା ହଟିପାରେ । ୟୁଜିସି ଏବଂ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ଟିମ୍ ତଦନ୍ତ କରି ଫେରିଥିବା ବେଳେ କ୍ରାଇମବ୍ରାଞ୍ଚର ତଦନ୍ତ ଗତକାଲି ଆପାତତଃ ସରିଥିବା କୁହାଯାଉଛି । ଗତକାଲି ସୁଦ୍ଧା ଲଗାତାର ୮ ଦିନ ଧରି କ୍ରାଇମବ୍ରାଞ୍ଚର ଟିମ୍ କଲେଜ ଓ ଆଖପାଖ ଅଞ୍ଚଳରେ ତଦନ୍ତ କରିବା ସହ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ତଥ୍ୟ ସଂଗ୍ରହ କରିଥିଲା । କିନ୍ତୁ ଆଜି ତଦନ୍ତକାରୀ ଟିମ୍ କଲେଜ ମାଟି ମାଡ଼ି ନଥିବା ଭାରପ୍ରାପ୍ତ ଅଧ୍ୟକ୍ଷ କହିଛନ୍ତି । ଶେଷଥର ପାଇଁ ଗତକାଲି ଏହି ତଦନ୍ତକାରୀ ଟିମ୍ କଲେଜକୁ ଯାଇ ଇଷ୍ଟକ୍ୟାମ୍ପସ୍‌ରେ ଥିବା ପିଲାମାନଙ୍କୁ ପଚରାଉଚରା କରିଥିଲେ ବୋଲି ସେ କହିଛନ୍ତି । ତେଣୁ, ଖୁବ୍‌ଶୀଘ୍ର ତଦନ୍ତ ରିପୋର୍ଟ ପଦାକୁ ଆସିପାରେ ବୋଲି କୁହାଯାଉଛି ।

ଶେଷଥର ପାଇଁ ଗତକାଲି କ୍ରାଇମବ୍ରାଞ୍ଚର ଦୁଇଜଣିଆ ଟିମ୍ କଲେଜ ପାଖ ଅଞ୍ଚଳରେ



**ଶେଷଥର ଗତକାଲି କଲେଜକୁ ଯାଇ ତନାଘନା କରିଥିଲା**

**ଇଷ୍ଟ-କ୍ୟାମ୍ପସ୍ ପିଲାଙ୍କୁ ପଚରାଉଚରା**

**ବିଏଡ୍ ସହ ଅନ୍ୟ ବିଭାଗ ଛାତ୍ରଛାତ୍ରୀଙ୍କଠାରୁ ତଥ୍ୟ ସଂଗ୍ରହ**

ତନାଘନା କରିବା ପରେ କଲେଜକୁ ଯାଇଥିଲା । ପ୍ରଥମେ କଲେଜ ଅଧ୍ୟକ୍ଷଙ୍କ ଚାମ୍ବରକୁ ଯିବା ପରେ ଇଷ୍ଟ କ୍ୟାମ୍ପସ୍‌କୁ ଯାଇଥିଲା । ଇଷ୍ଟ କ୍ୟାମ୍ପସ୍‌ରେ ବିଏଡ୍ ବିଭାଗ ସହ ଅନ୍ୟ ବିଭାଗ ମଧ୍ୟ ରହିଛି । ସେଠାରେ କ୍ରାଇମବ୍ରାଞ୍ଚ ବିଏଡ୍ ଛାତ୍ରଛାତ୍ରୀଙ୍କ ସହ ଅନ୍ୟ ପିଲାମାନଙ୍କୁ ମଧ୍ୟ ପଚରାଉଚରା କରିଥିବା ଜଣାପଡ଼ିଛି । ସେମାନଙ୍କଠୁ ଘଟଣା ବାବଦରେ ଅଧିକ ତଥ୍ୟ ଯୋଗାଡ଼ କରିଛି । ମୃତ ସୌମ୍ୟାଶ୍ରୀ ବିଏଡ୍ ବିଭାଗ ଛାତ୍ରୀ ହୋଇଥିବାରୁ ଉକ୍ତ ବିଭାଗର ଛାତ୍ରଛାତ୍ରୀଙ୍କୁ ମଧ୍ୟ ପଚରାଉଚରା କରାଯାଇଛି ।

ପ୍ରକାଶଥାଉକି, ଗତ ରବିବାର ଦିନ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମହାବିଦ୍ୟାଳୟରେ ପାଖାପାଖି ତିନି ଘଣ୍ଟା ଧରି ତଦନ୍ତ କରିବା ପରେ ଆଇଜି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ । ବିଶେଷକରି ତଦନ୍ତ ବେଳେ କ୍ରାଇମବ୍ରାଞ୍ଚ ଗୁଡ଼ିଏ ତଥ୍ୟ ସଂଗ୍ରହ କରିଛି । ଘଟଣା ବାବଦରେ ବହୁତ କିଛି ଲିଡ୍ ମଧ୍ୟ ମିଳିଥିବା କଥା ସେ ପ୍ରକାଶ କରିଥିଲେ । ଏହି ଘଟଣାରେ ବହୁ ଜଣ ସାକ୍ଷୀ ରହିଛନ୍ତି । ସାକ୍ଷୀମାନଙ୍କ ବୟାନ ଘଟଣା ପୂର୍ବରୁ ଏବଂ ପରର ସଂଗ୍ରହ ହୋଇଥିଲା । ସମସ୍ତ ସିସିଟିଭି ଫୁଟେଜ୍ ସଂଗ୍ରହ କରାଯାଇଛି । ପ୍ରତ୍ୟକ୍ଷଦର୍ଶୀ, କମିଟି ସଦସ୍ୟ, ବୈଠକର ଥିବା ସମସ୍ତଙ୍କ ମତ ସଂଗ୍ରହ କରାଯାଇଛି । ଫାଇନାଲ୍ ରିପୋର୍ଟରେ ସବୁ ରହିବ ବୋଲି ସେ ସୂଚନା ଦେଇଥିଲେ ।

## ଅଧ୍ୟାପକ ସମୀରଙ୍କ ଜାମିନ ଆବେଦନ ଖାରଜ

**ଭିସି ମାଧ୍ୟମରେ କୋର୍ଟରେ ହାଜର**

**ଅଧିକ ୧୪ ଦିନ ଜେଲ୍ ଅବଧି ବୃଦ୍ଧି**

ବାଲେଶ୍ୱର, ୨୫।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ଗିରଫ ହୋଇଥିବା ଅଧ୍ୟାପକ ସମୀର ସାହୁଙ୍କ ଆଜି ଜାମିନ ଆବେଦନ ଖାରଜ ହୋଇଯାଇଛି । ଏଥିସହ ତାଙ୍କର ବିଚାର ବିଭାଗୀୟ ହାଜତ ଅବଧିକୁ ଆଉ ୧୪ ଦିନ ବଢ଼ାଇ ଦିଆଯାଇଛି । ଆଜି ସମୀର ଭିଡିଓ କନ୍‌ଫରେନ୍ସ ଜରିଆରେ କୋର୍ଟରେ ହାଜର ହୋଇଥିଲେ । ତେବେ ଏସ୍‌ଡିଜେଏମ୍ କିଶୋର କୁମାର ନାଥ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ ।

ପ୍ରକାଶ ଥାଉ କି, ସମୀର ସାହୁ ମହାବିଦ୍ୟାଳୟ ବିଏଡ୍ ବିଭାଗର ବିଭାଗୀୟ ମୁଖ୍ୟ (ଏଚ୍‌ଓଡି) ଥିଲେ । ଛାତ୍ରୀ ସୌମ୍ୟାଶ୍ରୀ ବିଶି ତାଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଥିଲେ । ମାତ୍ର ଏନେଇ କଲେଜରୁ ତାଙ୍କୁ ନ୍ୟାୟ ନମିଳିବାରୁ ଗତ ୧୨ତାରିଖରେ ସେ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ନିଜକୁ ନିଆଁ ଲଗାଇ ଦେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏହି ଘଟଣା ଦିନ ସମୀରଙ୍କୁ ଗିରଫ କରାଯିବା ସହ ଚାକିରିରୁ ନିଲମ୍ବନ କରାଯାଇଥିଲା । ଆଜି ତାଙ୍କର ୧୪ଦିନିଆ ବିଚାର ବିଭାଗୀୟ ଅବଧି ଶେଷ ହୋଇଥିଲା ।

# ନଦୀରୁ ବେଆଇନ୍ ବାଲି ଉତ୍ତୋଳନ କରୁଛି ଠିକାସଂସ୍ଥା

କବାଟବନ୍ଧ, ୨୬।୭ (ସମିସ)



ବ୍ରାହ୍ମଣୀ ବ୍ରିଜତଳୁ ବାରମ୍ବାର ବେଆଇନ ବାଲି ଉତ୍ତୋଳନ କରି ନିଜ କାର୍ଯ୍ୟରେ ବ୍ୟବହାର କରୁଛି ବ୍ରିଜ ନିର୍ମାଣକାରୀ ଠିକା ସଂସ୍ଥା ଏମ୍‌ଏସ୍‌ଆଇଏଲ୍। ଧର୍ମଶାଳା ତହସିଲ ଅନ୍ତର୍ଗତ ବଳରାମପୁର ରାଜସ୍ୱ ନିରୀକ୍ଷକ-୨ କାର୍ଯ୍ୟାଳୟ ଅଧୀନ ବ୍ରାହ୍ମଣୀ ବ୍ରିଜର ବନ୍ଧ ନିକଟରୁ ହାଇୱା ଓ ପ୍ରୋକ୍ଲିନ ମେସିନ ସାହାଯ୍ୟରେ ଗତ ଦୁଇ ଦିନ ଧରି ଶହ ଶହ କ୍ୟୁବିକ ମିଟର ବାଲି ବେଆଇନ ଉତ୍ତୋଳନ ଏବଂ ପରିବହନ କରି ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଛି ଠିକା ସଂସ୍ଥା। ଏପରିକି ଉକ୍ତ ସ୍ଥାନରେ କେନ୍ଦ୍ରୀୟ ଜଳ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଳର ସ୍ତର ମାପିବା ପାଇଁ ପୋତାଯାଇଥିବା ୩ଟି ଗେଜ୍ ପିଲାରରୁ ଦୁଇଟି ସେଠାରେ ନ ଥିବା ଜଣାପଡ଼ିଛି। ପୂର୍ବରୁ ଏନେଇ ଲଘୁ ଖଣିଜ ବିଭାଗ ପକ୍ଷରୁ ନିର୍ଦ୍ଦେଶ ପରେ ରାଜସ୍ୱ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମାତ୍ର କୋହଳ କାର୍ଯ୍ୟାନୁଷ୍ଠାନ ପାଇଁ ଠିକା ସଂସ୍ଥା ଏହାକୁ ଖାତିର କରୁନାହିଁ। ସୂଚନା ମୁତାବକ ଚଣ୍ଡିଖୋଲ -ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ଏବଂ ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାମ ଚାଲୁରହିଛି। ଏହାର ନିର୍ମାଣ କାର୍ଯ୍ୟ ଏମ୍‌ଏସଆଇଏଲ୍ ନାମକ ଠିକା ସଂସ୍ଥା କରୁଥିବା ବେଳେ ପୁରୁଣା ବ୍ରାହ୍ମଣୀ ସେତୁକୁ ବିପଦକୁ ଠେଲି ଦେଇଛି। ସେତୁର ସୁରକ୍ଷା ଦୃଷ୍ଟିରୁ ସେତୁ ନିକଟରୁ କୌଣସି ସ୍ଥାନରୁ ବାଲି ଉତ୍ତୋଳନ ନ କରିବା ପାଇଁ କଡ଼ା ନିର୍ଦ୍ଦେଶ ରହିଛି। ଗତ ଦୁଇ ଦିନ ଧରି ଦିନ ଦ୍ୱିପହର କମ୍ପାନୀ ଏହାର ବାଲି ଆବଶ୍ୟକତା ପାଇଁ ପୁରୁଣା ବ୍ରିଜ ଖୁଣ୍ଟର ଅତି ନିକଟରୁ ଗଭୀର କରି ବାଲି ତାଡ଼ି ନେଇଛି। ଠିକା ସଂସ୍ଥା ଏମ୍‌ଏସଆଇଏଲ୍‌ର ମନମାନି ଏବଂ ବେଆଇନ କାର୍ଯ୍ୟ ପାଇଁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ପ୍ରଶାସନର କୋହଳ କାର୍ଯ୍ୟାନୁଷ୍ଠାନ ପାଇଁ ଏହାର ପୁନରାବୃତ୍ତି ହେଉଥିବା ଅଭିଯୋଗ କରିଛନ୍ତି।

ପୂର୍ବରୁ ଗତ ଅଗଷ୍ଟ ମାସ ୧୬ ତାରିଖରେ ବ୍ରିଜ ତଳୁ କମ୍ପାନୀ ବାଲି ତାଡୁଥିବା ନେଇ ଅଭିଯୋଗ ହେଲାପରେ ଲଘୁ ଖଣିଜ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ବଳରାମପୁର ରାଜସ୍ୱ ନିରୀକ୍ଷକ-୧, ବଳରାମପୁର ରାଜସ୍ୱ ନିରୀକ୍ଷକ-୨ ଉକ୍ତ ସ୍ଥାନରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ପ୍ରୋକ୍ଲିନ ମେସିନ ଦ୍ୱାରା ହାଇୱାରେ ବାଲି ଲୋଡ଼ ହେଉଥିବା ଦେଖିବାକୁ ମିଳିଥିଲା। ଏହା ରାଇଛନ୍ଦା ମୌଜା ଖାତା ନମ୍ବର ୪୮୧ ପ୍ଲଟ ନମ୍ବର ୨ ରକବା ଏ ୨୮୩.୮୧ ସ୍ୱ ଏ ୦.୧୦ କିସମ ନଦୀ ଆବାଦ ଅଯୋଗ୍ୟ ଅନାବାଦୀ ବୋଲି ରାଜସ୍ୱ ବିଭାଗ ସ୍ଥାନ ଚିହ୍ନଟ କରି ଉକ୍ତ ସ୍ଥାନରୁ ପାଖାପାଖି ୯୦୦ ସିଏମ୍ ବାଲି ଖନନ କରାଯାଇ ଚୋରା ଚାଲାଣ କରାଯାଇଥିବା ତଦନ୍ତ ରିପୋର୍ଟରେ ଦର୍ଶାଇଥିଲେ। ଏହା ପରେ ମଧ୍ୟ ଗତ ଜାନୁଆରୀ ୭ ତାରିଖରେ ପୁନର୍ବାର ବାଲି ଉତ୍ତୋଳନ କରି ନିଜ କାମରେ ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ବାରମ୍ବାର ଏଭଳି ବେଆଇନ ଉତ୍ତୋଳନ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଇ ଏକ ପ୍ରକାର ପ୍ରୋତ୍ସାହନ ଯୋଗାଉ ଥିବା ଅନୁଭବ ହେଉଛି। କମ୍ପାନୀ ବାଲି ତାଡ଼ି ନେବା ଫଳରେ ଖୁଣ୍ଟ ଦୁର୍ବଳ ହୋଇ ଦୀର୍ଘ ପ୍ରାୟ ୬୦ ବର୍ଷର ପୁରୁଣା ସେତୁ ଭାଙ୍ଗିବାର ସମ୍ଭାବନା ରହିଛି। ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣରେ ବ୍ୟବହାର ଆଳ ଦେଖାଇ ହଜାର ହଜାର ଟନ୍ ବାଲି ଉଠାଇ ଅନ୍ୟତ୍ର ପରିବହନ କରୁଛି। କମ୍ପାନୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

# ଭତ୍ତାରୁ ବଞ୍ଚିତ ଦିନ ମଜୁରିଆ କେଦାରନାଥ

କୟାଁଗୋଲା, ୨୬।୭ (ସମିସ): ଦଶରଥପୁର ବ୍ଲକ ଅଧୀନସ୍ଥ କୟାଁ ପଞ୍ଚାୟତ ଧରମପୁର ଗ୍ରାମର କେଦାରନାଥ ଦାସ ଭତ୍ତାରୁ ବଞ୍ଚିତ ଅଛନ୍ତି, ସରକାରୀ ନିମାନୁଯାୟୀ ୬୦ ବର୍ଷ ହେଲେ ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ମିଳିଥାଏ। ସରକାରୀ କର୍ମଚାରୀଙ୍କ ବେପୁରିଆ ନୀତି ଯୋଗୁଁ ଭୋଗୁଛନ୍ତି ନିରୀହ ଅପାଠୁଆ ଲୋକେ। ଧରମପୁର ଗ୍ରାମର କେଦାରନାଥ ଦାସଙ୍କ ବୟସ ହେଲାଣି ପ୍ରାୟ ୬୫। ପୁଣି ସେଥିରେ ରୋଗରେ ଆକ୍ରାନ୍ତ। ଆଧାର କାର୍ଡର ବୟସ ଭୁଲ୍ ଯୋଗୁଁ ଭତ୍ତାରୁ ବଞ୍ଚିତ ହୋଇଛନ୍ତି ସେ। ସେ ଜଣେ ଗରିବ ଶ୍ରେଣୀୟ ଲୋକ। ଗାଁରେ ବୁଲିବୁଲି ଦିନ ମଜୁରିଆ ଭାବେ କାମ କରନ୍ତି। ଯାହା ପଇସା ରୋଜଗାର କରନ୍ତି ୪ ପ୍ରାଣୀ କୁଟୁମ୍ବ କଷ୍ଟେମଷ୍ଟେ ଚଳନ୍ତି। ଆଧାର ସଂଶୋଧନ କରିବାକୁ ବାରମ୍ବାର ଦୌଡି ଦୌଡ଼ି ନିରାଶ ହୋଇ ବସିଛନ୍ତି। ବୟସର ପ୍ରମାଣ କୌଣସି ସରକାରୀ କାଗଜପତ୍ର ନଥିବାରୁ ଏହା ଆଧାର କେନ୍ଦ୍ରରେ ସଠିକ ବୟସ ସଂଶୋଧନ ହେଇପାରୁ ନାହିଁ। ଏ ନେଇ କେଦାରନାଥ ବାରମ୍ବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି କେଦାରନାଥ ନିଜେ ସଫେଇ ଦେଇଛନ୍ତି। ତେବେ ନୂତନ ଜିଲ୍ଲାପାଳ ରୋଗାକ୍ରାନ୍ତ କେଦାର ଉପରେ ଶୁଭ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ୨୭ରେ କଳିଙ୍ଗନଗର ବୁଲେଟିନର ଆଲୋଚନାଚକ୍ର

ବ୍ୟାସନଗର, ୨୬।୭ (ସମିସ): ବ୍ୟାସନଗରରୁ ଦୀର୍ଘ ଦଶନ୍ଧି ଧରି ପ୍ରକାଶ ପାଇ ଆସୁଥିବା ପାକ୍ଷିକ ସମ୍ବାଦପତ୍ର କଳିଙ୍ଗନଗର ବୁଲେଟିନ ପକ୍ଷରୁ ଆସନ୍ତା ଜୁଲାଇ ୨୭ ତାରିଖ ରବିବାର ଅପରାହ୍ଣ ୪ ଘଟିକା ସମୟରେ ସ୍ଥାନୀୟ ଏକ ହୋଟେଲରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହି ଆଲୋଚନାଚକ୍ରରେ ବର୍ତ୍ତମାନ ସମୟରେ ମହିଳାଙ୍କ ସ୍ଥିତି ଏବଂ ସାମର୍ଥ୍ୟର ବ୍ୟାଖ୍ୟା କରାଯିବା ସହିତ 'ସାଧାରଣ ମହିଳାଙ୍କ ସାମର୍ଥ୍ୟରେ ସୁଭଦ୍ରା ଶକ୍ତି' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ପର୍ଯ୍ୟବେସିତ ହେବ। ଏହି ଆଲୋଚନାଚକ୍ରରେ ଅତିଥି ଭାବରେ ଉପସ୍ଥିତ ରହିବାକୁ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଆକାଶ ଦାସ ନାୟକ, କଂଗ୍ରେସ ମୁଖପାତ୍ର ଡ. ମନିଷା ଦାସ ପଟ୍ଟନାୟକ, ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟ କେନ୍ଦ୍ରାପଡ଼ାର ଅଧ୍ୟାପିକା ସ୍ନିଗ୍ଧା ନାୟକ ପ୍ରମୁଖ ସେମାନଙ୍କର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ସମ୍ବାଦପତ୍ର ପରିବାର ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୬ ଜଣ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସମ୍ପାଦକ ହାରାଧନ ବାନାର୍ଜୀ ସୂଚନା ଦେଇଛନ୍ତି।

# ଟ୍ରକ୍ ଓଲଟି ଚାଳକ ଗୁରୁତର



ପାଣିକୋଇଲି, ୨୬।୭ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସାହାପୁର ନିକଟରେ ଏକ ୪୦୭ (ମିନି ଟ୍ରକ) ଭାରସାମ୍ୟ ଦୁର୍ଘଟଣା ହୋଇଥିବା ବେଳେ ଚାଳକ ଆହତ ହୋଇଛି। ପ୍ରକାଶଯେ କୁଆଖିଆରୁ ଏକ ଖାଲି ୪୦୭ (ଓଡି ୦୫ ପି ୪୫୬୬) ଜାତୀୟ ରାଜପଥରେ ଯାଜପୁରରୋଡ ଅଭିମୁଖେ ଯାଉଥିଲା। ସାହାପୁର ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରରେ ପିଟି ହୋଇ ଓଲଟି ପଡ଼ିଥିଲା। ଫଳରେ ଚାଳକ କୁଆଖିଆର ଅଜୟ ମଳିକ ଆହତ ହୋଇଥିଲେ। ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ସେଠାରେ ପହଞ୍ଚି ଚାଳକୁ ଉଦ୍ଧାର କରି ମସୁଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକତ୍ସା କରିଛନ୍ତି। ପରେ ପୁଲିସ ପହଞ୍ଚି ଗାଡି ଜବତ କରି ତଦନ୍ତ ଚଳାଇଛି।

# ଟ୍ରକ୍ ଦୁର୍ଘଟଣାରେ ବ୍ୟବସାୟୀ ଗୁରୁତର

ପାଣିକୋଇଲି, ୨୬।୭ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଓଭରବ୍ରିଜର ଅନତୀଦୂର ଜଗନ୍ନାଥ ହୋଟେଲ ନିକଟରେ ଆଜି ଅପରାହ୍ଣରେ ଟ୍ରକ ଦୁର୍ଘଟଣାରେ ଜଣେ ବ୍ୟବସାୟୀ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶଯେ ପାଣିକୋଇଲିରେ ଆର୍‌କେ ଟ୍ରାନ୍ସପୋର୍ଟର ମାଲିକ ବିଜୟ କୁମାର ବେହେରା (୫୩) ତାଙ୍କ ଟ୍ରାନ୍ସପୋର୍ଟ ସମ୍ମୁଖ ଜାତୀୟ ରାଜପଥର ପାର୍ଶ୍ୱରେ ଘରଭଡ଼ା ନେଇ ରହୁଛନ୍ତି। ଆଜି ଟ୍ରାର୍ନ୍ସପୋର୍ଟରୁ ରାଜପଥ ପାର ହୋଇ ଘରକୁ ଫେରୁଥିବା ବେଳେ ଓଭରବ୍ରିଜରୁ ଗଡୁଥିବା ଏକ ଟ୍ରକ (ଓଡି୦୫ବିଏନ ୭୬୨୯) ରାସ୍ତା ପାର୍ଶ୍ୱରେ ତାଙ୍କୁ ଧକ୍କା ଦେଇ ପଳାଉଥିଲା। ସ୍ଥାନୀୟ ଲୋକମାନେ ବିଜୟଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକତ୍ସାଳୟକୁ ପଠାଇବା ସହ ଟ୍ରକ୍ ଓ ଚାଳକକୁ ଧରି ପୁଲିସ ଜିମା ଦେଇଥିଲେ। ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାରେ ଅବହେଳା ଓ ଅବ୍ୟବସ୍ଥା ଦେଖାଦେଇଥିଲା। ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ବଦଳରେ ଏହାକୁ କଟକ ବା ଅନ୍ୟତ୍ର ସ୍ଥାନାନ୍ତର କରିବାକୁ କହିଚାଲିଯାଇଥିଲେ। ଫଳରେ ଚିକିତ୍ସା ଅବହେଳା ନେଇ କଳ୍ପତରୁ ମହାପତ୍ର କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା



କୟାଁଗୋଲା, ୨୬।୭ (ସମିସ): ଦଶରଥପୁର ବ୍ଲକ ବିରିପଟା କଲେଜର ଅଧକ୍ଷ ଶରତ କୁମାର ପରିଡ଼ା ନିକଟରେ ଚାକିରୀ ଜୀବନରୁ ଅବସର ନେଇଛନ୍ତି। କଲେଜ ପକ୍ଷରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧକ୍ଷ ରାମମୋହନ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଅଧ୍ୟାପକ ପ୍ରଶାନ୍ତ କୁମାର ନନ୍ଦ, ଶଶୀଭୂଷଣ ମହାଳିକ, ପ୍ରତାପ ତ୍ରିପାଠୀ, କୈବଲ୍ୟ ଜେନା, ଅଧ୍ୟାପିକା କାନ୍ତିଲତା ତ୍ରିପାଠୀ, ଅଜୟ କୁମାର ବେହେରା, ସନ୍ତୋଷ କୁମାର ଦାସ, ତୁଷାର ରଞ୍ଜନ ସାମଲ, ସନ୍ତୋଷ କୁମାର ରାଉତ, ମନୋରଞ୍ଜନ ଜେନା, ପ୍ରକାଶ ଧଳ, ସଂଘମିତ୍ରା ସାମଲଙ୍କ ସହ ସର୍ବେଶ୍ୱର ସେନାପତି, ଆଶୋକ ନାଥ, ଶିବ ପ୍ରସାଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମଶାଳାରେ ସ୍ୱଳ୍ପ ବୃଷ୍ଟିପାତ; ଧାନ ଚାଷ ବାଧାପ୍ରାପ୍ତ

ଧର୍ମଶାଳା, ୨୬।୭ (ସମିସ): ଚଳିତ ବର୍ଷ ରାଜ୍ୟ ବ୍ୟାପି ବର୍ଷା ବିପ୍ଳବ ରଚାଇଥିବା ବେଳେ ଧର୍ମଶାଳା ବ୍ଲକ ଅଞ୍ଚଳରେ ଆବଶ୍ୟକତା ଠାରୁ କମ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଯାଜପୁର ଜିଲ୍ଲାର ୧୦ ଗୋଟି ବ୍ଲକ ମଧ୍ୟରୁ ସୁକିନ୍ଦା ବ୍ଲକରେ ୨୫ ଜୁଲାଇ ସୁଦ୍ଧା ସର୍ବାଧିକ ୩୨୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଧର୍ମଶାଳା ବ୍ଲକରେ ଜୁଲାଇ ୨୫ ତାରିଖ ସୁଦ୍ଧା ମାତ୍ର ୫୩ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଫଳରେ ଏହି ବ୍ଲକରେ ଚଳିତ ବର୍ଷ ଧାନ ଚାଷ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖଦେଇଛି। ଚଳିତ ବର୍ଷ ଜୁନ ଆରମ୍ଭରୁ ବ୍ଲକରେ ଭଲ ମୌସୁମୀ ବର୍ଷା ହୋଇଥିଲା। ଏହି ବର୍ଷାକୁ ନଜରରେ ରଖି ଚାଷୀ ତା ବିଲରେ ତଳି ପକାଇଥିଲା। ହେଲେ ଏବେ ରୁଆ ପୋତା ସମୟରେ ବିଲ କାଦୁଅ କରିବାକୁ ପାଣିର ଆବଶ୍ୟକତା ଥିବା ବେଳେ ବ୍ଲକରେ ଖୁବ କମ ପରିମାଣର ବର୍ଷା ହୋଇଛି। ଫଳରେ ଚାଷୀ ପାଇଁ ବିଲରେ ଧାନ ରୋଇବା କଷ୍ଟକର ହୋଇଛି। ତେଣେ କେନାଲ ମାଧ୍ୟମରେ ଜଳସେଚିତ ହେଉଥିବା ଚାଷ ଜମିକୁ ବର୍ତ୍ତମାନ ସୁଦ୍ଧା ପାଣି ଛଡାଯାଇ ନଥିବାରୁ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ କିଛି ଦିନ ହେଲା କେନାଲ ଗୁଡିକ ସଫେଇ କାର୍ଯ୍ୟ ଚାଲିଥିବା ବେଳେ ନାଳରେ ପାଣି ଆସିପାରୁନାହିଁ। ମୁଖ୍ୟତ ହାଇଲେବୁଲ କେନାଲ ସଫେଇ କାର୍ଯ୍ୟ ଚାଲିଥିବା ବେଳେ କେନାଲରେ ପାଣି ଆସିବା ସମ୍ଭବପର ହେଉନାହିଁ। ହାଇଲେବୁଲ କେନାଲ ସଫେଇ କାର୍ଯ୍ୟ ଶେଷ ହେଲା ପରେ କେନାଲରେ ପାଣି ଛଡାଯାଇ ଏହାର ଶାଖା କେନାଲ ମାଧ୍ୟମରେ ଜମିକୁ ଜଳ ଯୋଗାଣ କରାଯିବ ବୋଲି ଜାରକା ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି। ତେବେ କେନାଲ ଗୁଡିକରେ ଯଥାଶିଘ୍ର ପାଣି ଛାଡିବାକୁ ଚାଷୀମାନେ ଦାବି କରିଛନ୍ତି। କେନାଲ ଗୁଡିକରେ କେବେ ପାଣି ଆସୁଛି ତାହାକୁ ଚାଷୀ କୂଳ ଅନାଇ ବସିଛନ୍ତି।

■ **ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ ମହାବିଦ୍ୟାଳୟ**

# ଆଭ୍ୟନ୍ତର ଅଭିଯୋଗ କମିଟିର ସଚେତନତା




ବରୀ, ୨୬।୭ (ସମିସ): ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆଭ୍ୟନ୍ତର ଅଭିଯୋଗ କମିଟି ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ପ୍ରଭାକର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ରବୀନ୍ଦ୍ର କୁମାର ଦାସ ସଞ୍ଚାଳନ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଓଡ଼ିଶା ଉଚ୍ଚଶିକ୍ଷା ବିଭାଗର ନୀତି ଓ ନିର୍ଦ୍ଦେଶନାମାକୁ ଭିତ୍ତିକରି ଛାତ୍ରଛାତ୍ରୀ ଶୃଙ୍ଖଳିତ ହୋଇ ପାଠ ପଢ଼ିବା ସହିତ ଆତ୍ମ ସୁରକ୍ଷା ନିମିତ୍ତ ବିଭିନ୍ନ ଦିଗ ଉପରେ ଶ୍ରୀ ଦାସ ଆଲୋକପାତ କରିଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧକ୍ଷା ସଂସ୍କୃତ ବିଭାଗର ଅଧ୍ୟାପିକା ଅନାମିକା ମିଶ୍ର କମିଟିର ଉଦ୍ଦେଶ୍ୟ ଓ ଗଠନ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ଓଡିଆ ଭାଷା ସାହିତ୍ୟ ବିଭାଗୀୟ ଅଧ୍ୟାପିକା ସୁଧାଂଶୁବାଳା ସ୍ୱାଇଁ ଶୃଙ୍ଖଳିତ ଓ ନିରାପତ୍ତା ଜୀବନ ଶୈଳୀ ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। କମିଟିର ଅନ୍ୟତମ ସଦସ୍ୟା ଇଂରାଜୀ ଅଧ୍ୟାପିକା ସୁଶ୍ରୀ ସଙ୍ଗୀତା ଜେନା ନାରୀ ସଶକ୍ତି କରଣ, ଛାତ୍ରୀମାନଙ୍କର ଆଭ୍ୟନ୍ତରୀଣ ଅଭିଯୋଗକୁ ଉପସ୍ଥାପନା କରିବା ପାଇଁ ବିଭିନ୍ନ ମାଧ୍ୟମ ଓ ଦିଗ ଉପରେ ଆଲୋଚନା କରିବା ସହ ଛାତ୍ରୀମାନେ ତଥା ଅବଳା କେବେ ବି ଦୁର୍ବଳା ନୁହଁ ବୋଲି ଇତିହାସର ବହୁ ପ୍ରମାଣ ଦେଇ ଛାତ୍ରୀମାନଙ୍କୁ ଦୃଢ଼ ମନୋବଳ ପ୍ରଦାନ କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ହିମାଂଶୁ ଶେଖର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କଳ୍ପତରୁ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା




ଧର୍ମଶାଳା, ୨୬।୭ (ସମିସ): ଧର୍ମଶାଳା ବ୍ଲକ ଚଣ୍ଡିଖୋଲ ନିକଟସ୍ଥ ଧର୍ମଶାଳା ଭବନ ପରିସରରେ ଆଜି ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ଦଶମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଜେଡି ନେତା ଡ. ପ୍ରିୟନାଥ ମହାପାତ୍ରଙ୍କ ସଭାପତିତ୍ୱ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଧର୍ମଶାଳା ବିକାଶ ଧାରା ସ୍ୱର୍ଗତ କଳ୍ପତରୁ ଦାସଙ୍କ ସମୟରୁ ଆରମ୍ଭ ହୋଇଥିଲା ବୋଲି କହିଥିଲେ। ପୂର୍ବତନ ସାଂସଦ ରିତା ତରାଇ, ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବରିଷ୍ଠ ବିଜେଡି ନେତା ସନ୍ତୋଷ କୁମାର ଜେନା, ସୁରେନ୍ଦ୍ର ପଣ୍ଡା, ଉତ୍କଳମଣି ଦାସ, ଅମରେନ୍ଦ୍ର ରାୟ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁଃଶାସନ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଜଳଧର ମହାନ୍ତି, ବ୍ଲକ ବିଜେଡି ସଭାପତି ପ୍ରସନ୍ନ କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଉନ୍ନୟନମୂଳକ କାର୍ଯ୍ୟଧାରା ଉପରେ ମତବ୍ୟକ୍ତ କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଧର୍ମଶାଳା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ବଳ ଧନ୍ୟବାଦ ଦେଇଥିଲେ।




# ଝାଡ଼େଶ୍ୱର ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ଦାନଗଦି, ୨୬।୭ (ସମିସ): ଦାନଗଦୀ ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ (+୨) ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱାଗତ ଉତ୍ସବରେ ଅଧ୍ୟାପକ ଡ. କ୍ଷିରୋଦ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ବେହେରା, ଅଧ୍ୟାପିକା ମୀରାମ୍ବିକା ସାହୁ, ଅଧ୍ୟାପକ ରଞ୍ଜନ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅଧକ୍ଷ ଡ. ପଣ୍ଡା ନିଜର ବକ୍ତବ୍ୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ, ସମୟାନୁବର୍ତ୍ତୀ, କର୍ତ୍ତବ୍ୟ ପରାୟଣ, ମାର୍ଜିତ ଓ ରୁଚି ସମ୍ପର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରିବା ସହ ଉତ୍ତମ ଚରିତ୍ର ଗଠନ ଦିଗରେ ସନ୍ଦେଶ ଦେଇଥିଲେ। ଏଥିସହିତ ଛାତ୍ରଛାତ୍ରୀଙ୍କ ପାଇଁ ଟାଇମ ଟେବୁଲ୍/ ରୁଟିନ୍, ଆଇଡିଣ୍ଟ କାର୍ଡ, ସିଲାବସ, ସ୍କୁଲାର ସିପ, ଇଣ୍ଟରନାଲ୍ କମ୍ପ୍ଲେଣ୍ଟ କମିଟି ବିଷୟକ ସୂଚନା ଦେବାସହ, ଶିକ୍ଷା ସାଥୀର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରଯାଇଥିଲା। ଏହି ସଭାରେ ଅଧ୍ୟାପକ ତୋଫାନ କୁମାର ଜେନା, ଖଗେଶ ଜେନା, ରଞ୍ଜନ କୁମାର ଖଣ୍ଡା, ପାରିଜାତ ମହାନ୍ତି, ଶ୍ରୀମନ୍ତ ନାୟକ, ଅମର ସେଠୀ, ମୁନା ନାୟକ, ଅଭୟ କୁମାର ସାହୁ, କଲ୍ୟାଣୀ ମହାନ୍ତ, ଇତିଶ୍ରୀ ମଲ୍ଲିକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଗୋବର୍ଦ୍ଧନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚଣ୍ଡିଖୋଲ କୋର୍ଟ ତାଲୁକ ପକ୍ଷରୁ ବନ ମହୋତ୍ସବ



ବଡଚଣା, ୨୬।୭ (ସମିସ): ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ୍ ସେବା କେନ୍ଦ୍ର ପକ୍ଷରୁ ସାପ୍ତାହିକ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ କୋର୍ଟ ପରିସର, ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟ, ଖୋସାଲିପୁର ନଳୁଆଶୁଣି ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଖଇରା ସ୍ଥିତ ବଡ଼ଚଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ତାଲୁକ ଆଇନ ସେବା କେନ୍ଦ୍ର ଅଧ୍ୟକ୍ଷ ତଥା ସବଜଜ୍ ବିଶ୍ୱଦୀପକ ସାହୁ, ଜେଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦ ଓ ଜେଏମ୍‌ଏଫସି ସ୍ମୃତି ଅଭିଲାଷା ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ପୂର୍ବତନ ସଭାପତି ଦେବରାଜ ବେହେରା, ଉପସଭାପତି ରାମଚନ୍ଦ୍ର ତ୍ରିପାଠୀ, ପାଠାଗାର ସମ୍ପାଦକ ଦୀନବନ୍ଧୁ ନାୟକ, ଆଇନଜୀବୀ କିଶୋର କୁମାର ନାୟକ, ଶ୍ୟାମ ପ୍ରସାଦ ଦାଶ, ଅବିନାଶ ବଳ, ନଗେନ୍ଦ୍ର କୁମାର ପାତ୍ର, ସୁନୀଲ କୁମାର ଜେନା, ଲକ୍ଷ୍ମୀପ୍ରିୟା କର, ସ୍ନେହଲତା ଜେନା, ରିଟେନର ଜ୍ୟୋତିଶଙ୍କର ମହାପାତ୍ର, ବିଦ୍ୟାଳୟ ଗୁଡିକର ପ୍ରଧାନଶିକ୍ଷକ ସୁବାସ ମହାପାତ୍ର, ସ୍ମୃତିରଞ୍ଜନ ଆଚାର୍ଯ୍ୟ, ଶିକ୍ଷକ ତାଲୁକ ସମ୍ପାଦକ କକ୍ଷରୁ ମାର୍ଣ୍ଡି, ବନବିଭାଗ କର୍ମଚାରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।

**ଶୁଖିଗଲାଣି ପାହାଡ଼ୀ ଝରଣା**

# ଉଜୁଡ଼ି ଯାଇଛି ଶହ ଶହ ଏକର ଚାଷ ଜମି

କାଳିଆପାଣି, ୨୬।୭ (ସମିସ)

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖଣି ଅଞ୍ଚଳରେ ଏବେ ଅନେକ ଚାଷ ଜମି ଉଜୁଡ଼ିବା ଦେଖିବାକୁ ମିଳୁଛି। ସୂଚନା ଅନୁଯାୟୀ କାଳିଆପାଣି, ଚିଙ୍ଗୁଡ଼ି ପାଳ ପଞ୍ଚାୟତର, ଧବାହାଳି, ଓସ୍ତିଆ, କଣ୍ଟାବଣି, ପାଟଣା, ଓସ୍ତପାଳ, ଗୁରୁଜଙ୍ଗ, ବଣ ସାହି, ଟାଙ୍ଗର ସାହି ଗ୍ରାମର ବାଡ଼ିତଳ ପସି ଏବେ ଗାଈ ଗୋରୁଙ୍କ ଚରାଭୁଇଁ ପାଲଟିଛି। ଖଣି ଖାଦାନ ପାଇଁ ଅନେକ ଚାଷ ଜମି ଉଜୁଡ଼ିବାକୁ ଲାଗୁଛି। ସମୟ କ୍ରମେ ପାଟଣା ସ୍ଥିତ ପାହାଡ଼ ଖୋଲ ଝରଣା ଉପରେ ଅନେକ ଚାଷ ଜମି ନିର୍ଭର କରେ। ସେଠାକାର ଅଧିବାସୀ ଚିଙ୍ଗୁଡ଼ି, ଷଠିଆ, କଳା କୋଦମା, ଜଙ୍ଗଲ ଝଟା ଆଦି ଧାନ ଫସଲ କରିଥାଆନ୍ତି। କିନ୍ତୁ ୧୯୯୩ ମସିହା ପରଠାରୁ ଖଣି ଖୋଳିବା ଆରମ୍ଭ ହେବା ପରେ ଏ ଅଞ୍ଚଳରେ ଝରଣା ଶୁଖିବା ଆରମ୍ଭ ହୋଇଥିଲା। କମ୍ପାନୀ ଚାଷ ଜମି ଛଡେଇ ନେବା ସହିତ ଓସ୍ତିଆ ଗାଁ କିଛି ପରିବାର ନିଜର ଭିଟାମାଟି ଛାଡ଼ି ଅନ୍ୟତ୍ର ଚାଲି ଯାଇଥିଲେ। ତେବେ କମ୍ପାନୀ ଜମି ନେବା ବେଳକୁ ସ୍ଥାୟୀ ଭାବରେ ନିଯୁକ୍ତି ଦେବା ପାଇଁ କହି, କିଛି ହାତଗଣତି ଲୋକଙ୍କୁ ଠିକା ରଖିଦେଇ କାମ ସାରିଦେଲା। ସମୟ କ୍ରମେ ଖଣି ବନ୍ଦ୍ ହୋଇଗଲା। ଗଭୀର ତମ ଖଣି ହେବା କାରଣରୁ ଜଳସ୍ତର କମିବାକୁ ଲାଗିଲା। ଉଚ୍ଚମାନର ବ୍ଲାଷ୍ଟିଂ କାରଣରୁ ପାହାଡ଼ରେ ବାଧା ସୃଷ୍ଟି ହେଲା ଫଳରେ ଝରଣାର ଧାରା ମାଟି ଭିତରେ ବନ୍ଦ୍ ହୋଇଗଲା। ଆଉ ଝରପାଣି ବାହାରକୁ ଆସି ପାରିଲା ନାହିଁ, ମୃତ ଅବସ୍ଥାରେ ପଡ଼ି ରହିଲା। କିନ୍ତୁ ଦୁଃଖ ଦେଇଗଲା ଚାଷୀ କୂଳକୁ। ଭିଟାମାଟି ଦେଇ ରୋଜଗାର ଆଶା ରଖିଥିଲେ ସ୍ଥାନୀୟ ଲୋକେ। କିନ୍ତୁ ପ୍ରକୃତି ସାଥ୍ ଦେଲାନାହିଁ ବୋଲି ପ୍ରଭାବିତ ଅଞ୍ଚଳବାସୀ କୁହନ୍ତି। ଡମଶାଳା ନଦୀ ପାଣିକୁ ଲିଫ୍ଟ କରି ଚାଷୀମାନଙ୍କୁ ଯୋଗାଇବାକୁ ଏବେ ସାଧାରଣରେ ଆଲୋଚନା ହେଉଛି।

● **ଡମଶାଳା ନଦୀରେ ଉଠା ଜଳସେଚନ ପାଇଁ ଦାବି**




### ବୁଝାମଣାରେ ଚାଲୁଛି ଜେନାପୁର ଥାନା

# ମୋରମ ଗାଡ଼ି ଦିନରେ ଧରିଲେ; ରାତିରେ ଛାଡ଼ିଲେ

**କବାଟବନ୍ଧ, ୨୫ା୭ (ସମିସ)**

ଦିନ ଦ୍ୱିପହରେ ଚୋରା ଚାଲାଣ ହେଉଥିବା ୭ଟି ମୋରମ ବୋଝେଇ ହାଇୱା ଗାଡ଼ିକୁ ଅଟକାଇବା ଏବଂ ଦୀର୍ଘ ୭ ଘଣ୍ଟା ପରେ ରାତି ଅଧିଆ ଛାଡ଼ି ଦେବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ଜେନାପୁର ପୁଲିସର ଏଭଳି ବିଚିତ୍ର ବ୍ୟବସ୍ଥାକୁ ଦିନରେ ବସନ୍ତ ପୁଣି ରାତିରେ ବାସନ୍ତୀ ବୋଲି ଜନସାଧାରଣ ତାଚ୍ଛଲ୍ୟ କରୁଛନ୍ତି। ସୂଚନା ଅନୁସାରେ ବୁଧବାର ୫୩ ନମ୍ବର ଜାତୀୟ ରାଜପଥ ଦେଇ ଏକକାଳୀନ ପ୍ରାୟ ୧୫ଟି ୧୨ ଚକିଆ ହାଇୱା ଚୋରା ମୋରମ ବୋଝେଇ କରିଯାଉଥିଲେ। କୌଣସି ସୂତ୍ରରୁ ଖବର ପାଇ ଜେନାପୁର ପୁଲିସ ବାଲିସାହି ଛକ ନିକଟରୁ ଚୋରା ମୋରମ ବୋଝେଇ କରି ଯାଉଥିବା ୭ଟି ହାଇୱା ଗାଡିକୁ ଅଟକାଇ ମୋରମର କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ କୌଣସି ଗୋଟିଏ ଗାଡ଼ିର କାଗଜପତ୍ର ଡ୍ରାଇଭରମାନେ ଦେଖାଇ ପାରି ନ ଥିଲେ। ବାଧ ହୋଇ ପୁଲିସ ଓଡି୦୨ ସିଟି ୯୬୦୩, ଓଡି୦୨ ସିଟି ୯୮୧୬, ଓଡି୦୨ ସିଏସ ୪୫୯୬, ଓଡି୦୨ ଡିବି ୪୬୪୯, ଓଡି୦୨ ଡିବି ୪୬୩୯, ଓଡି୦୨ ସିକ୍ୟୁ ୬୭୩୯, ଓଡି୦୨ ଡିବି ୬୭୨୮ ନମ୍ବର ସମସ୍ତ ଗାଡିକୁ ଜବତ କରି ଚଢ଼େଇଧରା ପୁଲିସ ଫାଣ୍ଡିକୁ ନେଇଥିଲେ। ଦିନ ୨ଟା ବେଳେ ଯାଞ୍ଚ ସମୟରେ ଲୋଡ୍ ଥିବା ମୋରମର କାଗଜପତ୍ର ଦେଖାଇ ପାରି ନ ଥିବାରୁ ପୁଲିସର ସନ୍ଦେହ ବଢ଼ିଥିଲା। ଏହା ଚୋରାଚାଲାଣ ହେଉଥିବା ମଧ୍ୟ ସ୍ପଷ୍ଟ ହୋଇଥିଲା। ଦୀର୍ଘ ୩ ଘଣ୍ଟା ଗାଡ଼ି ଗୁଡ଼ିକ ଚଢ଼େଇଧରା ଫାଣ୍ଡିରେ ଅଟକ ରହିବା ପରେ ମୋରମର ଚାଲାଣର କାଗଜପତ୍ର ବୈଧ ଥିବା ଏବଂ ଏହା ସରକାରୀ ଅନୁମତିରେ ଚାଲାଣ ହେଉଥିବା କହି କିଛି କାଗଜପତ୍ର ଦେଖାଇଥିଲେ। ତେବେ ଲଘୁଖଣିଜ ଦ୍ରବ୍ୟ ପରିବହନ ସମୟରେ ସମସ୍ତ କାଗଜପତ୍ର ଗାଡ଼ିରେ ରହିବା ପାଇଁ ସରକାରୀ ନିୟମ ରହିଛି। ମାତ୍ର ଯାଞ୍ଚ ବେଳେ କାଗଜପତ୍ର ଦେଖାଇ ନ ପାରିବା ଏବଂ ୩ ଘଣ୍ଟା ପରେ କାଗଜପତ୍ର ସଂଗ୍ରହ କରି ଦେଖାଇବା କେଉଁ ସରକାରୀ ନିୟମରେ ରହିଛି ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। କୌଣସି କ୍ରସରରୁ ଘର କାମ ପାଇଁ ଟ୍ରାକ୍ଟରରେ ବାଲି କିମ୍ବା ଚିପ୍ସ ନେବାକୁ ହେଲେ ଟ୍ରାଞ୍ଜିଟ୍ ପାସ ଗାଡ଼ି ସହିତ ନେବାକୁ ପଡୁଛି। ନ ହେଲେ ପୁଲିସ ଧରୁଛି। ମାତ୍ର ଜବତ ମୋରମ ଗାଡ଼ିର କାଗଜପତ୍ର ସଂଗ୍ରହ କରି ଦେଖାଇବା ପରେ ତାହା କେମିତି ଗ୍ରହଣଯୋଗ୍ୟ ହେଉଛି ତାହା ଏକ ଆଶ୍ଚର୍ଯ୍ୟ ଜନକ ପ୍ରସଙ୍ଗ ହୋଇଛି। ଏହା ଭିତରେ ପୁଲିସ କାଗଜପତ୍ର ଯାଞ୍ଚ ପାଇଁ ଖଣି ଅଧିକାରୀ, ଖଣି ଉପନିର୍ଦ୍ଦେଶକଙ୍କ ନିକଟକୁ ପଠାଇଥିବା ଭିତରେ ରାତିଅଧିଆ କି ପ୍ରକାର ଯାଞ୍ଚ କଲେ ଏବଂ ଜବତ ଗାଡ଼ିରୁ ୫ଟି ଗାଡିକୁ ଛାଡ଼ି ଦେଇଥିବା ଜଣାପଡ଼ିଛି। ଖଣି ଅଧିକାରୀ ଏବଂ ଖଣି ଉପନିର୍ଦ୍ଦେଶକ କିଭଳି ଯାଞ୍ଚ କଲେ ଜାଣିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଯୋଗାଯୋଗ ହୋଇ ପାରି ନ ଥିଲା। କିନ୍ତୁ ଗାଡ଼ିକୁ ରାତି ଅଧିଆ ଖସାଇବାକୁ ମାଫିଆଙ୍କ ସହିତ ଯୋଗାଯୋଗ ବାରମ୍ବାର ହୋଇଥିଲା। ଯାହା ଫଳରେ ରାତିଅଧିଆ ଉତ୍ତମ ବୁଝାବଣା ହୋଇ ଜେନାପୁର ପୁଲିସ ମାତ୍ର ୨ ଗାଡିକୁ ରଖିଥିଲା। ଏକକାଳୀନ ଧରା ପଡ଼ିଥିବା ୭ ଗାଡ଼ି ମଧ୍ୟରୁ ୫ ଗାଡ଼ିକୁ ଛାଡ଼ି ରାତି ଅଧରେ ଛାଡ଼ି ଦେବା ସାଧାରଣରେ ଏକ ସନ୍ଦେହ ସୃଷ୍ଟି କରିଥିଲା। ଅସଲ କଥା ସମସ୍ତ ଗାଡ଼ି ବେଆଇନ ଚୋରାଚାଲାଣ ହେଉଥିବାରୁ ଖସାଇବା ପାଇଁ ଭିତିରି ବୁଝାବଣା କରି ଲୋକଙ୍କ ମନରେ ନିଜ ଭାବମୂର୍ତ୍ତିକୁ ସ୍ୱଚ୍ଛଳ ରଖିବା ପାଇଁ ଦୁଇଟି ଗାଡିକୁ ଅଟକ ରଖିଥିଲା। ଏହା ଖଣି ବିଭାଗ ଏବଂ ପୁଲିସର ଏକ ସୁକଳ୍ପିତ ଚାଲ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଶୁକ୍ରବାର ଅଟକ ରଖିଥିବା ଅନ୍ୟ ଦୁଇଟି ଗାଡିକୁ ମଧ୍ୟ ପୁଲିସ ଛାଡ଼ି ଦେଇଥିବା ଜଣାପଡ଼ିଛି। ସରକାର ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣକୁ ବନ୍ଦ କରିବା ପାଇଁ ଜୋରରେ ପ୍ରଚାର କରୁଥିବା ବେଳେ ସରକାରୀ ବାବୁ ମାନେ ବାଡ଼ ଫସଲ ଖାଇବା ନ୍ୟାୟରେ ଏହାର ସୁରକ୍ଷା କରୁଥିବା ଦେଖା ଦେଇଛି।



## ଏସ୍‌ବିଆଇ ପକ୍ଷରୁ 'ଇ-ରୂପି' ସଚେତନତା କାର୍ଯ୍ୟକ୍ରମ




**ବାଲିଚନ୍ଦ୍ରପୁର, ୨୫ା୭ (ସମିସ):** ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ବାଲିଚନ୍ଦ୍ରପୁର ଶାଖା ପକ୍ଷରୁ ଜାତୀୟ ବ୍ୟାଙ୍କ ଡିଜିଟାଲ ମୁଦ୍ରା ପଞ୍ଜୀକରଣ ଶିବିର ଓ ଆପ୍ ସଚେତନତା କାର୍ଯ୍ୟକ୍ରମ ଆଜି ସ୍ଥିତ ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ପାରାଦୀପ ସ୍ଥିତ ଆଞ୍ଚଳିକ ଶାଖାର ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ତଥା ବାଲିଚନ୍ଦ୍ରପୁର ଶାଖାର ମୁଖ୍ୟ ପରିଚାଳିକା ସଞ୍ଜିତା ମହାରଣାଙ୍କ ତତ୍ତ୍ୱାବଧାନରେ ସ୍ୱୟଂସହାୟକ ଗୋଷ୍ଠୀର ଶତାଧିକ ମହିଳାଙ୍କୁ ନେଇ ଆଜିର ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଜାତୀୟବ୍ୟାଙ୍କ ଡିଜିଟାଲ ମୁଦ୍ରା ପଞ୍ଜୀକରଣ ଓ ଏସ୍‌ବିଆଇ 'ଇ ରୂପି' ଆପ୍ ସମ୍ବନ୍ଧରେ ଉପସ୍ଥିତ ମହିଳାମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲିଚନ୍ଦ୍ରପୁର ଶାଖାର କ୍ଷେତ୍ରୀୟ ପ୍ରବନ୍ଧକ ଦେବେନ୍ଦ୍ର ନିରଞ୍ଜନ ସାହୁ ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କ ସମେତ ସୁଭଦ୍ରା ହିତାଧିକାରୀମାନଙ୍କୁ ଇ-ରୂପି ଆପ୍‌ର ଉପଯୋଗିତା ଓ ସୁଫଳ ସମ୍ପର୍କରେ ଅବଗତ କରାଇଥିଲେ। ଯେଉଁ ମହିଳା ମାନେ ସେମାନଙ୍କ ସୁଭଦ୍ରା ଟଙ୍କା ପାଇବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେମାନେ ଇ-ରୂପି ଆପ୍ ବ୍ୟବହାର କଲେ ସେମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ଯାଇପାରିବ ଓ ସେମାନେ ଆଉ ଠକେଇର ଶିକାର ହେବେ ନାହିଁ ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ। ଶାଖା ପକ୍ଷରୁ ପବିତ୍ର କୁମାର ନାୟକ ଓ ଶ୍ରୀ ଆଲୋକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଇକୋ କ୍ଲବ୍ ତରଫରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ




**ମଧୁବନ, ୨୫ା୭ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ହିଙ୍ଗୁଳା ବିଦ୍ୟାପୀଠରେ ଇକୋ କ୍ଲବ୍ ତରଫରୁ ବୃକ୍ଷରୋପଣ, ପ୍ଲାଷ୍ଟିକ ମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରସୁଲପୁର ବ୍ଲକ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ସମ୍ମାନିତ ଅତିଥି ରୂପେ ମଧୁବନ ଆଞ୍ଚଳିକ ଶିକ୍ଷା ସାଧନ କେନ୍ଦ୍ର ସଂଯୋଜକ ରମେଶ ଚନ୍ଦ୍ର ସ୍ୱାଇଁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଚଳିତ ମାଟ୍ରିକ ପରୀକ୍ଷା ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା କୃତି ଛାତ୍ର ଶୁଭ୍ରଜିତ୍ ଦାସଙ୍କୁ ସମ୍ମାନିତ କରାଯାଇଛି। ଏହି ସଭାକୁ ସହକାରୀ ଶିକ୍ଷକ ରଞ୍ଜନ କୁମାର ମିଶ୍ର, ତୁଷାର କାନ୍ତି ଦତ୍ତ, ଅନନ୍ତ ନାରାୟଣ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। କିପରି ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ନଷ୍ଟ ହେଉଛି ଓ ଏହାଠାରୁ ଦୂରରେ ନିଜେ ରହି ଅନ୍ୟକୁ ବାର୍ତ୍ତା ଦେବା ଆଲୋଚ୍ୟ ବିଷୟ ଥିଲା। ବିଦ୍ୟାଳୟ ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଯବାନଙ୍କ ସ୍ତ୍ରୀଙ୍କୁ ଲୁହା ପାଇପ୍‌ରେ ମାଡ଼ ଅଭିଯୋଗ

**ଦଶରଥପୁର, ୨୫ା୭ (ସମିସ):** କାମ ନହେବାରୁ ଦେଇଥିବା ଟଙ୍କା ମାଗିବାରୁ ଅମିନଙ୍କ ଠାରୁ ଲୁହା ପାଇପରେ ମାଡ ଖାଇ ରକ୍ତାକ୍ତ ହେଲେ ଯବାନଙ୍କ ସ୍ତ୍ରୀ ଓ ତାଙ୍କ ପରିବାର ଲୋକ। ଏହିପରି ଏକା ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ବିରୁହା ପଞ୍ଚାୟତ ମନ୍ଦାରଖଣ୍ଡ ଗ୍ରାମରେ। ସୂଚନା ଅନୁଯାୟୀ, ବିରୁହା ପଞ୍ଚାୟତର ନାହାପଡ଼ା ଗ୍ରାମର ପ୍ରଦୀପ କୁମାର ସେଠୀ ତାଙ୍କ ଝିଅ ନାଁରେ ଜମି ରେଜିଷ୍ଟ୍ରେସନ କରିବା ପାଇଁ ମନ୍ଦାରଖଣ୍ଡ ଗ୍ରାମର ଜଣେ ବେସରକାରୀ ଅମିନ ପ୍ରଦୀପ କୁମାର ଦାସ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଟଙ୍କା ଦେଇଥିଲେ। ଅମିନ ଦିନ ପରେ ଦିନ ଗଡ଼େଇ ଚାଲିଲେ କିନ୍ତୁ ତାଙ୍କ କାମ କଲେ ନାହିଁ। ଶେଷରେ ପ୍ରଦୀପ ଓ ତାଙ୍କ ଝିଅ ନିରାଶ ହୋଇ ଉକ୍ତ ଅମିନ ଘରକୁ ଟଙ୍କା ଫେରସ୍ତ ଆଣିବାକୁ ଯାଇଥିଲେ। ଅମିନ ଜଣଙ୍କ ଘରେ ଥାଇ ଲୁଚି ରହିଲେ ଓ ତାଙ୍କ ପରିବାର ଲୋକ ଏମାନଙ୍କ ସହ ଝଗଡ଼ା କରିଥିଲେ କିନ୍ତୁ ଏମାନେ ଟଙ୍କା ଫେରସ୍ତ ନନେଇ ଯିବାକୁ ଜିଦି ଧରି ଅଡ଼ି ବସିଲେ। ଅମିନ ପରିବାର ଲୋକ ହଠାତ ଉତ୍କ୍ଷିପ୍ତ ହୋଇ ମାରଧର କରିବା ଆରମ୍ଭ କରିବା ସମୟରେ ଅମିନ ଜଣଙ୍କ ଏକା ଲୁହା ପାଇପରେ ଏମାନଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲା। ଯଦ୍ୱାରା ଏମାନେ ଆହତ ହୋଇ ମେଡିକାଲ ଯାଇଥିଲେ ଓ ପରେ ଦଶରଥପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ. ଅଭିଯୋଗର ୨ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ପ୍ରତି ପୋଲିସ ତରଫରୁ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ପୁଲିସର ଶିଥିଳ ତଦନ୍ତ ଯାହା ସମସ୍ତଙ୍କ ମନରେ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଇଆଇସି ଶରତ ଚନ୍ଦ୍ର ନାୟକଙ୍କୁ ପଚାରିବାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ସମବାୟ ସମିତି ମଣ୍ଡି ଗୃହର ଶିଳାନ୍ୟାସ




**ବାଲିଚନ୍ଦ୍ରପୁର, ୨୫ା୭ (ସମିସ):** ବାଲିଚନ୍ଦ୍ରପୁର ସ୍ଥିତ ଅଣକା ପ୍ରାଥମିକ କୃଷି ସମବାୟ ସମିତିର ମଣ୍ଡି ଗୃହ ନିର୍ମାଣର ଶିଳାନ୍ୟାସ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସୀତାନାଥ ବଳସାମନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ମଣ୍ଡି ଗୃହ ନିର୍ମାଣର ଶୁଭ ଶିଳାନ୍ୟାସ କରିଥିଲେ। ବଡ଼ଚଣା ବ୍ଲକ ଅଞ୍ଚଳରେ ଥିବା ୧୪ ଗୋଟି ସମବାୟ ସମିତି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୮ ଗୋଟି ସମିତିର ମଣ୍ଡି ଗୃହ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୫ କୋଟି ୭୬ ଲକ୍ଷ ଟଙ୍କା ମଞ୍ଜୁରୀ କରାଯାଇଥିବା ନେଇ ବିଧାୟକ ଶ୍ରୀ ନାୟକ ସୂଚନା ଦେବା ସହିତ ସରକାରୀ ସ୍ତରରେ ବାଲିଚନ୍ଦ୍ରପୁର ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାର ଖୁବଶୀଘ୍ର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ସେଠୀ ଯୋଗଦେଇ ଏହି ସମିତିର ମଣ୍ଡି ଗୃହ ନିର୍ମାଣ ପାଇଁ ପାଇଁ ୭୨ ଲକ୍ଷ ଟଙ୍କା ମଞ୍ଜୁରୀ କରାଯାଇ ଠିକାଦାର ବିନାୟକ ସମାଲଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବା ନେଇ ସୂଚନା ଦେଇଥିଲେ। ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ଚକ୍ରଧର ସାହୁ, ସରପଞ୍ଚ ଅନୁପମା ବଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସମାଜସେବୀ ଦାମୋଦର ମହାରଣା, ସମିତି ସଭାପତି ନିରଞ୍ଜନ ବିଶ୍ୱାଳ, ଯୁବନେତା ଅଶୋକ କୁମାର ସିଂହ, ଅମୀୟ ସାହାଣୀ ଓ ନିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଦିଲ୍ଲୀପ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ। ତେବେ ସମିତି କାର୍ଯ୍ୟାଳୟ ନିକଟରେ ଚାଷୀ ମାନଙ୍କ ପାଇଁ ମଣ୍ଡି ସୁବିଧା ନଥିବାରୁ ଚାଷୀ ମାନେ ବର୍ଷ ବର୍ଷ ଧରି ନାହିଁ ନ ନଥିବା ସମସ୍ୟାର ସମ୍ମୁଖୀନ ହୋଇ ଆସୁଥିଲେ। ଏବେ ମଣ୍ଡି ଗୃହ ନିର୍ମାଣ କରାଯାଇ ସମସ୍ୟାର ସମାଧାନ କରାଯାଉଥିବାରୁ ଚାଷୀ ମହଲରେ ଆନନ୍ଦ ପ୍ରକାଶ ପାଇବା ସହିତ ବହୁ ଚାଷୀ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି।

## ଅଙ୍ଗନବାଡ଼ିରେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

**ଦଶରଥପୁର, ୨୫ା୭ (ସମିସ):** ଦଶରଥପୁର ବ୍ଲକ ସମନ୍ୱିତ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ବ୍ଲକ ଅଧୀନ ଖଣ୍ଡରା ପଞ୍ଚାୟତ ରଣୁଆ ଅଙ୍ଗନବାଡି କେନ୍ଦ୍ରରେ ଶିଶୁଙ୍କ ସାମଗ୍ରୀକ ବିକାଶ ସମ୍ପର୍କିତ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଅଧିକାରିଣୀ ପାର୍ବତୀ ସାହୁ, ସଂଗ୍ରାମଲାଲ ଶତପଥୀ, ସିଡିପିଓ ଶାନ୍ତିଲତା ସେଠୀ, ଜିଲ୍ଲା ସୁପରଭାଇଜର ସୁନିତା ଜେନା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଶିଶୁମାନଙ୍କ ସୁରକ୍ଷା, ଯତ୍ନ ସହିତ ସରକାରଙ୍କ ପକ୍ଷରୁ ଶିଶୁଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଙ୍ଗନୱାଡିକୁ ଆସୁଥିବା ଶିଶୁ ମାନଙ୍କ ଉଚ୍ଚତା, ଓଜନ ଏବଂ ପ୍ରାରମ୍ଭିକ ଶିକ୍ଷା ସମ୍ପର୍କରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ବିଭାଗୀୟ ଅଧିକାରୀ ଏବଂ ଅଧିକାରିଣୀ ନିରୀକ୍ଷଣ କରିବା ସହ ଅଙ୍ଗନୱାଡି କେନ୍ଦ୍ରର ବିଭିନ୍ନ ସମସ୍ୟା ନିରାକରଣ ଉପରେ ଅଙ୍ଗନୱାଡି କର୍ମୀ ରୀନା ଗେଡ଼ି ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପୋଷଣ ସଂଯୋଜକ ରଜନୀସ, ବ୍ଲକ ସଂଯୋଜକ ରୋଜିରାଣୀ ମହାପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ଶିଶୁମାନଙ୍କ ମାଆମାନେ ସାମିଲ ହୋଇଥିଲେ।



## କଳ୍ପତରୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ



**ମଧୁବନ, ୨୫ା୭ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପୈତୃକ ଗ୍ରାମର ସମାଧୀ ପରିସରରେ ପୂର୍ବତନ ମନ୍ତ୍ରୀ, ବିଧାୟକ ଏବଂ ରାଜ୍ୟସଭା ସାଂସଦ ସ୍ୱର୍ଗତ କଳ୍ପତରୁ ଦାସଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଭୋଟକା ଗ୍ରାମର ଏହି କାର୍ଯ୍ୟକ୍ରମରେ ଭୋଟକା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶ୍ୱିନୀ କୁମାର ଦାସ, ସମାଜସେବୀ ଅଦ୍ୱୈତ୍ୟ କୁମାର ରାଉତ, ମନୋଜ କୁମାର ରାଉତ, ତାନୋଜ ରାଉତ, ଗୁଣନିଧି ଦାସ, ଅବନୀ ଦାସ, ବିଶ୍ୱରଞ୍ଜନ ଦାସ, ମଳୟ ରାଉତ, ସମୀର ପାତ୍ର, ପିତାମ୍ବର ମଲ୍ଲିକ, ପ୍ରତାପ ମଲ୍ଲିକ ଓ ଅନିଲ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଥିଲେ।

### ଖାଦ୍ୟରେ ବିଷ ଦେଇଦେଲା ଝିଅ

## ଶିଶୁକନ୍ୟାଙ୍କ ସମେତ ୬ ଜଣ ଗୁରୁତର

**ଦଶରଥପୁର, ୨୫ା୭ (ସମିସ):** ପାରିବାରିକ କଳହକୁ ନେଇ ମଙ୍ଗଳପୁର ଥାନା କନିକାପଡ଼ା ଗ୍ରାମରେ ଜଣେ ବିବାହିତା ଝିଅ ପରିବାର ଲୋକଙ୍କ ଖାଦ୍ୟରେ ବିଷ ମିଶାଇ ଦେଇଥିବା ଅଭିଯୋଗ ହୋଇଛି। ଫଳରେ ପରିବାରର ୬ ଜଣ ସଦସ୍ୟ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହେଉଛନ୍ତି। ଏଥିନେଇ ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇନଥିବା ବେଳେ ପାରିବାରିକ କଳହ ନେଇ ୨ ଦିନ ପୂର୍ବରୁ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିଲା। ସୂଚନାଥାଉକି ଆଜି ଅପରାହ୍ନ ପ୍ରାୟ ୪ ଘଟିକା ସମୟରେ ବିଷାକ୍ତ ଖାଦ୍ୟ ଖାଇବା ପରେ ପ୍ରଥମେ ଅଢ଼େଇ ବର୍ଷର ଶିଶୁ କନ୍ୟା ସହ ଆଉ ଜଣେ ଯୁବକ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ହୋଇ ଘରକୁ ଯାଇଥିଲେ। ମାତ୍ର କିଛି ସମୟ ପରେ ପରିବାରର ସମସ୍ତଙ୍କ ଅବସ୍ଥା ଏହିପରି ହେବାରୁ ଏକ ଗାଡି ସାହାଯ୍ୟରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପହଞ୍ଚିଥିଲେ। ସେଠାରେ ଡାକ୍ତର ଚିକିତ୍ସା କରିବା ପରେ ଜଣାପଡ଼ିଥିଲା କି ବିଷାକ୍ତ ଖାଦ୍ୟ ଖାଇବା ପରେ ଏମିତି ହୋଇଛି। ଏଣୁ ପରିବାର ଲୋକଙ୍କ ଚିନ୍ତା ବଢ଼ିଯାଇଥିଲା। ଏଥିରେ ଉମାକାନ୍ତ ଓଝା (୭୦), ଶଶୀକଳା ଓଝା (୬୫), ସୁବ୍ରତ ଓଝା (୨୭), ସସ୍ମିତା ଓଝା (୩୮), ସତ୍ୟବ୍ରତ ଓଝା (୨୦) ଏବଂ ଶିଶୁ କନ୍ୟା ଅଙ୍କିତା ଓଝା (ଅଢେଇ ବର୍ଷ) ଗୁରୁତର ହୋଇ ଚିକିତ୍ସା ହେଉଛନ୍ତି। ପ୍ରକାଶଥାଉକି ଗତ ୬ ମାସ ତଳେ ଉମାକାନ୍ତଙ୍କ ଅନ୍ୟ ଜଣେ ଝିଅ ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଅଞ୍ଚଳର ଜଣେ ପୁଅ ସହିତ ପ୍ରେମ ବିବାହ ପାଇଁ ଘର ଛାଡି ପଳାଇଯାଇଥିଲେ। ଯିବା ସମୟରେ ଘରୁ ସୁନା, ଟଙ୍କା, ସ୍କୁଟର ସହ ଅନ୍ୟାନ ଜିନିଷ ସାଥିରେ ନେଇଯାଇଥିଲେ। ଏହାକୁ ପରିବାର ଲୋକ ବିରୋଧ କରିଥିଲେ। ମାତ୍ର ଉମାକାନ୍ତଙ୍କ ଅନ୍ୟ ସମ୍ପର୍କୀୟ ଭାଇମାନେ ଆଣି ଝିଅ ଜ୍ୱାଇଁଙ୍କୁ ସେମାନଙ୍କ ପାଖରେ ରଖିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ କଳହ ଲାଗୁରହୁଥିଲା। ୨ ଦିନ ତଳେ କଳହ ସହିତ ମାରପିଟ ହୋଇ ମଙ୍ଗଳପୁର ଥାନାରେ ୨ଟି ଭିନ୍ନ ଭିନ୍ନ ଅଭିଯୋଗ ହୋଇଥିଲା। ବିବାହିତ ଝିଅ ଜଣଙ୍କ ବିଭିନ୍ନ ସମୟରେ ପରିବାର ଲୋକଙ୍କୁ ଜୀବନରୁ ହତ୍ୟା କରିବାକୁ ଧମକ ଦେଉଥିଲା। ଆଜି ଉମାକାନ୍ତଙ୍କ ସ୍ତ୍ରୀ ଶଶୀକଳା ପରିବାର ଲୋକଙ୍କ ଖାଇବାକୁ ଭାତ, ଡାଲି, ତରକାରୀ, ଶାଗ ଭଜା ଆଦି ଘର ସାମ୍ନାରେ ରୋଷେଇ କରିଥିଲେ। ଏହି ସମୟରେ ବିବାହିତ ଝିଅ ଜଣଙ୍କ ନିକଟରେ ବୁଲିବା ସହିତ ଗାଳିଗୁଲଜ କରୁଥିଲା। କୌଣସି ସମୟରେ ଶଶୀକଳା ଘର ଭିତରକୁ ଯାଇଥିବା ସମୟରେ ବିଷ ମିଶାଇ ଦେଇଥିବା ଅନ୍ୟ ଜଣେ ଝିଅ ସସ୍ମିତା ଅଭିଯୋଗ କରିଛନ୍ତି। ଏଣୁ ସମସ୍ତେ ଗୁରୁତର ହୋଇଛନ୍ତି। ସମସ୍ତ ସଦସ୍ୟ ମେଡ଼ିକାଲରେ ଥିବାରୁ ସେ ଥାନାରେ ଅଭିଯୋଗ ଦେଇପାରିନାହାନ୍ତି ବୋଲି କହିବା ସହିତ ଖୁବ ଶୀଘ୍ର ଅଭିଯୋଗ କରିବେ ବୋଲି ଜଣାପଡ଼ିଛି।

## ପର୍ଶୁରାମ ସ୍ମୃତି ସଂସଦ ପକ୍ଷରୁ ଶ୍ରାଦ୍ଧୋତ୍ସବ

**ଯାଜପୁର, ୨୫ା୭ (ସମିସ):** ଯାଜପୁର ବ୍ଲକ ଭୁବନେଶ୍ୱରପୁରରେ ପର୍ଶୁରାମ ବିହାରୀ ସ୍ମୃତି ସଂସଦ ପକ୍ଷରୁ ସିଦ୍ଧକବି ପର୍ଶୁରାମଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ପର୍ଶୁରାମ ସ୍ମୃତିସଂସଦର ସଭାପତି ଅରବିନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରପୁର ପଞ୍ଚାୟତ ଶେଷଦେବ ବାସନ୍ତି ଉଚ୍ଚ ବିଦ୍ୟାଳୟ ପରିସରରେ ସିଦ୍ଧକବି ପର୍ଶୁରାମ ବିହାରୀଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରକାଶ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଅଧାପକ ନିତ୍ୟାନନ୍ଦ ଦେଓ, ଶେଷଦେବ ବାସନ୍ତୀ ସ୍କୁଲର ପ୍ରଧାନଶିକ୍ଷିତ୍ରୀ ଗିତାଞ୍ଜଳି ପଣ୍ଡା, ଶଙ୍କର୍ଷଣ ପହି, ଲଳିତ ମୋହନ ବୈରୀଗଞ୍ଜନ ମହାପାତ୍ର, ଦୁଃଶାସନ ପହି, ଅରୁଣ ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପର୍ଶୁରାମଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ, ସ୍କୁଲର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା

## ପ୍ରାଚୀନ କବି ସନ୍ଥ ପର୍ଶୁରାମ ବିହାରୀଙ୍କ ଶ୍ରାଦ୍ଧ ଉତ୍ସବ

**ବାଲିଚନ୍ଦ୍ରପୁର, ୨୫ା୭ (ସମିସ):** ବାଲିଚନ୍ଦ୍ରପୁର ସ୍ଥିତ ମାହାଙ୍ଗା-ବଡ଼ଚଣା ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ବଡ଼ଚଣା ମାଟିର ପ୍ରଣମ୍ୟ ପୁରୁଷ ତଥା ପ୍ରାଚୀନ କବି ସନ୍ଥ ସାଧକ ପର୍ଶୁରାମ ବିହାରୀଙ୍କ ପବିତ୍ର ଶ୍ରାଦ୍ଧ ଉତ୍ସବ ବରପଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପରିଷଦର ସଭାପତି ସାମ୍ବାଦିକ ଭକ୍ତଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ସଂସ୍କୃତି ଗବେଷକ ଇଂ.ରଶ୍ମିରଞ୍ଜନ ରାୟ ଉତ୍ସବକୁ ଉଦ୍‌ଘାଟନ କରି ସନ୍ଥ ପର୍ଶୁରାମ ବିହାରୀଙ୍କ ଶରୀର ତତ୍ତ୍ୱଭଜନ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ଡଃ ନିରଞ୍ଜନ ସାହୁ ଓ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଡଃ ଭାଗ୍ୟଧର ସାହୁ, ଶିକ୍ଷାବିତ ଉମାକାନ୍ତ ବଳ ଓ ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ସାମଲ ପ୍ରମୁଖ ଯୋଗଦେଇ ଓଡ଼ିଆ ସନ୍ଥ ସାହିତ୍ୟକୁ ପର୍ଶୁରାମ ବିହାରୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଧ୍ୟାତ୍ମିକ ପ୍ରବକ୍ତା ଡଃ ନିରଞ୍ଜନ ସାହୁଙ୍କୁ ମର୍ଯ୍ୟାଦାଜନକ 'ସନ୍ଥ ପର୍ଶୁରାମ ବିହାରୀ ସମ୍ମାନ' ପ୍ରଦାନ କରାଯାଇଥିବା ବେଳେ କବି ମହେନ୍ଦ୍ର ନନ୍ଦଙ୍କ ଆଧ୍ୟାତ୍ମିକ କବିତା ପୁସ୍ତକ 'ଶୁଣିମା ହେଉ ମଣିମା' ଉନ୍ମୋଚିତ ହୋଇଥିଲା। ପରିଷଦର କାର୍ଯ୍ୟକାରୀ ସଭାପତି ତଥା ପର୍ଶୁରାମ ବିହାରୀଙ୍କ ବଂଶଜ ଡ. ରବୀନ୍ଦ୍ର କୁମାର ବିହାରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ ରାମଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ କଣ୍ଠଶିଳ୍ପୀ ଗଗନ ବିହାରୀ ଜେନା ପର୍ଶୁରାମ ବିହାରୀଙ୍କ ରଚିତ ଶରୀର ତତ୍ତ୍ୱ ଭଜନ ପରିବେଷଣ କରିଥିବା ବେଳେ ଆଚାର୍ଯ୍ୟ ରଞ୍ଜନ କୁମାର ବେହେରା ମାନପତ୍ର ପାଠ କରିଥିଲେ। ପ୍ରଧାନଆଚାର୍ଯ୍ୟ ଶୁଭ୍ରଜିତ ଧଳ ଧନ୍ୟବାଦ ଦେଇଥିଲେ। ସୁରମୋହନ ମହାପାତ୍ର, ଅବସରପ୍ରାପ୍ତ ବିଇଓ ଗୋବିନ୍ଦ ଚନ୍ଦ୍ର ପରିଡ଼ା, କପିଳ ଚନ୍ଦ୍ର ସାମଲ, ସଚ୍ଚିଦାନନ୍ଦ ଜେନା, ରାଖାଲ ଚନ୍ଦ୍ର ଜେନା ଓ ବିପିନ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବେଳେ ପରିଷଦର କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମଲ, ସାଂସ୍କୃତିକ ସମ୍ପାଦକ ଅଜୟ କୁମାର ଜେନା, ବରିଷ୍ଠ ସଦସ୍ୟ ସାମ୍ବାଦିକ ବିଜୟ କୁଅଁର ଓ ତପନ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କାମରେ ଲାଗୁନାହିଁ ପ୍ରାଣୀ ଚିକିତ୍ସାଳୟ

**କୁଆଖିଆ, ୨୫ା୭ (ସମିସ)**

ରସୁଲପୁର ବ୍ଲକ ଗନ୍ଧଣ ପଞ୍ଚାୟତ ଏକତଲା ସହର ସାହି ନିକଟରେ ନିର୍ମାଣ ହୋଇଥିବା ଏକ ପ୍ରାଣୀ ଚିକିତ୍ସା କେନ୍ଦ୍ର ଉଦଘାଟନର ୧୨ ବର୍ଷ ପରେ ମଧ୍ୟ କାମରେ ଲାଗୁନାହିଁ। ୨୦୧୧ ମସିହାରେ ତତ୍କାଳୀନ କୋରେଇ ବିଧାୟକ ପ୍ରୀତିରଞ୍ଜନ ଘଡେଇଙ୍କ ଦ୍ୱାରା ଉଦ୍‌ଘାଟନ ହେବା ପରେ ଏହି ଗୃହଟି ସେମିତି ପଡ଼ିରହିଛି। ଏ ସମ୍ପର୍କରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଜ୍ୟୋତିରଞ୍ଜନ ମହାନ୍ତି କୁହନ୍ତି ଯେ ବ୍ଲକରେ ୨୮ଟି ପଞ୍ଚାୟତରେ ୧୨ଟି ପ୍ରାଣୀ ଚିକିତ୍ସା କେନ୍ଦ୍ର ରହିଥିବା ବେଳେ ମାତ୍ର ୭ଜଣ ପ୍ରାଣିଧନ ନିରୀକ୍ଷକ ରହିଛନ୍ତି। ସେତେବେଳର ସରକାର ୨୦୧୦ ମସିହାରେ ପ୍ରସପେକ୍ଟ୍ ଯୋଜନାରେ କେତେକ ନୂଆ ପ୍ରାଣିଧନ ଚିକିତ୍ସାଳୟ ଖୋଲିବାକୁ ନିଷ୍ପତି ନେଇଥିଲେ। ଏହି କେନ୍ଦ୍ର ପାଇଁ କୌଣସି ନିରୀକ୍ଷକ ନିଯୁକ୍ତି ଦିଆଯାଇନଥିଲେ। ତେଣୁ କେନ୍ଦ୍ର ଖୋଲାଯାଇ ପାରିନାହିଁ। ନୂଆ ନିଯୁକ୍ତି ହେଲେ ଏହା କାର୍ଯ୍ୟକ୍ଷମ ହୋଇପାରିବ। ତେବେ ଏହାକୁ କାର୍ଯ୍ୟକ୍ଷମ କରିବାକୁ ସପ୍ତାହରେ ଦିନେ ଦୁଇଦିନ ଖୋଲିବା ପାଇଁ ତୁଳସୀପୁର କେନ୍ଦ୍ରର ପ୍ରାଣିଧନ ନିରୀକ୍ଷକଙ୍କୁ ଚିଠି କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଏହାର କାର୍ଯ୍ୟକ୍ଷମ ସମ୍ପର୍କରେ ତାଙ୍କ ପାଖରେ ମଧ୍ୟେ କୌଣସି ସୂଚନା ନାହିଁ ବୋଲି ସରପଞ୍ଚ ରୁଦ୍ର ଚରଣ ମହାନ୍ତି କହିଛନ୍ତି। ସ୍ଥାନୀୟ ଲୋକମାନଙ୍କ ପ୍ରାଣୀ ସମ୍ପଦ ମାନଙ୍କର ଚିକିତ୍ସା ଆବଶ୍ୟକ ହେଲେ ୩ କିମି ଦୂରରେ ଥିବା ତୁଳସୀପୁର କିମ୍ବା ମଧୁବନ ଚିକିତ୍ସା କେନ୍ଦ୍ରକୁ ଯିବାକୁ ପଡୁଛି। ଏହି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



# ସମ୍ପାଦକୀୟ



ନିଜର ଦୁନିଆକୁ ଆବିଷ୍କାର କରିବା ଜୀବନର ପ୍ରଥମ ଲକ୍ଷ୍ୟ ଏବଂ ତାହାର ସାମଗ୍ରିକ କଲ୍ୟାଣ ପାଇଁ ପୂର୍ଣ୍ଣପ୍ରାଣରେ ନିଜକୁ ସମର୍ପଣ କରିବା ପ୍ରଥମ କର୍ତ୍ତବ୍ୟ।

-ଗୌତମ ବୁଦ୍ଧ

ସକାଳ
THE SAKALA

## ଚୀନାଙ୍କୁ ଭିସା

ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ପୂର୍ବରୁ ଚୀନ ସହ ଗତ ୫ ବର୍ଷ ଧରି ଥିବା ତିକ୍ତ ସଂପର୍କକୁ ସହଜ ଓ ସାବଲୀଳ କରିବା ପାଇଁ ଭାରତ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ ଜୁଲାଇ ୨୪ରୁ ଚୀନ ନାଗରିକଙ୍କୁ ପର୍ଯ୍ୟଟନ ଭିସା ଦେବା ସକାଶେ ରାଜି ହୋଇଛି ଭାରତ। ଏହା ଫଳରେ ଦୁଇ ଦେଶର ନାଗରିକଙ୍କ ମଧ୍ୟରେ ସଂପର୍କ ଓ ସହଯୋଗ ପ୍ରତିଷ୍ଠା ହୋଇପାରିବ। ଗଲୱାନ ଉତ୍ତେଜନା ଓ କୋଭିଡ ମହାମାରୀ ପ୍ରେକ୍ଷାପଟରେ ଏହି ସଂପର୍କ ଏକପ୍ରକାର ତୁଟି ଯାଇଥିଲା। ନିକଟରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ବେଜିଂ ଗସ୍ତରେ ଯାଇ ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କ ସହ କରିଥିବା ଆଲୋଚନା ଏ ଦିଗରେ ପଥ ପରିଷ୍କାର କରିଛି। ଦ୍ୱିପାକ୍ଷିକ ସଂପର୍କର ଭିତ୍ତିଭୂମି ଗତ ଅକ୍ଟୋବରରେ ଜିନପିଙ୍ଗ ଓ ମୋଦୀଙ୍କ ମସ୍କୋ ବୈଠକରେ ପଡ଼ିଥିଲେ ମଧ୍ୟ 'ଅପରେସନ ସିନ୍ଦୂର'ରେ ଚୀନର ଭୂମିକା କ୍ଷେତ୍ରପ୍ରସ୍ତୁତିରେ ବାଧକ ସାଜିଥିଲା। ତେବେ ପରିବର୍ତ୍ତିତ କୂଟନୈତିକ ଦୃଶ୍ୟପଟ ଦୁଇପକ୍ଷଙ୍କୁ ପୁନର୍ବିଚାର କରିବାର ସୁଯୋଗ ଆଣିଦେଇଛି। ଏଥିସହ କୈଳାସ ମାନସରୋବର ଯାତ୍ରା ସକାଶେ ମଧ୍ୟ ପଥ ପରିଷ୍କାର ହୋଇଛି।

ଏକଥା ସତ ଯେ ସୋଭିଏତ ରୁଷ ବିଭାଜନ ପରେ ଆମେରିକାର ପ୍ରତିପତ୍ତି ଓ ପଇଁତରା ବଢ଼ିଛି। ପୂର୍ବ ୟୁରୋପର କମ୍ୟୁନିଷ୍ଟ ଦୁର୍ଗର ପତନ ଘଟିଛି। ଅଧିକାଂଶ ବିଭାଜିତ ରାଷ୍ଟ୍ର ନାଟୋ ମେଣ୍ଟରେ ଅଂଶୀଦାର ହୋଇଛନ୍ତି, ଯାହାର ପରିଣତି ହେଉଛି ରୁଷ-ୟୁକ୍ରେନ ଯୁଦ୍ଧ। ରୁଷର ଦୁର୍ବଳ ଅର୍ଥନୀତି ପୁତିନଙ୍କ ନେତୃତ୍ୱରେ ସବଳ ହୋଇଛି। ସର୍ବଶକ୍ତିମାନ ଆମେରିକା ପାଇଁ ଆହ୍ୱାନ ସୃଷ୍ଟି କରିପାରି ନଥିଲେ ମଧ୍ୟ ରୁଷ ନିଜର ସ୍ଥିତି ଜାହିର କରିବାକୁ ସମର୍ଥ ହୋଇଛି। ଆମେରିକାରେ ଟ୍ରମ୍ପଙ୍କ ପରିବର୍ତ୍ତିତ ନେତୃତ୍ୱ ନିଜର ବାଣିଜ୍ୟ ନୀତି ମାଧ୍ୟମରେ ସମଗ୍ର ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବା ବେଳେ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ବିକଳ୍ପ କ୍ଷମତା କେନ୍ଦ୍ରର ଆବଶ୍ୟକତା ରହିଛି। ଏସବୁ ସତ୍ତ୍ୱେ ଚୀନର ମୁକାବିଲାମୂଳକ ଆଭିମୁଖ୍ୟ ନିକଟରେ ଆମେରିକା ନିଜ ବଜାରର ଚାହିଦା ଦୃଷ୍ଟିରୁ କେତେକାଂଶରେ ସାଲିସ କରିବାକୁ ବାଧ୍ୟ ହୋଇଛି। ଆମେରିକା ପଛକୁ ଚୀନ ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ହୋଇଥିଲେ ହେଁ ନିଜର ବାଣିଜ୍ୟିକ ସ୍ୱାର୍ଥରକ୍ଷା ପାଇଁ ମାର୍କିନ ବଜାର ଉପରେ ନିର୍ଭରଶୀଳତାକୁ ଅଣଦେଖା କରିପାରିବ ନାହିଁ। ଉଭୟ ସାମରିକ ଓ ବୈଷୟିକ ଜ୍ଞାନକୌଶଳ ହାସଲ କରିବାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଚୀନ ଯେ ଅନ୍ୟତମ ଶକ୍ତି ଏକଥା ସ୍ୱୀକାର କରିବାକୁ ହେବ। ରୁଷ ଓ ଚୀନ ସଂପର୍କ ଆମେରିକା ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ପୁତିନଙ୍କ ପକ୍ଷରୁ ରୁଷ-ଭାରତ-ଚୀନ (ଆରଆଇସି) ସଂପର୍କ ଓ ସହଯୋଗ ପ୍ରତିଷ୍ଠା ସକାଶେ ଆରମ୍ଭ ହୋଇଥିବା ଉଦ୍ୟମରେ ଚୀନର ବିସ୍ତାରବାଦୀ ଆଭିମୁଖ୍ୟ ବାଧକ ସାଜିଛି। ଅଗଷ୍ଟ ୩୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସଂଘାଇ ସହଯୋଗ ସଂଗଠନର ଶିଖର ସମ୍ମିଳନୀ ପୂର୍ବରୁ ଭାରତ ଓ ଚୀନ ମଧ୍ୟରେ ଆରମ୍ଭ ହୋଇଥିବା ଭିସା ରାଜନୀତି ସ୍ୱାଭାବିକ ସଂପର୍କ ପାଇଁ ପଥ ପରିଷ୍କାର କରିବ ବୋଲି ଆଶା କରାଯାଉଛି।

ଚୀନ ପଞ୍ଚମଥର ପାଇଁ ସଂଘାଇ ସହଯୋଗ ସଂଗଠନ ସମ୍ମିଳନୀ ଆୟୋଜନ କରୁଛି। ୯ ଟି ରାଷ୍ଟ୍ରକୁ ନେଇ ଗଠିତ ଏହି ସଂଗଠନରେ ରୁଷ, ଚୀନ, ଭାରତ, ପାକିସ୍ତାନ ଓ ଇରାନ ସଦସ୍ୟ ଥିବାରୁ ଏହାର ସ୍ୱତନ୍ତ୍ର କୂଟନୈତିକ ଗୁରୁତ୍ୱ ରହିଛି। ଆମେରିକାର ରୁଷ ଓ ଇରାନ୍ ବିରୋଧୀ ଆଭିମୁଖ୍ୟକୁ ଆହ୍ୱାନ ଦେଲା ଭଳି ଯଦି କୌଣସି ନିଷ୍ପତ୍ତି ସମ୍ମିଳନୀରେ ଗ୍ରହଣ କରାଯାଏ ତେବେ ଟ୍ରମ୍ପ ବ୍ରିକ୍ସ ଘୋଷଣାନାମା ଭଳି ଏକ୍ଷେତ୍ରରେ ବିଷୋଦ୍‌ଗାର କରିବା ଏକ ପ୍ରକାର ନିଶ୍ଚିତ। ଆମେରିକା ସହ ୟୁରୋପୀୟ ରାଷ୍ଟ୍ରସଂଘ ରୁଷ ସହ ବାଣିଜ୍ୟିକ ସଂପର୍କ ରକ୍ଷା ନ କରିବା ସକାଶେ ଯେଉଁ ଚେତାବନୀ ଦେଇଛି ତାହା ବିରୋଧରେ ଭାରତ ଓ ବ୍ରାଜିଲ ସ୍ପଷ୍ଟ ମତ ରଖିଛନ୍ତି। ଯେତେଦୂର ମନେ ହୁଏ ସଂଘାଇ ସହଯୋଗ ସମ୍ମିଳନୀରେ ସେନେଇ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇପାରେ। ଦକ୍ଷିଣ ଏସିଆରେ ଭାରତ ନିଜର ଶକ୍ତି ଓ ସାମର୍ଥ୍ୟ 'ଅପରେସନ ସିନ୍ଦୂର' ମାଧ୍ୟମରେ ପ୍ରଦର୍ଶନ କରିସାରିଛି। ତେଣୁ ଏଭଳି ଏକ ମହାମେଣ୍ଟ ସଂରଚନା ପାଇଁ ଯେଉଁ ସୁଯୋଗ ସୃଷ୍ଟି ହୋଇଛି ସେଥିରେ ଟ୍ରମ୍ପ ଭାରତ ବିରୋଧୀ ଆଭିମୁଖ୍ୟ ବଦଳାଇବାକୁ ବାଧ୍ୟ ହେବେ। ପାକିସ୍ତାନକୁ ଯୁଦ୍ଧ ବେଳେ ତୁର୍କୀ ଓ ଚୀନ ଉଭୟ ସହାୟତା ଦେଇଥିଲେ ମଧ୍ୟ ଭାରତ ନିଜର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ବେଜିଂ ସଂପୃକ୍ତି ନେଇ ନିରବ ରହିଛି।

ଗଲୱାନ ଉତ୍ତେଜନା ପରେ ପରେ ଏଲଏସିକୁ ନେଇ ବୁଝାମଣା ଓ ସୈନ୍ୟ ପ୍ରତ୍ୟାହାର ପରେ ଭାରତ ଓ ଚୀନ ମଧ୍ୟରେ ସ୍ୱାଭାବିକ ସଂପର୍କ ପ୍ରତିଷ୍ଠା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିଲେ ହେଁ ଦୁଇ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଓ ବାଂଲାଦେଶ ସହ ବେଜିଂର ଆଭିମୁଖ୍ୟ ସମ୍ଭାବନା ପ୍ରତିଷ୍ଠାରେ ପ୍ରତିବନ୍ଧକ ସୃଷ୍ଟି କରିଛି। ତିବ୍ବତ ସ୍ୱୟଂଶାସିତ ଅଞ୍ଚଳରେ ଚୀନ ଏଥିମଧ୍ୟରେ ବିଶ୍ୱର ସର୍ବବୃହତ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଭାରତ ଓ ଭୂଟାନ ସୀମା ନିକଟବର୍ତ୍ତୀ ଅଞ୍ଚଳରେ ବ୍ରହ୍ମପୁତ୍ର ନଦୀରେ ନିର୍ମାଣାଧୀନ ଏହି ନଦୀବନ୍ଧ ଯୋଜନା ମାଧ୍ୟମରେ ଚୀନ ନିଜ ଦେଶର ୩୦ ଟି ସହରକୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ଶକ୍ତି ଯୋଗାଇବାକୁ ସମର୍ଥ ହେବ। ବ୍ରହ୍ମପୁତ୍ରର ଉପରମୁଣ୍ଡରେ ନଦୀଜଳକୁ ନିୟନ୍ତ୍ରଣ କରାଗଲେ ତଳମୁଣ୍ଡରେ ଜଳ ସଂକଟ ସୃଷ୍ଟି ହେବା ଏକ ପ୍ରକାର ନିଶ୍ଚିତ। ଭାରତର ଉତ୍ତର ଓ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟବାସୀଙ୍କୁ ବ୍ରହ୍ମପୁତ୍ର ନଦୀଜଳ ଉପରେ ନିର୍ଭରଶୀଳତାକୁ ବିଚାର କଲେ ଚୀନ ଯେ ଆଗାମୀ ଦିନରେ ଏହାକୁ ଜଳବୋମା ରୂପେ ପ୍ରୟୋଗ ନ କରିବ ଏକଥା କିଏ କହିବ। ଭାରତର ଆପତ୍ତି ଓ ଚୀନର ପ୍ରତିଶ୍ରୁତି ଶେଷକଥା ନୁହେଁ। ୧୬୦ ବିଲିୟନ ଡଲାର ବ୍ୟୟରେ ନିର୍ମାଣାଧୀନ ଏହି ଜଳ ପ୍ରକଳ୍ପର ଭବିଷ୍ୟତ ନେଇ ଚିନ୍ତା କଲେ ଆମେ ଯେଉଁ ସଂପର୍କର ସେତୁ ବାନ୍ଧୁଛେ ତାହାର ସୀମିତତା ବାରି ହୋଇପଡୁଛି।

ଚୀନ ଭାଇ ଭାଇ ସଂପର୍କ ୧୯୬୨ ଆକ୍ରମଣରେ ଭୁଶୁଡ଼ି ପଡ଼ିଥିଲା। ଦୁଇ ପଡ଼ୋଶୀ ରାଷ୍ଟ୍ରମଧ୍ୟରେ ଦୀର୍ଘ ବର୍ଷ ଧରି ସ୍ୱାଭାବିକ ସଂପର୍କ ପ୍ରତିଷ୍ଠା ହୋଇପାରିନଥିଲା। ନବେ ଦଶକରେ ଏହି ତିକ୍ତତା ଦୂର ହେବା ସହ ବାଣିଜ୍ୟିକ ସଂପର୍କ ମଧ୍ୟ ସୁଦୃଢ଼ ହୋଇଥିଲା। ଏସବୁ ସତ୍ତ୍ୱେ ଭାରତର ପ୍ରଗତି ଓ ସମୃଦ୍ଧି ଚୀନ ପାଇଁ ଅସହଣୀୟ। ଶକ୍ତି ଓ ସାମର୍ଥ୍ୟ ଦୃଷ୍ଟିରୁ ଆମେ ଚୀନର ପ୍ରତିଦ୍ୱନ୍ଦ୍ୱୀ ହୋଇନଥିଲେ ମଧ୍ୟ ବିଶ୍ୱର ଚତୁର୍ଥ ଅର୍ଥନୀତି ଭାବେ ଦକ୍ଷିଣ ଏସିଆରେ ଭାରତର ଯେ ପତିଆରା ଓ ପଇଁତରା ରହିଛି ତାହାକୁ ଅସ୍ୱୀକାର କରିହେବନି। ତେଣୁ ଯୋଜନାବଦ୍ଧ ଭାବେ ଆମର ପଡ଼ୋଶୀ ରାଷ୍ଟ୍ରଙ୍କୁ କୁଟିଳ କୂଟନୀତି ପ୍ରୟୋଗ କରି କରାୟତ୍ତ କରିରଖିଛି ଚୀନ। ଭାରତକୁ ସଂପର୍କ ଯୋଡ଼ିଲା ବେଳେ ହାତେ ମାପି ଚାଖଣ୍ଡେ ଚାଲିଲା ଭଳି ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ। ●

## ତୋତେ ହିଁ ତୁହି ରକ୍ଷା କର

ପ୍ରହଲାଦ କୁମାର ସିଂହ

ଯେଉଁଠି ନାରୀମାନଙ୍କ ପୂଜା କରାଯାଏ ସେଠାରେ ଦେବତାମାନେ ଅବସ୍ଥାନ କରନ୍ତି ବୋଲି ଆମ ଶାସ୍ତ୍ରପୁରାଣରେ ଉଲ୍ଲେଖ ରହିଛି। ଏବେ ଆମ ରାଜ୍ୟ ଓ ଦେଶରେ ନାରୀମାନଙ୍କ ପ୍ରତି ଯେଭଳି ଅପରାଧ ବଢ଼ି ଚାଲିଛି ଏବଂ ଘରେ ଓ ବାହାରେ କୁନିକୁନି ଝିଅଙ୍କଠାରୁ ଆରମ୍ଭ କରି ବୟସ୍କାମାନେ ଅସୁରକ୍ଷିତ ହୋଇ ପଡୁଛନ୍ତି ଦେବଲୀଳା ଭୂମି ଆମ ରାଜ୍ୟ ଓ ଦେଶ ଏକପ୍ରକାର ଈଶ୍ୱରଙ୍କ ପରିତ୍ୟକ୍ତ ଅଞ୍ଚଳରେ ପରିଣତ ହୋଇଛି ବୋଲି କୁହାଯାଇପାରେ। ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ ଓ ମନ୍ଦୋଦରୀଙ୍କ ଭଳି ପଞ୍ଚକନ୍ୟାଙ୍କ ନାମ ପ୍ରତିଦିନ ସ୍ମରଣ କଲେ ମହାପାତକ ନାଶ ହୁଏ ବୋଲି ଶାସ୍ତ୍ର କହୁଛି। ତେବେ ଆମ ରାଜ୍ୟ ଓ ଦେଶରେ ଲକ୍ଷଲକ୍ଷ କନ୍ୟା ନିର୍ଯ୍ୟାତନାର ଶିକାର ହେବା ସହ ନ୍ୟାୟ ନପାଇ ପ୍ରାଣ ବିସର୍ଜନ କରୁଥିବା ବେଳେ ଆମ ଉପରେ କେତେ ଯେ ପାପ ଲଦି ହୋଇଯାଉଥିବ ତାହା ମାପିବ କିଏ?

ମା'ଦୁର୍ଗା, କାଳୀ, ପାର୍ବତୀ ଆଦି ମହାଶକ୍ତିମାନେ ବହୁ ପରାକ୍ରମଶାଳୀ ରାକ୍ଷସମାନଙ୍କ ନିପାତ କରି ସୃଷ୍ଟିର ସୁରକ୍ଷା କରିଥିବା ପୁରାଣର କଥାବସ୍ତୁ। ଘରେଘରେ ପାଳନ କରାଯାଉଥିବା ମାଣବସା ବେଳେ ବୋଲାଯାଉଥିବା ମହାଲକ୍ଷ୍ମୀଙ୍କ ପୁରାଣ ଏକଥା କୁହେ ଯେ ମଣିଷ ହେଉ କି ଦେବତା, ଯିଏ ବି ନାରୀର ଅସମ୍ମାନ କରେ ସେମାନେ କଠୋର ଦଣ୍ଡରେ ଦଣ୍ଡିତ ହୁଅନ୍ତି। ନାରୀମାନଙ୍କ ନିରାପତ୍ତା ଲାଗି ଆମ ଆଇନ୍‌ରେ ବହୁ ବ୍ୟବସ୍ଥା ରହିଛି। ଭାରତୀୟ ପିଙ୍ଗଳ କୋଡ୍, ଭାରତୀୟ ନ୍ୟାୟ ସଂହିତା, ପୋସ୍, ପକ୍‌ସୋ ଆଦି ମାଳମାଳ ଆଇନ୍‌ରେ ନିର୍ଯ୍ୟାତିତା ନାରୀଙ୍କୁ ନ୍ୟାୟ ଦେବା ସହ ଏହାର ନିରାକରଣ ପାଇଁ ବି ଅନେକ କଥା କୁହାଯାଇଛି। କିନ୍ତୁ ବାସ୍ତବ ଚିତ୍ର ହେଉଛି ସତେଯେମିତି ଆମ କଠୋର ଆଇନ୍ କାନୁନ୍‌କୁ ଅପରାଧୀମାନେ ଖାତିର କରୁନାହାନ୍ତି। ଫଳରେ ବର୍ଷକୁ ବର୍ଷ ମହିଳାଙ୍କ ପ୍ରତି ଅପରାଧିକ ମାମଲା ସଂଖ୍ୟା ବଢ଼ିବଢ଼ି ଚାଲିଥିବା ବେଳେ ଏ କ୍ଷେତ୍ରରେ ମାମଲା ଫଇସଲା ଓ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଛି।

ନିକଟରେ ଯୁକ୍ତରାଷ୍ଟ୍ର ଆମେରିକା ତାହାର ଅଧିବାସୀମାନଙ୍କ ପାଇଁ ଭାରତ ସଂକ୍ରାନ୍ତରେ ଯେଉଁ ମାର୍ଗନିର୍ଦ୍ଦେଶିକା ଜାରି କରିଛି ତାହା ଯେକୌଣସି ଦାୟିତ୍ୱସଂପନ୍ନ ଭାରତୀୟଙ୍କୁ ଲଜ୍ଜିତ କରିବ। ଓଡ଼ିଶା ସମେତ ଭାରତର ବିଭିନ୍ନ ଅଞ୍ଚଳରେ ମହିଳାମାନଙ୍କ ପ୍ରତି ବଳାତ୍କାର ସମେତ ବିଭିନ୍ନ ହିଂସା ଘଟୁଥିବା ଏବଂ ଅନ୍ୟାନ୍ୟ ଅପରାଧ ବଢୁଥିବାର ଉଦାହରଣ ଦେଇ ଏସବୁ ଅଞ୍ଚଳକୁ ଆମେରିକୀୟମାନେ ଆସିବା ବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ଏହା ଆମ ସଂସ୍କୃତି, ସ୍ୱାଭିମାନ, ଅସ୍ମିତା ଓ ବ୍ୟବସ୍ଥା ଆଦି ପାଇଁ ଆହ୍ୱାନ ନିଶ୍ଚୟ।

ଏବେ ବାଲେଶ୍ୱରର ଫକୀର ମୋହନ କଲେଜ୍ ଛାତ୍ରୀ ଆତ୍ମାହୁତିଠାରୁ ବଲାଙ୍ଗୀର ନାବାଳିକାଙ୍କୁ ଦିନବେଳା ରାସ୍ତାଘାଟରେ ପୋଡ଼ି ମାରିବାକୁ ଉଦ୍ୟମ କରାଯିବା ଘଟଣା ଘେନି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ କମ୍ପନ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ, ବଳାତ୍କାର ଅଭିଯୋଗରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଏବଂ ଅନୁଗୁଳ ଜିଲ୍ଲା ବିଜେପି ସଂପାଦକଙ୍କୁ ଦଳ ନିଲମ୍ବନ କରିଛି। ବ୍ରହ୍ମପୁର ସହରରେ ଦିବଙ୍ଗତ ପ୍ରଧାନମନ୍ତ୍ରୀଙ୍କ ନାମରେ ଏକ କ୍ଲିନିକ ଖୋଲିଥିବା ଜଣେ ନକଲି ଡାକ୍ତର ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଛନ୍ତି। ବାଲେଶ୍ୱର ଘଟଣାରେ କଲେଜ୍‌ର ଅଧ୍ୟକ୍ଷ ଓ ଜଣେ ଅଧ୍ୟାପକ ନିଲମ୍ବିତ ହେବା ସହ ଏବେ ଜେଲ୍‌ରେ ଅଛନ୍ତି। ଏପରି ଅଘଟଣର ତାଲିକା ବେଶ୍ ଲମ୍ବା। ପ୍ରାୟ ପ୍ରତିଦିନ ଗଣମାଧ୍ୟମରେ ଏଭଳି ଦୁଃସମ୍ବାଦମାନ ପ୍ରକାଶ ପାଉଛି।

ସ୍ୱାଧୀନତା ସଂଗ୍ରାମ ବେଳେ କୁହାଯାଉଥିଲା ଯେ ସ୍ୱାଧୀନ ଭାରତର ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ଏତେ ମାର୍ଜିତ ହେବ ଏବଂ ଆମ ଦେଶର ଲୋକେ ଏତେ ସୁଶୃଙ୍ଖଳ ହେବେ ଯେ ରାତି ଅଧରେ ବି ଜଣେ ଯୁବତୀ କୌଣସି ସ୍ଥାନକୁ ଯାଇ ନିରାପଦରେ ଫେରିଆସିପାରିବ। କେନ୍ଦ୍ର ସରକାରଙ୍କ ରିପୋର୍ଟ ମୁତାବକ ପ୍ରତି ତିନି ଜଣରେ ଦୁଇଜଣ ମହିଳା ଘରୋଇ ହିଂସାର ଶିକାର ହେଉଛନ୍ତି। ଏମିତିକି ନିକଟରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଝିଅ ନିରାପତ୍ତା ରକ୍ଷୀମାନଙ୍କ ଉପସ୍ଥିତିରେ ଅସାମାଜିକ ବ୍ୟକ୍ତିଙ୍କ ଅସୌଜନ୍ୟ ଆଚରଣର ଶିକାର ହେବା ଘଟଣାରେ ନିଜେ କେନ୍ଦ୍ରମନ୍ତ୍ରୀ ରକ୍ଷା ଖଡ଼୍‌ସେ ମହାରାଷ୍ଟ୍ର ପୁଲିସ ନିକଟରେ ଅଭିଯୋଗ ରଖି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ଯାତ୍ରା ଅଭିଯାନରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ହିମାନୀ ନରୱାଲ୍ ନାମ୍ନୀ ଜଣେ ଯୁବତୀଙ୍କ ଖଣ୍ଡବିଖଣ୍ଡିତ ମୃତ ଶରୀର ବାକ୍ସ ଭିତରୁ ହରିଆନାର ଏକ ବସ୍‌ଷ୍ଟାଣ୍ଡ ନିକଟରୁ ମିଳିଛି। କିଛିବର୍ଷ ତଳେ ନୈନା ସାହାଣୀ ନାମ୍ନୀ ଜଣେ ଯୁବନେତ୍ରୀଙ୍କୁ ଖଣ୍ଡଖଣ୍ଡ କରି କାଟି ଦିଲ୍ଲୀର ଏକ ତନ୍ଦୁରୀ ଚୁଲିରେ ପୋଡ଼ି ଦିଆଯାଇଥିଲା। ସେହିଭଳି ଦିଲ୍ଲୀର ନିର୍ଭୟାରୁ କଲିକତାର ଅଭୟା ହତ୍ୟା ଘଟଣା ଏବେ ବି ଜନମାନସରେ ରହିଛି। ଗତ ଯୁକ୍ତଦୁଇ ପରୀକ୍ଷା ସମୟରେ ପଟ୍ଟାମୁଣ୍ଡାଇର ଜଣେ ବାଣିଜ୍ୟ ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ଦିଆଯିବାରୁ ସେ ଆତ୍ମହତ୍ୟା କରିବା ଭଳି ଅଭାବନୀୟ ଘଟଣା ଏବଂ ନିଜ ଝିଅକୁ ବଳାତ୍କାର କରି ଜେଲ୍ ଦଣ୍ଡ ଭୋଗୁଥିବା ବାଣପୁର ଅଞ୍ଚଳର ଅପରାଧୀ ପିତାଙ୍କ କଳା କାହାଣୀ ଆମ ସମସ୍ତଙ୍କ ମୁହଁରେ କାଳିମା ବୋଳି ଦେଇଛି।

୧୯୯୦ ଦଶକରେ ମୟୂରଭଞ୍ଜ ଜିଲ୍ଲାର ଜଣେ ଆଦିବାସୀ ଯୁବକ ମଦ ନିଶାରେ ନିଜର ନାବାଳିକା ଝିଆରୀକୁ ବଳାତ୍କାର ପରେ ହତ୍ୟା ଅଭିଯୋଗରେ ବ୍ରହ୍ମପୁର ଜେଲ୍‌ରେ ଫାଶୀ ଖୁଣ୍ଟରେ ଝୁଲିଥିଲା। ତା'ପରଠାରୁ ଆଉ କାହାକୁ ଫାଶୀ ଦିଆଯାଇନାହିଁ। ଏହାପରେ ସମ୍ବଲପୁର, ଝାରସୁଗୁଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ତିନୋଟି ବଳାତ୍କାର ଘଟଣାରେ ଅଭିଯୁକ୍ତଙ୍କୁ ଦୌରା ଅଦାଲତ ଫାଶୀ ଦଣ୍ଡାଦେଶ ଦେଇଥିଲେ ମଧ୍ୟ ସେମାନେ ଉପର ଅଦାଲତରେ ଖସିଯାଇଛନ୍ତି। ଆମ ରାଜ୍ୟରେ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ଏବଂ ମହିଳା କର୍ମଚାରୀ କିମ୍ବା ଛାତ୍ରୀମାନଙ୍କୁ ନିର୍ଯ୍ୟାତନା ଦିଆଯିବା ସଂକ୍ରାନ୍ତୀୟ ଯେତେ ଅଭିଯୋଗ ଦରଜ ହେଉଛି ତାହାର ଢେର ଅଧିକ ଗୁଣ ମାମଲା କିନ୍ତୁ ଲୋକଲଜ୍ଜା ଏବଂ ଅନ୍ୟାନ୍ୟ କାରଣରୁ ଚାପି ହୋଇ ରହିଯାଉଛି।

ଏ ସମସ୍ୟାର ସମାଧାନ ପାଇଁ ୧୯୯୭ରେ ସୁପ୍ରିମକୋର୍ଟ 'ବିଶାଖା ମାମଲା'ରେ ଦେଇଥିବା ମାର୍ଗ ନିର୍ଦ୍ଦେଶିକା ଆଧାରରେ ଆଭ୍ୟନ୍ତରୀଣ ତଦନ୍ତ କମିଟି ପ୍ରତି ସଂସ୍ଥାରେ ରହିବା ଦରକାର। ପୋସ୍ ଆଇନ୍‌ରେ ବି ବ୍ୟବସ୍ଥା ରହିଛି। ରାଜ୍ୟ ସରକାରୀ କର୍ମଚାରୀ ଆଚରଣ ବିଧିରେ ମଧ୍ୟ ଏହାକୁ ବିଶୃଙ୍ଖଳା ଭାବେ ଗଣନା କରାଯାଏ। କିନ୍ତୁ ଏତେସବୁ ଆଇନଗତ ବ୍ୟବସ୍ଥା ସତ୍ତ୍ୱେ ସଂଖ୍ୟାଧିକ କ୍ଷେତ୍ରରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନହେବା ଏବଂ ଆଇନଗତ ପନ୍ଥାକୁ ମୋଡ଼ିମକଚି ଦିଆଯିବା ଫଳରେ ମହିଳା ଓ ଶିଶୁଙ୍କ ପ୍ରତି ଅପରାଧ ସମେତ ଅନ୍ୟ ବହୁ ସାଙ୍ଘାତିକ ଘଟଣା ଘଟୁଛି। ନିଶା ସମସ୍ତ ଦୁଷ୍କୃତିର ଜନନୀ ବୋଲି କୁହାଯାଉଥିବା ବେଳେ ଏହାର ନିବାରଣ ପରିବର୍ତ୍ତେ ପ୍ରସାରଣ କରାଯାଉଛି।

ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରାଳୟର ନ୍ୟାସନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋର ସର୍ବଶେଷ ପ୍ରକାଶିତ ତଥ୍ୟ ମୁତାବକ ଓଡ଼ିଶାରେ ୨୦୨୨ ଶେଷ ସୁଦ୍ଧା ୧, ୬୯, ୫୭୨ଟି ମହିଳାଙ୍କ ପ୍ରତି ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବା ବେଳେ ସେଥିରୁ ଉକ୍ତ ବର୍ଷରେ ମାତ୍ର ୭୩୯୩ଟି ଫଇସଲା ହୋଇଥିଲା ଏବଂ ତନ୍ମଧ୍ୟରୁ ମାତ୍ର ୬୭୧ଟିରେ ଅପରାଧୀଙ୍କୁ ଦଣ୍ଡିତ କରାଯାଇଥିଲା। ଅବଶ୍ୟ ଏହା ବିରୋଧରେ ସେମାନଙ୍କ ଭିତରୁ ଅନେକ ଉପର ଅଦାଲତରେ ଅପିଲ୍ କରିଥିବେ। ସେହିବର୍ଷରେ ମହିଳାଙ୍କ ପ୍ରତି ଅପରାଧିକ ମାମଲାର ଫଇସଲା ହାର ମାତ୍ର ୪.୨ ପ୍ରତିଶତ ଥିବା ବେଳେ ଦଣ୍ଡବିଧାନ ହାର ଥିଲା ୯.୨ ପ୍ରତିଶତ। ଏବେ ଆମ ରାଜ୍ୟରେ ମହିଳାଙ୍କ ପ୍ରତି ଅପରାଧିକ ବିଚାରାଧୀନ ମାମଲା ସଂଖ୍ୟା ୨ଲକ୍ଷରୁ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। କ୍ରାଇମ୍ ରେଟ୍ ରିପୋର୍ଟ ଅଫ୍ ଇଣ୍ଡିଆ-୨୦୨୪ର ଅନ୍ୟ ଏକ ତଥ୍ୟ ମୁତାବକ ଦେଶରେ ବଳାତ୍କାର ଓ ଅପହରଣ ମାମଲା ବଢ଼ି ଚାଲିଛି।

ନୀତି ବିହୀନ ରାଜନୀତିର ପଶାପାଳିରେ ଗୋଟି ହୋଇଛି ଚରିତ୍ର ବିହୀନ ଶିକ୍ଷା, ବିବେକ ବିହୀନ ବିଳାସ, ଶ୍ରମ ବିହୀନ ସଂପଦ ଓ ତ୍ୟାଗ ବିହୀନ ଉପାସନା। ଆମ ସାମାଜିକ, ଆଧ୍ୟାତ୍ମିକ ଓ ରାଜନୈତିକ ବ୍ୟବସ୍ଥାରୁ ନୈତିକତା ଶବ୍ଦ ହଜି ଯାଉଥିବା ବେଳେ ନାଗରିକ ସମାଜ ଜଡ଼ବତ୍ ପଡ଼ିଛି। ବ୍ୟକ୍ତି, ସମାଜ ଓ ଜାତୀୟ ଜୀବନ କଳୁଷିତ ହେବାରେ ଲାଗିଥିବା ବେଳେ ଏହାକୁ ସ୍ୱଚ୍ଛ କରିବା ପରିବର୍ତ୍ତେ ମଦ୍ୟ ବନ୍ୟାରେ ଆମେ ଆମ ବ୍ୟବସ୍ଥାକୁ ଉବୁଟୁବୁ କରାଉଛୁ।

ଯେଉଁ ଭାରତ ମାଟି ଦିନେ ସାରା ବିଶ୍ୱକୁ ଭାଇଚାରାର ବନ୍ଧନରେ ବାନ୍ଧିବା ପାଇଁ 'ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ' ଘୋଷଣା କରୁଥିଲା ସେଠି ଆଜି ସତ୍ୟ, ଅହିଂସା, କରୁଣା, ସେବା ପରିବର୍ତ୍ତେ ହିଂସା ଓ ଭ୍ରଷ୍ଟାଚାରର ତାଣ୍ଡବ ଚାଲିଛି। ମହାସତୀ ସୀତା ଓ ଦ୍ରୌପଦୀ ଆଦି ସେମାନଙ୍କ ନିଜସ୍ୱ ସାଧନା ବଳରେ ନିଜ ନିଜର ଇଜ୍ଜତ ସୁରକ୍ଷିତ ରଖିପାରିଥିଲେ। ଏବେ ଆମ ମା', ଝିଅ, ଭଉଣୀ ଆଦିଙ୍କ ଇଜ୍ଜତ କୁରୁସଭାର ପଶାପାଳିରେ ବାଜି ଲାଗିଥିବା ବେଳେ ପୁରୁଷ ପ୍ରଧାନ ବ୍ୟବସ୍ଥା ଅସହାୟ ପାଣ୍ଡବଙ୍କ ଭଳି ଅନାଇ ବସିଛି। ଏ ପରିପ୍ରେକ୍ଷୀରେ ମାତୃଶକ୍ତି ଜାଗ୍ରତ ହୋଇ ନିଜେ ନିଜର ସୁରକ୍ଷା ଲାଗି ଆଗେଇ ନଆସିଲେ ଆଗକୁ ପରିସ୍ଥିତି ଅଧିକ ବିଗିଡ଼ିଯିବ। ଅପରାଧୀର ଅପରାଧକୁ ଯେଉଁମାନେ ନିୟନ୍ତ୍ରଣ କି ବିରୋଧ କରିପାରୁ ନାହାନ୍ତି ସେମାନେ ମଧ୍ୟ ମହାପାତକର ଅଂଶୀଦାର ହେଉଛନ୍ତି। ବ୍ୟବସ୍ଥାର ଉଦ୍‌ବେଗ ପୀଡ଼ିତାଙ୍କ ପୀଡ଼ା ଉପଶମ କରିପାରୁନାହିଁ କିମ୍ବା ଭବିଷ୍ୟତରେ ଏଭଳି ଅଘଟଣ ନଘଟିବ ବୋଲି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇପାରୁନଥିବା ବେଳେ ବିଗିଡ଼ା ପରିସ୍ଥିତିକୁ ସଜାଡ଼ିବା ପାଇଁ ନୀତି ନୈତିକତାର ଆଧାରରେ ଆମକୁ ବ୍ୟବସ୍ଥାର ପରିବର୍ତ୍ତନ ଲାଗି ଲମ୍ବା ଲଢ଼େଇ ଲଢ଼ିବାକୁ ପଡ଼ିବ। ଏହା ହିଁ ସମୟର ଆହ୍ୱାନ। ●

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ବିବାହର ପ୍ରତିଶ୍ରୁତି ବିବାହ ନୁହେଁ

ବୈଷ୍ଣବ ମେହେର

ପ୍ରେମ କରି ବିବାହର ପ୍ରତିଶ୍ରୁତି ଦେବା ଏବଂ ଅନ୍ତରଙ୍ଗ ସମ୍ପର୍କ ପରେ ପ୍ରତାରଣା କରିବା ଖବରକୁ ନେଇ ଏବେ ଲୋକେ ଆଉ ବିଶେଷ ବିଚଳିତ ହେଉନାହାନ୍ତି। କିନ୍ତୁ ବିବାହର ପ୍ରତିଶ୍ରୁତି ଦେଇଥିବା ଅନ୍ତଃସତ୍ତ୍ୱା ପ୍ରେମିକାକୁ ନିର୍ଯ୍ୟାତନା ଦେବା କିମ୍ବା ହତ୍ୟା କରିବା ନିଶ୍ଚିତ ଭାବରେ ବିଚଳିତ କଲା ଭଳି ଘଟଣା। ଏସବୁ ସାଂଘାତିକ ଘଟଣା ସମାଜରେ ବାରମ୍ବାର ଘଟୁଥିଲେ ହେଁ ସେସବୁରୁ ଶିକ୍ଷା ଲାଭ କରିବାରେ କିନ୍ତୁ ଅନେକ ବିଫଳ ହେଉଛନ୍ତି। ଫଳରେ ଏଭଳି ଅମାନବୀୟ ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଉଛି।

ନିଜର ଅପରିଣାମଦର୍ଶିତା କାରଣରୁ ଯେଉଁମାନେ ଏଭଳି ପ୍ରତାରଣାର ଶିକାର ହେଉଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଦୁଇବର୍ଷ ତଳେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ମାମଲାର ବିଚାର କରି ଦେଇଥିବା ରାୟ ବିଷୟରେ ଏଠାରେ ଉଲ୍ଲେଖ କରିବା ଉଚିତ ହେବ। ମାନ୍ୟବର ନ୍ୟାୟଳୟର ରାୟ ଅନୁଯାୟୀ ଭଲ ସମ୍ପର୍କରୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ମନୋମାଳିନ୍ୟ ଘଟି ବିବାହ କରିବାକୁ ରାଜି ନ ହେବାକୁ ଦୁଷ୍କର୍ମ ବୋଲି କୁହାଯାଇ ପାରିବ ନାହିଁ। ସେତେବେଳେ ଭୁବନେଶ୍ୱରର ନିର୍ଦ୍ଦିଷ୍ଟ ଘଟଣାରେ ଜଣେ ମହିଳା ତାଙ୍କ ପୁରୁଷବନ୍ଧୁଙ୍କ ନାଁରେ କରିଥିବା ମାମଲାର ଶୁଣାଣି କରି ବିଚାରପତିଙ୍କ ଖଣ୍ଡପୀଠ ଅଭିଯୁକ୍ତଙ୍କ ବିରୋଧରେ ଥିବା ଆଇପିସିର ଧାରା ୩୭୬କୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଏଭଳି ଘଟଣାରେ ବିଶେଷ ଭାବରେ ଝିଅ କିମ୍ବା ମହିଳାମାନେ ଶିକାର ହେଉଥିବାରୁ ସେଦିନର ଉକ୍ତ ବିଚାର ବିଶେଷ କରି ଝିଅ ଓ ମହିଳାଙ୍କ ପାଇଁ ଏକ ସତର୍କବାଣୀ ଥିଲା।

ସମସ୍ତେ ହେଜିବା ଦରକାର ଯେ ବିବାହ ଓ ବିବାହର ପ୍ରତିଶ୍ରୁତି ଦୁଇଟି ଆଦୌ ଏକା କଥା ନୁହେଁ। ବରଂ ଏହି ଦୁଇଟି ମଧ୍ୟରେ ଯୋଜନେ ଦୂରତା ରହିଛି। ତେଣୁ ସାମୟିକ ଉତ୍ସାହ ବା ଭାବପ୍ରବଣତାରେ ଭାସି ନଯାଇ ସତର୍କତାର ସହ ବୁଝି ବିଚାରି ପଦକ୍ଷେପ ନେଲେ ହିଁ ନିଜ ଭବିଷ୍ୟତ ସୁରକ୍ଷିତ ହୋଇପାରିବ। ବର୍ତ୍ତମାନର ଝିଅ ମାନେ ତ କେବଳ ଉଚ୍ଚଶିକ୍ଷିତ ନୁହନ୍ତି, ବରଂ ସେମାନଙ୍କ ମଧ୍ୟରେ ଥିବା ଭଲମନ୍ଦ ବିଚାର କରିବାର ଅପାର ଶକ୍ତି ଯୋଗୁଁ ବିବେକାନୁମୋଦିତ ନିଷ୍ପତ୍ତି ନେବାରେ ମଧ୍ୟ ସେମାନେ ଧୁରନ୍ଧର। କହିବାକୁ ଗଲେ ଝିଅଟିଏ ଲାଞ୍ଛନାର ପ୍ରତିଟି ଫର୍ଦ୍ଦକୁ ପ୍ରତିହତ କରି ନିଜ ପାଇଁ ତିଆରି କରିସାରିଛି ନୂଆ ପରିଚୟ। ତଥାପି ବେଳେ ବେଳେ ସେମାନେ ଅନ୍ୟର ଶଠତାକୁ ଅନେକାଂଶରେ ବୁଝି ନପାରି କିପରି ତା'ର ମାୟାଜାଲରେ ପଡ଼ିଯାଉଛନ୍ତି, ଏନେଇ ସେମାନଙ୍କୁ ଗଭୀର ଚିନ୍ତନ କରିବାର ଆବଶ୍ୟକତା ଅଛି। ପ୍ରେମର ପ୍ରକୃତ ପରିଭାଷାକୁ ବୁଝି ପ୍ରେମ ନିବେଦନ କରୁଥିବା ବ୍ୟକ୍ତିର ଉଦ୍ଦେଶ୍ୟକୁ ଉପଯୁକ୍ତ ଭାବରେ ଠଉରେଇବାକୁ ପଡ଼ିବ। ଦ୍ୱିତୀୟତଃ, ପ୍ରେମ ଯଦି ହୋଇଗଲା ତେବେ ପ୍ରେମକୁ ପ୍ରେମର ପରିସୀମା ଭିତରେ ହିଁ ସୀମିତ ରଖିବାର ପ୍ରୟାସ କରାଯିବା ଅପରିହାର୍ଯ୍ୟ। ପ୍ରେମ ଯେମିତି ଶାରୀରିକ ବାସନା ମଧ୍ୟକୁ ଚାଲି ନଯାଉ। ଯାହା ବିବାହ ପରେ ହେବା କଥା ତାକୁ ଆଦୌ ବିବାହ ପୂର୍ବରୁ କେହି ସ୍ୱୀକାର ନ କରନ୍ତୁ।

ଏକଥାକୁ ଭୁଲି ଯିବା ନାହିଁ ଯେ ଆମର ଅନେକ ଆପଣାର ମଣିଷ, ଯେଉଁମାନେ ଜୀବନକାଳ ମଧ୍ୟରେ ଆମକୁ ଅନେକ ପ୍ରତିଶ୍ରୁତିରେ ପୋତି ପକାଇଥା'ନ୍ତି। ସେସବୁ ପ୍ରତିଶ୍ରୁତି ମଧ୍ୟରୁ କିଛି ପୂରଣ ହୁଏ ତ ଅନେକ ପୂରଣ କରି ପାରନ୍ତି ନାହିଁ। ଏପରିକି ପିତାମାତାମାନେ ମଧ୍ୟ ନିଜ ସନ୍ତାନକୁ ଦେଇଥିବା ଅନେକ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥା'ନ୍ତି। ଏହି ପରିପ୍ରେକ୍ଷୀରେ ଜଣେ ପରପୁରୁଷ ଯିଏ ଆକସ୍ମିକ ଭାବରେ ଆସି ତା'ର ପ୍ରତିଶ୍ରୁତି ପୂରଣ କରିବ ବୋଲି ଆମେ କିପରି ବିଶ୍ୱାସ କରିବା? ଏକଥା ଜାଣିରଖିବା ଦରକାର ଯେ, ସେ କେବଳ ଜଣେ ପ୍ରେମିକ ନୁହେଁ, ବରଂ ସେ ବି କାହାର ପୁଅ, କାହା ଭାଇ, କାହା ମାମୁଁ ତ କାହାର ବନ୍ଧୁ ଭଳି ଅନେକ ପାରିବାରିକ ଓ ସାମାଜିକ ସମ୍ବନ୍ଧରେ ବନ୍ଧା। ସେ ଦୃଷ୍ଟିରୁ ତା' ପ୍ରତି ଅନେକଙ୍କ ଅପାର ଆଶା ଓ ବିଶ୍ୱାସ ରହିଥିବା ବେଳେ ଅନୁରୂପ ଭାବେ ସେମାନଙ୍କ ପ୍ରତି ମଧ୍ୟ ତା'ର ଗୁରୁଦାୟିତ୍ୱ ରହିଛି। ସେହି ସମ୍ବନ୍ଧମାନଙ୍କ ମଧ୍ୟରୁ ଅନେକଙ୍କୁ ଏଭଳି ଅନେକ ପ୍ରତିଶ୍ରୁତି ଦେଇ କିଛି ପୂରଣ କରିବାରେ ସମର୍ଥ ହେଉଥିବା ବେଳେ ଅନେକ ପୂରଣ କରିପାରେ ନାହିଁ। ସେଭଳି ଏକ ପ୍ରତିଶ୍ରୁତି ପ୍ରେମିକାକୁ ଦେଇ ପୂରଣ କରି ନ ପାରିବା ବି ତା' ପାଇଁ ଏକ ସାଧାରଣ କଥା ହୋଇଯାଏ। କିନ୍ତୁ ସେହି ସାଧାରଣ ପ୍ରତିଶ୍ରୁତି ଜଣେ ଝିଅର ଜୀବନକୁ ନଷ୍ଟ କରିଦେଇ ପାରେ, ସେକଥା ବର୍ତ୍ତମାନର ଯୁବସମାଜ ଭୁଲିଯିବା ଉଚିତ ହେବ ନାହିଁ। ତେଣୁ ସାମୟିକ ଭାବପ୍ରବଣତାରେ ପଡ଼ି ବିବାହର ପ୍ରତିଶ୍ରୁତି ଦେବା ଯେ ବାସ୍ତବ ବିବାହ କରିବା ନୁହେଁ, ଏକଥାକୁ ବୁଝି ପାରିଲେ ପ୍ରେମ ପ୍ରତିଶ୍ରୁତି ଓ ପ୍ରତାରଣା ଭଳି ଘଟଣା ଆଗକୁ ଘଟିବ ନାହିଁ। ଅନେକ ଶାରୀରିକ ଓ ମାନସିକ ଭାବରେ ନିଜକୁ ସୁରକ୍ଷିତ ମଣିବେ। ●

ସିନାପାଲି(ନୂଆପଡ଼ା), ମୋ: ୯୭୭୭୭୫୩୯୩୫

## ତିବ୍ବତରେ ବୌଦ୍ଧଧର୍ମ

ପ୍ରବୀର କୁମାର ପଟ୍ଟନାୟକ

### ଦ୍ୱିତୀୟ-ବୁଦ୍ଧ କଥା

ରାଜା ଖ୍ରୀ-ସ୍ରନ୍ ବୌଦ୍ଧଧର୍ମ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ତାଙ୍କର ଜନ୍ମକାଳ ଖ୍ରୀ୭୩୦। ତାଙ୍କୁ ତେର ବର୍ଷ ବୟସ ହୋଇଥିବା ସମୟରେ ପିତାଙ୍କ ତିରୋଧାନ ଯୋଗୁଁ ସେ ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ। ଦେଶର ପ୍ରାଚୀନ ତଥ୍ୟର ଅନୁଧ୍ୟାନ ସହ ବିଭିନ୍ନ ଶାସ୍ତ୍ର ଅଧ୍ୟୟନରେ ତାଙ୍କର ଅନୁରକ୍ତି ରହିଥିଲା। ତାଙ୍କର ମନ୍ତ୍ରିମଣ୍ଡଳ ଧାର୍ମିକ ଦୃଷ୍ଟିରୁ ବୌଦ୍ଧଧର୍ମ ଏବଂ ପ୍ରଚଳିତ ଧର୍ମମତର ଅନୁଗାମୀ ଭାବେ ଦୁଇଟି ଭିନ୍ନ ଗୋଷ୍ଠୀ ହୋଇ ରହିଥିଲେ। ସମସ୍ତ ତଥ୍ୟ ଅନୁଧ୍ୟାନ ପରେ ରାଜା ବୌଦ୍ଧଧର୍ମ ସପକ୍ଷବାଦୀ ହୋଇଗଲେ। ଏହି ରାଜାଙ୍କ ଶାସନକାଳ ହେଲା ଖ୍ରୀ୭୫୫-୭୯୭। ରାଜା ବୌଦ୍ଧଧର୍ମକୁ ତିବ୍ବତର ରାଜଧର୍ମ ଭାବେ ଘୋଷଣା କଲେ। ବୌଦ୍ଧଧର୍ମ ସପକ୍ଷବାଦୀ ମନ୍ତ୍ରୀ ଓ ନେତୃସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନାକ୍ରମେ ସେ ସମୟରେ ଜଣେ ପ୍ରଖ୍ୟାତନାମା ବୌଦ୍ଧ ଆଚାର୍ଯ୍ୟ ଶାନ୍ତରକ୍ଷିତଙ୍କୁ ଧର୍ମର ପ୍ରଚାର ପ୍ରସାର ପାଇଁ ଭାରତରୁ ତିବ୍ବତ ଆଣିବା ପାଇଁ ସ୍ଥିର ହେଲା। ଆଚାର୍ଯ୍ୟ ଶାନ୍ତରକ୍ଷିତ ସେତେବେଳେ ମଗଧର ବିଖ୍ୟାତ ନାଳନ୍ଦା ବିଶ୍ୱବିଦ୍ୟାଳରେ ଅଧ୍ୟାପନା କରୁଥିଲେ। ରାଜା ତାଙ୍କର ମନ୍ତ୍ରୀ ବାସଲନାଙ୍ଗ୍‌ଙ୍କୁ ଶାନ୍ତରକ୍ଷିତଙ୍କ ନିକଟକୁ ନିମନ୍ତ୍ରଣ ଜଣାଇବା ପାଇଁ ପଠାଇଲେ। ଶାନ୍ତରକ୍ଷିତ କିଛିକାଳ ଅପେକ୍ଷା ପାଇଁ ପରାମର୍ଶ ଦେଲେ। ପରେ ତିବ୍ବତରେ ରାଜା ସର୍ବସାଧାରଣରେ ବୌଦ୍ଧଧର୍ମ ପ୍ରତି ନିଜର ସମର୍ଥନ ଜଣାଇବା ପରେ ଶାନ୍ତରକ୍ଷିତ ମନ୍ତ୍ରୀ ବାସଲନାଙ୍ଗଙ୍କ ସହିତ ତିବ୍ବତ ଯାତ୍ରା ଆରମ୍ଭ କଲେ। ରାଜା ବହୁ ଆଡ଼ମ୍ବରରେ ନେପାଳ ସୀମାରୁ ଶାନ୍ତରକ୍ଷିତଙ୍କୁ ସ୍ୱାଗତ ଜଣାଇ ନିଜ ରାଜପ୍ରସାଦାକୁ ନେଲେ।

ଆଚାର୍ଯ୍ୟ ଶାନ୍ତରକ୍ଷିତ ତିବ୍ବତରେ ତାଙ୍କର ବୌଦ୍ଧଧର୍ମ ପ୍ରଚାର କାର୍ଯ୍ୟ ଧର୍ମର ମୌଳିକ ଶିକ୍ଷାରୁ ଆରମ୍ଭ କଲେ। ମାତ୍ର ତାଙ୍କର ଶିକ୍ଷା ବିଷୟବସ୍ତୁ ଓ ପଦ୍ଧତି ଲୋକଙ୍କ ଦ୍ୱାରା ଆଦୃତ ହୋଇପାରିଲା ନାହିଁ। ସମ୍ଭବତଃ ତାଙ୍କର ଶିକ୍ଷା ଶୂନ୍ୟବାଦ ଓ ନାସ୍ତିବାଦ ତଥା ଅଧିକ ପାଣ୍ଡିତ୍ୟପୂର୍ଣ୍ଣ ହୋଇଥିବାରୁ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିଲା ନାହିଁ। ତିବ୍ବତୀୟମାନେ ମୂଳତଃ ଗୁଣିଗାରେଡ଼ି ତଥା ଅତ୍ୟଧିକ ଅନ୍ଧବିଶ୍ୱାସଜନିତ ବନ୍ ଧର୍ମ ସହ ଜଡ଼ିତ ଥିଲେ। ତିବ୍ବତୀୟମାନେ ବୌଦ୍ଧଧର୍ମକୁ ଗ୍ରହଣ କରିପାରୁନଥିଲେ। ତା'ସାଙ୍ଗକୁ ପ୍ରଚାର କାର୍ଯ୍ୟ ସେମାନଙ୍କ ପାଇଁ ଆଗ୍ରହ ଜନ୍ମାଇ ନ ପାରିବା ସହ ସେ ସମୟକୁ ବିଭିନ୍ନ ଦୈବୀ ଦୁର୍ବିପାକ ଦେଖାଗଲା। ସଂକ୍ରାମକ ବ୍ୟାଧି ସହ ଝଡ଼ ତୋଫାନ ଆଦି ବ୍ୟାପକ ଭାବେ ଧନଜୀବନର କ୍ଷୟକ୍ଷତି ଘଟାଇଲା। ସହଜରେ ବନ୍ ଧର୍ମର ନେତୃସ୍ଥାନୀୟ ବ୍ୟକ୍ତି ବୌଦ୍ଧଧର୍ମର ଘୋର ବିରୋଧୀ ଥିଲେ। ପୁଣି ଆଚାର୍ଯ୍ୟଙ୍କ ଧର୍ମପ୍ରଚାର କାର୍ଯ୍ୟ ଅନାଦୃତ ହେବାକୁ ସର୍ବୋପରି ଅଚାନକ ପ୍ରାକୃତିକ ବିପଦମାନ ଘଟି ସମସ୍ତ ଘଟଣାକ୍ରମ ଶାନ୍ତରକ୍ଷିତଙ୍କ ବିରୋଧରେ ବିରାଟ ଜନଆନ୍ଦୋଳନ ସୃଷ୍ଟି କରାଇଲା। ରାଜାଙ୍କ ଦ୍ୱାରା ନୂତନ ଧର୍ମର ପ୍ରଚାର ଯୋଗୁଁ ଏ ସବୁ ଘଟୁଛି ବୋଲି ପ୍ରଚାର ହେଲା।

ରାଜା ଓ ଆଚାର୍ଯ୍ୟ ଦେଶରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ ସହ ଲୋକମାନଙ୍କର ଧନଜୀବନର ସୁରକ୍ଷା କିପରି ହୋଇପାରିବ ତାହା ଆଲୋଚନା କଲେ। ଶାନ୍ତରକ୍ଷିତ ତାଙ୍କର ଭଗ୍ନୀପତ୍ନୀ ତଥା ନାଳନ୍ଦା ବିଶ୍ୱବିଦ୍ୟାଳୟର ଯୋଗ-ତନ୍ତ୍ର ବିଭାଗରେ ଅଧ୍ୟାପନା କରୁଥିବା ଆଚାର୍ଯ୍ୟ ପଦ୍ମସମ୍ଭବଙ୍କୁ ନିମନ୍ତ୍ରଣ କରି ତିବ୍ବତ ଅଣାଇବାକୁ ରାଜାଙ୍କୁ ପରାମର୍ଶ ଦେଲେ। ତିବ୍ବତରେ ସାମ୍ପ୍ରତିକ ଘଟଣାକ୍ରମ ଦୃଷ୍ଟିରୁ ପଦ୍ମସମ୍ଭବ ହିଁ ଧର୍ମପ୍ରଚାର କାର୍ଯ୍ୟ ପାଇଁ ସବୁଠାରୁ ଯୋଗ୍ୟତମ ଗୁରୁ ବୋଲି ଶାନ୍ତରକ୍ଷିତ ରାଜାଙ୍କୁ କହିଲେ। ଶାନ୍ତରକ୍ଷିତ ଇତିମଧ୍ୟରେ ତିବ୍ବରେ ନ ରହି କିଛିକାଳ ନେପାଳରେ ବିଶ୍ରାମ ନେବା ପାଇଁ ରାଜା ତାଙ୍କୁ ଅନୁରୋଧ କଲେ। ଶାନ୍ତରକ୍ଷିତ ସ୍ୱୟଂ ମହାଯାନର ମାଧ୍ୟମିକ ଶାଖାର ପାରମ୍ପରିକ ବିନୟ-ସୂତ୍ର-ଆଧାରିତ ଦାର୍ଶନିକ ପରମ୍ପରାର ଆଚାର୍ଯ୍ୟ ଥିବା ସମୟରେ ପଦ୍ମସମ୍ଭବ ବୌଦ୍ଧଧର୍ମର ମହାଯାନ ଅନ୍ତର୍ଗତ ତନ୍ତ୍ରଯାନଭିତ୍ତିକ ବଜ୍ରଯାନର ଗୁରୁ ଥିଲେ। ଶାନ୍ତରକ୍ଷିତଙ୍କ ପରାମର୍ଶ ରାଜା ଗ୍ରହଣ କଲେ ଏବଂ ତୁରନ୍ତ ଏକ ସବିନୟ ନିମନ୍ତ୍ରଣ ପତ୍ର ପଦ୍ମସମ୍ଭବଙ୍କ ନିକଟକୁ ସ୍ୱତନ୍ତ୍ର ପ୍ରତିନିଧିମଣ୍ଡଳୀ ଦ୍ୱାରା ନାଳନ୍ଦା ପ୍ରେରଣ କଲେ। ପଦ୍ମସମ୍ଭବ ଏହା ଗ୍ରହଣ କଲେ। ଖ୍ରୀ୭୪୬ରେ ନାଳନ୍ଦା ପରିତ୍ୟାଗ କରି ନେପାଳ ହୋଇ ଶାନ୍ତରକ୍ଷିତଙ୍କ ସହ ବାର୍ତ୍ତାଳାପ କରି ଖ୍ରୀ ୭୪୭ ଆଦ୍ୟଭାଗରେ ତିବ୍ବତରେ ପହଞ୍ଚିଲେ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍ | ଏବେ ବି ଇତିହାସ ଗର୍ଭରେ ଅନେକ ତଥ୍ୟ



### ୨ ବାୟୁସେନା ବିମାନ ଦୁର୍ଘଟଣାର ମୂକସାକ୍ଷୀ

### ଅକ୍ଷତ ରହିଛି ୧୧ହଜାର ଫୁଟ୍ କଂକ୍ରିଟ୍ ରନ୍-ୱେ

ବାରିପଦା, ୨୫।୭ (ମନୋଜ ପଣ୍ଡା): ଗତ ୧୯୪୫ ଜୁଲାଇ ୨୬ ତାରିଖରେ ୨ଟି ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୧୪ ସହିଦ ବାୟୁ ସୈନିକଙ୍କ ମୂକସାକ୍ଷୀ ହୋଇ ରହିଛି ମୟୂରଭଞ୍ଜ ଜିଲ୍ଲା ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍। ବର୍ଷବର୍ଷ ଧରି ଏଠାରେ ଅନୁଷ୍ଠିତ ହେଉଥିବା ସ୍ମାରକୀସେବା ଅତୀତର ସ୍ମୃତିକୁ ବଖାଣିଥାଏ। ଐତିହାସିକ ଅନିଲ ଧୀର ଓ ଅନ୍ତ୍ୟୋଦୟ ଚେତନାମଣ୍ଡଳୀର ବିଶିଷ୍ଟ ଗାନ୍ଧୀବାଦୀ ଆଦିତ୍ୟ ପଟ୍ଟନାୟକଙ୍କ ଉଦ୍ୟମରେ ସ୍ଥାନୀୟ ଲୋକେ ୨୦୧୧ ମସିହାରୁ ସହିଦ ବାୟୁସେନାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଆସୁଛନ୍ତି।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଓଡ଼ିଶାର ଭୂମିକା ଏବଂ ଅମର୍ଦ୍ଦାରୋଡ୍ (ରାସଗୋବିନ୍ଦପୁର) ଏୟାରବେସ୍‌ର ଇତିହାସ ବିଷୟରେ ବହୁତ କମ୍ ଜଣାଶୁଣା। ଏହାର ଏକ ଛୋଟ; କିନ୍ତୁ ଗୁପ୍ତ ଇତିହାସ ରହିଛି, ଯାହା ଆଜିଯାଏ ସାର୍ବଜନୀନ ହୋଇପାରିନାହିଁ। ଏହା ଏସିଆର ସବୁଠାରୁ ଲମ୍ବା ରନ୍-ୱେ ଥିଲା, ଯାହା ୩.୫ କିମିରୁ ଅଧିକ। ମୋଟ ରନ୍-ୱେ, ଟ୍ୟାକ୍ସିୱେ, ଆପ୍ରନ୍ ଆଦି ୬୦ କିମିରୁ ଅଧିକ ଥିଲା। ହେଲେ ଆଜି ତାହା ଗଛଲତାରେ ଭର୍ତ୍ତି ହୋଇଛି। ଏବେ ବିମାନବନ୍ଦରକୁ ଦେଖିଲେ, ଅତୀତର କାର୍ଯ୍ୟକଳାପ ସଂପର୍କରେ ଠଉରାଇବା ବହୁ କଷ୍ଟକର। କିନ୍ତୁ ଏହି ଏୟାରଷ୍ଟ୍ରିପ୍ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତର ପ୍ରତିରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଗତ ୧୯୪୩ରୁ ୧୯୪୫ ମସିହା ମଧ୍ୟରେ ଏଠାରେ ଘଟିଥିବା କାର୍ଯ୍ୟକଳାପର କୌଣସି ବିବରଣୀ ସରକାରୀ ଏବଂ ସାମରିକ ରେକର୍ଡରେ ମଧ୍ୟ ନାହିଁ। ଜାପାନୀ ବର୍ମା ବିଜୟ ବିରୋଧରେ ଯୁଦ୍ଧ ସମୟରେ ଏକ ଆଗୁଆ ଏୟାରଫିଲ୍ଡ ଭାବରେ ଷ୍ଟେସନ୍ ଅସ୍ତିତ୍ୱ ପାଇଥିଲା। ଏହି ବଡ଼ ଷ୍ଟ୍ରିପ୍ ବିମାନ ପାଇଁ ଅବତରଣ ସ୍ଥଳ ଏବଂ ସ୍ୱତନ୍ତ୍ର ବୋମା ବିସ୍ଫୋରଣ ମିଶନ ପାଇଁ ତାଲିମ ସ୍ଥାନ ଭାବେ ଏହାର ଉଦ୍ଦେଶ୍ୟକୁ ଭଲ ଭାବେ ପୂରଣ କରିଥିଲା। ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍ ପ୍ରାୟ ୯୦୦ ଏକର ଅଞ୍ଚଳରେ ବିସ୍ତାରିତ। ୧୯୪୦ ଦଶକରେ ୩ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ଏହା ଶେଷରେ ଯୁଦ୍ଧ ପରେ ପରିତ୍ୟକ୍ତ ହୋଇଗଲା।

୧୯୪୫ ଜୁଲାଇ ୨୬ରେ ଦୁଇଟି ବ୍ରିଟିଶ ରୟାଲ ବାୟୁସେନା ବି-୨୪ ଲିବରେଟର୍ ଚାରି ଇଞ୍ଜିନ ବିଶିଷ୍ଟ ବୋମା ବିସ୍ଫୋରଣକାରୀ ବିମାନ, ଇଡବ୍ଲ୍ୟୁ-୨୨୫ ଏବଂ ଇଡବ୍ଲ୍ୟୁ-୨୪୭କମ୍ ଉଚ୍ଚତାରେ ଧକ୍କା ହୋଇଥିଲା। ଫଳରେ ୧୪ଜଣ ବାୟୁସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏହି ବିମାନଗୁଡ଼ିକ ଏକ ଫର୍ମେସନ୍ ଉଡ଼ାଣ ଅଭ୍ୟାସରେ ନିୟୋଜିତ ୬ଟି ବିମାନ ଦଳରେ ସାମିଲ ଥିଲେ। ଖରାପ ପାଗ ଯୋଗୁଁ ସେମାନଙ୍କ ମଧ୍ୟରୁ ଦୁଇଟି ଆକାଶ ମଝିରେ ଧକ୍କା ହୋଇ ବେସ୍‌ଠାରୁ ୪୫କିମି ଦୂରରେ ଖସି ପଡ଼ିଥିଲା।

ନିକଟସ୍ଥ ଅମର୍ଦ୍ଦାରୋଡ୍ ରେଳଷ୍ଟେସନ୍ ଯୋଗୁଁ ଏହାକୁ ଅମର୍ଦ୍ଦା ରୋଡ୍ ଏୟାରଫିଲ୍ଡ ଭାବରେ ନାମିତ କରାଯାଇଥିଲା। ଏହା ଏୟାର ଫାଇଟିଂ ଟ୍ରେନିଂ ୟୁନିଟ୍ ପାଇଁ ଆଧାର ଥିଲା ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ସବୁଠାରୁ ବଡ଼ ବିମାନ, ଲିବରେଟର୍ସ ଥିଲା। ବେସ୍ ତିଆରି ହେବାର ୮ ଦଶନ୍ଧି ପରେ ଆଜି ବି ଏୟାରଫିଲ୍ଡର ଅବଶେଷ ଦେଖିବାକୁ ମିଳେ। କେବଳ ସେ ସମୟର ୧୧ହଜାର ଫୁଟ୍ କଂକ୍ରିଟ୍ ରନ୍-ୱେ ଏପର୍ଯ୍ୟନ୍ତ ଅକ୍ଷତ ଅଛି। ଅଫିସ୍, ହ୍ୟାଙ୍ଗର, ମେକାନିକ୍ ସେଡ୍ ଏବଂ ପ୍ଲାଷ୍ଟର୍ କାନ୍ଥଯୁକ୍ତ ବାରାକ୍ ଛାତ ସହ ଛାତ ଯାହାକୁ ସୈନିକମାନେ ବାଶା ବୋଲି କହୁଥିଲେ, ତାହା ଭାଙ୍ଗି ଦିଆଯାଇଛି। ଏୟାରଷ୍ଟ୍ରିପ୍‌ରେ ଏକ ସିଲ୍ ଭୂଗର୍ଭସ୍ଥ ବଙ୍କର ମଧ୍ୟ ଅଛି। ଯେଉଁଥିରେ ଗୋଟିଏ କିମ୍ବା ଦୁଇଟି ବିମାନ ଥାଇପାରେ ଏବଂ ୧୯୪୫ ମସିହାରୁ ତାହା ଖୋଲାଯାଇନାହିଁ। ପ୍ରବେଶ ଦ୍ୱାରଟି କାନ୍ଥରେ ଘେରାପୂର୍ବକ ଏବେ ବି ସିଲ୍ ଅଛି। ବିମାନ ଦୁର୍ଘଟଣା ଏବଂ ପୀଡିତଙ୍କ କାହାଣୀ ଇତିହାସରେ ହଜିଯାଇଥିଲା। ତେବେ ଶ୍ରୀ ଧୀରଙ୍କ ଉଦ୍ୟମରେ ପ୍ରତିବର୍ଷ ବାୟୁସେନାଙ୍କ ପାଇଁ ଏକ ସ୍ମାରକୀ ସେବା କରାଯାଇପାରୁଛି। ଏହି ସ୍ମୃତି ଦିବସରେ ଭାରତୀୟ ବାୟୁସେନା ଅଧିକାରୀ କଲେଇକୁଣ୍ଡା ବେସ୍‌ରୁ ଆସି ଯୋଗଦେଇଥା'ନ୍ତି। ଶ୍ରୀ ଧୀର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ସରକାରଙ୍କୁ ଏହି ଏୟାରଷ୍ଟ୍ରିପରେ ସହିଦ ସୈନିକଙ୍କ ପାଇଁ ପାଇଁ ଛୋଟ ସ୍ମାରକୀ ନିର୍ମାଣ କରିବାକୁ ମଧ୍ୟ ନିବେଦନ କରିଛନ୍ତି।

## କାରଖାନା ଶ୍ରମ କଲ୍ୟାଣ ଅଧିକାରୀଙ୍କ ତାଲିମ କର୍ମଶାଳା

ଭୁବନେଶ୍ୱର, ୨୫।୭(ସମିସ): କାରଖାନାଗୁଡ଼ିକରେ ନିୟୋଜିତ ଶ୍ରମ କଲ୍ୟାଣ ଅଧିକାରୀମାନଙ୍କର ଆଜି ଏକ ରାଜ୍ୟସ୍ତରୀୟ କର୍ମଶାଳା ରାଜ୍ୟ ଶ୍ରମ ସଂସ୍ଥାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ରାଜ୍ୟ କାରଖାନା ଏବଂ ବାଷ୍ପିତ୍ର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଶ୍ରମିକମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ଏବଂ ନ୍ୟାଯ୍ୟ ଅଧିକାର ସମ୍ବନ୍ଧରେ ସଜାଗ ଏବଂ ସଚେତନ କରାଇବା ଶ୍ରମ କଲ୍ୟାଣ ଅଧିକାରୀମାନଙ୍କର ପ୍ରଧାନ ସାମାଜିକ ଦାୟିତ୍ୱ ଏବଂ ସେଥିପ୍ରତି ଉଭୟ ସମ୍ବେଦନଶୀଳ ହୋଇପାରିଲେ ଶିଳ୍ପାୟନରେ ଶାନ୍ତି, ସୁରକ୍ଷା, ଦକ୍ଷତା ଏବଂ ପାରଦର୍ଶିତାରେ ପ୍ରଗତି ହେବାସହ ଉତ୍ପାଦନ ବୃଦ୍ଧି ପରିଲକ୍ଷିତ ହେବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ।

## ଅନିଶ୍ଚିତତା ଭିତରେ ରାଜ୍ୟର ମେଟ୍ରୋ ପ୍ରକଳ୍ପ: ବିଜେଡି

- ମେଟ୍ରୋ ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଅସ୍ପଷ୍ଟ
- ନିଜସ୍ୱ ପାଣ୍ଠିରୁ ନିର୍ମାଣରେ ଲୋଡ଼ାନାହିଁ କେନ୍ଦ୍ର ଅନୁମୋଦନ

ଭୁବନେଶ୍ୱର,୨୫।୭ (ସମିସ): ପୂର୍ବ ବିଜେଡି ସରକାର ସମୟରେ ମେଟ୍ରୋ ପ୍ରକଳ୍ପ ସ୍ଥାପନ ପାଇଁ ଡିପିଆର ପ୍ରସ୍ତୁତ ସହ ଟେଣ୍ଡର କରାଯାଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ହେଲେ ବିଜେପି ସରକାର କ୍ଷମତାକୁ ଆସିବାର ଦୀର୍ଘ ୧୩ ମାସ ବିତି ଯାଇଥିଲେ ସୁଦ୍ଧା, ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଲାଗି ରହିଛି ବୋଲି ବିଜେଡି କହିଛି। ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ, ଯାହାଫଳରେ ଦୀର୍ଘ ୧୩ ମାସ ହେଲା ଏହା ଅନିଶ୍ଚିତତା ଭିତରେ ଗତି କରୁଛି। କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାରେ ହେବାକୁ ଥିବା ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ କୌଣସି ପ୍ରସ୍ତାବ ନାହିଁ ବୋଲି କେନ୍ଦ୍ର ଗୃହ ଓ ସହର ବିକାଶ ମନ୍ତ୍ରୀ ଗୁରୁବାର ଲୋକସଭାରେ ମନ୍ତବ୍ୟ ଦେଇଛନ୍ତି। ଏହାପରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମେଟ୍ରୋ ପ୍ରକଳ୍ପର ନୂତନ ଡିପିଆର ପ୍ରସ୍ତୁତ ହେଲା ପରେ କେନ୍ଦ୍ରକୁ ଅନୁମୋଦନ ପାଇଁ ପଠାଯିବ ବୋଲି ବକ୍ତବ୍ୟ ଦେଇଛନ୍ତି। ବିଜେଡି ସରକାରଙ୍କ ସମୟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ ଏହା ସମ୍ପୂର୍ଣ୍ଣ ରୂପେ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରେ ନିର୍ମାଣ ହେବ ବୋଲି କୁହାଯାଇଥିଲା। ଏଥିପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନର କୌଣସି ଆବଶ୍ୟକତା ନାହିଁ। ମାତ୍ର ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମେଟ୍ରୋ ପ୍ରକଳ୍ପକୁ ନେଇ ରାଜ୍ୟ ସରକାର ଭିନ୍ନ ଭିନ୍ନ ବକ୍ତବ୍ୟ ରଖୁଛନ୍ତି। ଏହି ପ୍ରକଳ୍ପକୁ ସମ୍ପ୍ରସାରଣ କରାଯିବ ଓ ଏଥିପାଇଁ ନୂଆ ଡିପିଆର ପ୍ରସ୍ତୁତ ହେବ ବୋଲି କୁହାଯାଇଥିଲା। ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ ଏହି ପ୍ରକଳ୍ପ ଏଲିଭେଟେଡ୍ ଷ୍ଟ୍ରକ୍‌ଚରରେ ଅର୍ଥାତ ମାଟି ଉପରେ ନିର୍ମାଣ ହେବ ବୋଲି ବକ୍ତବ୍ୟ ଦେଇଥିବା ବେଳେ ଆଉ ଜଣେ ମନ୍ତ୍ରୀ ଏହା ମାଟି ତଳେ ନିର୍ମାଣ ହେବ ବୋଲି ବକ୍ତବ୍ୟ ଦେଇଛନ୍ତି। ସେହିପରି ନଗର ଉନ୍ନୟନ ମନ୍ତ୍ରୀ ନୂତନ ଡିପିଆର ପ୍ରସ୍ତୁତ ହେବା ପରେ କେନ୍ଦ୍ର ସରକାରଙ୍କ ପାଖକୁ ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଏହି ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ ବୋଲି ଡଃ ମହାନ୍ତି କହିଛନ୍ତି।

■ ଆଉଟସୋର୍ସିଂ ନିଯୁକ୍ତିରେ କଟକଣା

## ଅର୍ଥ ବିଭାଗର ଅନୁମତି ବିନା ହୋଇପାରିବନି ଆଉଟସୋର୍ସିଂ ନିଯୁକ୍ତି

ଭୁବନେଶ୍ୱର,୨୫।୭ (ସମିସ): ଆଉଟସୋର୍ସିଂ ନିଯୁକ୍ତି କ୍ଷେତ୍ରରେ ଏଣିକି ଅର୍ଥ ବିଭାଗର ଅନୁମତି ବାଧ୍ୟତାମୂଳକ କରାଯାଇଛି। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଏ ସଂକ୍ରାନ୍ତରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ଯେ ନୂଆ କରି ଆଉଟସୋର୍ସିଂ ନିଯୁକ୍ତି ଆରମ୍ଭ କରିବା ପୂର୍ବରୁ ଔପଚାରିକ ଅନୁମତି ନେବା ଆବଶ୍ୟକ। ପୂର୍ବରୁ ଅନୁମୋଦିତ ପଦବୀଗୁଡ଼ିକର ନବୀକରଣ ପାଇଁ ମଧ୍ୟ ଏହି ଅନୁମୋଦନ ଆବଶ୍ୟକ ହେବ। ଯଦି କୌଣସି ବିଭାଗରେ ପୂର୍ବ ଅନୁମୋଦନ ଥାଏ, ତେବେ ଚୁକ୍ତି ଅବଧି ଶେଷରେ ନବୀକରଣ ପାଇଁ ନୂଆ ଅନୁମତି ନେବାକୁ ପଡ଼ିବ। ପ୍ରାରମ୍ଭିକ ଅନୁମୋଦିତ ସଂଖ୍ୟାଠାରୁ ଅଧିକ କର୍ମଚାରୀ ନିଯୁକ୍ତି ପାଇଁ ମଧ୍ୟ ଅତିରିକ୍ତ ଅନୁମୋଦନ ଦରକାର ବୋଲି ଚିଠିରେ କୁହାଯାଇଛି। ସମସ୍ତ ବିଭାଗକୁ ତୁରନ୍ତ ଏହି ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଛି। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ରାଜ୍ୟରେ ବିଭିନ୍ନ ସରାକରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ସଂଖ୍ୟା ଉପରେ ପ୍ରଭାବ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି।


**AFFIDAVIT**

I , Farheen Alam W/o Sayed Alam Husaain, village-Bateswar Po/Ps-Salepur Dist-Cuttack , Pin -754202 ,Odisha declared by this affidavit No. 6465, dated 16/07/25 that now onwards I shall be known as Farheen Alam for all future purposes.

**AFFIDAVIT**

I, Abhishek Nirmal Modi S/o Nirmal Modi, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7862 dtd 24.07.2025 that now onwards I shall be known as **ABHISHEK MODI** for all future purposes.

**AFFIDAVIT**

I, Neetu Abhishek Modi W/o Abhishek Modi, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7860 dtd 24.07.2025 that now onwards I shall be known as **NEETU MODI** for all future purposes.

**AFFIDAVIT**

I, Sangeeta Nirmal Kumar Modi D/o Gopilal Agarwal, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7861 dtd 24.07.2025 that now onwards I shall be known as **SANGEETA NIRMAL MODI** for all future purposes.

**AFFIDAVIT**

I, Shraddha Nirmal Modi D/o Sangeeta Nirmal Modi, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7859 dtd 24.07.2025 that now onwards I shall be known as **SHRADDHA MODI** for all future purposes.

**AFFIDAVIT**

I Susanta Keshari Samal, S/o- Sesadev Samal, Resident of At/Po-Benipur, Ps-Nikirai, Dist- Kendrapara, PIN-754251, Odisha declare by this affidavit No.90 on dated 23.07.2025 that now onwards I shall be known as **SUSANT KESHARI SAMAL** for all future purposes.

**AFFIDAVIT**

By virtue of an affidavit No 7858 dated 24.07.2025 sworn before the Notary public, Cuttack, I Abhishek Modi changed my minor Daughters name from Vanisha Modi to Vanisha Abhishek Modi. Henceforth, she will be known as **VANISHA ABHISHEK MODI** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Padmapur, Dist.- Rayagada no. 304/2417125 dtd.24.7.2025, I, SRI HARIS CHANDRA SAHU, S/o- Late Raghunath Sahu resident of Vill.- Rayalapadar, Po.- Biripadar, Ps.- Padmapur, Dist.- Rayagada state that, I have changed my minor son's name from **Alok Sahu** to **Sridhar Sahu**. Henceforth he will be known as Sridhar Sahu for all purposes.

**AFFIDAVIT**

I, Kondavalasa Chandra Muli, aged 72 years, S/o- Late K C R Patnaik, resident of 7-3-16, Gonti Veedhi, PSMNH School Road, Dist- Srikakulam, PIN- 532001, Andhra Pradesh declared by this affidavit No-601, dtd- 23/07/2025 that now onwards I shall be known as **KONDAVALASA CHANDRA MOULI** for all future purposes.

**AFFIDAVIT**

I, Guru Charan Bandhu Charan Biswal, aged 60 years, S/o- Bandhu Charan Biswal, resident of HV-82, Hadibandhu Bihar, At-Kasoti, Po-Pandiri, Mahakalapada, Dist-Kendrapara, Odisha, Pin-754211 declared by this affidavit No-603, dtd-23/07/2025 that now onwards I shall be known as **GURU CHARAN BISWAL** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur, no.826 dtd.18.07. 2025 I, SMT. MOUSUMI RANI ORAM, D/o- Shanti Oram resident of Senapati street, Po./Ps.- Nabarangpur, Dist.- Nabarangpur, Odisha state that, my actual name is Mousumi Rani Oram but in my State bank of India Passbook my name has been mentioned as Mausumi Harijan. Hence **Mousumi Rani Oram** and **Mausumi Harijan** is one and same person for all purposes.

**AFFIDAVIT**

I, Tumulu Dharmendra, S/o- Late Tumulu Srinivas, resident of Subham Bihar 4th lane, Somanath Nagar, Po-Berhampur, Ps-Town, Pin-760002, Dist- Ganjam, Odisha declare by this affidavit No- 22047, date-19/07/2025, that now onwards I shall be known as **TUMULU DHARMENDRA KUMAR** for all future purposes.

**LOST**

I Pragnya Paramita Das, D/o- Dipak Kumar Das, Preeti Enclave, Mishrapada, that I have lost my B. Tech original certificate, Visa documents, laptop bag with laptop, mobile phone while I was travelling from Bhubaneswar Baramunda Bus stand to Angul New Bus stand by bus no OD02CT2122.If anybody found please contact 7609960707.


## ଅବଶିଷ୍ଟାଂଶ

### ସ୍କୁଲଘର ଭୁଶୁଡ଼ି...

ଘଟଣାସ୍ଥଳରେ ପହଞ୍ଚି ଭଗ୍ନାବଶେଷକୁ ହଟାଇ ପିଲାମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ୫ ଜଣ ପିଲା ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ସେହିପରି ଚିକିତ୍ସାଧୀନ ଥିବା ବେଳେ ଆଉ ୩ଜଣ ଛାତ୍ର ପ୍ରାଣ ହରାଇଥିଲେ। ଅବହେଳା ପାଇଁ ୫ ଜଣ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ସକାଳେ ବର୍ଷା ହେବା କାରଣରୁ ପିଲାମାନେ ଖେଳିବାକୁ ନଯାଇ କ୍ଲାସ ରୁମ୍‌ରେ ଥିଲେ।। ଏହାପରେ ଛାତ ପଡ଼ିବା ଫଳରେ ୩୫ ପିଲା ଫସିଯାଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଥମେ ଛାତରୁ ଛୋଟ ଛୋଟ ଟୁକୁଡା ଖସିଥିଲା। କିନ୍ତୁ ଶିକ୍ଷକ ଏହା ପ୍ରତି ଧ୍ୟାନ ଦେଇ ନଥିଲେ ବୋଲି ଜଣେ ଛାତ୍ରୀ କହିଛନ୍ତି। ଏହି ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଦୁଃଖ ପ୍ରକାଶ କରିଛନ୍ତି।

### ଡ୍ରୋନ୍‌ରୁ ସଫଳ...

କରି ସୂଚନା ଦେଇଛନ୍ତି ଓ ଡିଆରଡିଓକୁ ଧନ୍ୟବାଦ୍ ଜଣାଇଛନ୍ତି। ଏହି ପରୀକ୍ଷଣ ଭରାତୀୟ କ୍ଷେପଣାସ୍ତ୍ର କ୍ଷମତାକୁ ଆହୁରି ବୃଦ୍ଧି କରିଛି ବୋଲି ସେ କହିଛନ୍ତି। ଏବେ ସାରା ବିଶ୍ୱରେ ଚାଲିଥିବା ଯୁଦ୍ଧରେ ଡ୍ରୋନ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ତେଣୁ ଏହି ପରୀକ୍ଷା ଭାରତ ପାଇଁ ଏକ ବଡ଼ ସଫଳତା ସାବ୍ୟସ୍ତ ହୋଇଛି।। 'ଅପରେସନ ସିନ୍ଦୂର'ରେ ମଧ୍ୟ ଭାରତ ଡ୍ରୋନ୍‌ର ବହୁଳ ବ୍ୟବହାର କରି ପାକିସ୍ତାନକୁ ଚକ୍‌ମା ଦେଇଥିଲା। ଆଧୁନିକ ଯୁଦ୍ଧରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଭଳି ପରୀକ୍ଷା କରାଯାଇଛି। ୟୁଏଲ୍‌ପିଜିଏମ୍-ଭି୩ ହେଉଛି ପୂର୍ବବର୍ତ୍ତୀ ଭି-୨ ଭ୍ୟାରିଏଣ୍ଟର ଆଧୁନିକ ସଂସ୍କରଣ। ଏହାକୁ ଡିଆରଡିଓର ଟର୍ମିନାଲ ବାଲାଷ୍ଟିକ ରିସର୍ଚ୍ଚ ଲାବାରୋଟୋରୀ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଭି-୨ ଭ୍ୟାରିଏଣ୍ଟରେ ମଲ୍ଟିପଲ ୱାରହେଡ୍ କନଫିଗରିରେସନର ସୁବିଧା ଥିଲା।। ଭି-୩ରେ ଆହୁରି ଅଧିକ ଆଧୁନିକ ବୈଷୟିକ ପ୍ରାଣାଳୀ ସାମିଲ କରାଯାଇଛି।। ଏଥିରେ ଇମର୍ଜିଂ ଇନଫ୍ରାରେଡ ସିକର ଓ ଡ୍ୟୁଏ ଥ୍ରଷ୍ଟ ପ୍ରୋପଲସନ ସିଷ୍ଟମ ରହିଛି। ଏହା ଦ୍ୱାରା ଏହାର ରେଞ୍ଜ୍ ଓ ଆକ୍ରମଣ କ୍ଷମତାରେ ଯଥେଷ୍ଟ ବୃଦ୍ଧି ହୋଇଛି।

### ସୋମବାରରୁ ସ୍ୱାଭାବିକ...

ଦିଅନ୍ତୁ ବୋଲି ବିରୋଧୀ ଦଳ ଦାବି କରିଥିବା ବେଳେ ସରକାର ଏଭଳି କୌଣସି ପ୍ରତିଶ୍ରୁତି ଦେବାକୁ ମନା କରିଦେଇଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ସରକାରଙ୍କ ପକ୍ଷରୁ କିଏ ଜବାବ ଦେବ, ତାହା ସରକାର ସ୍ଥିର କରିବେ। ସେ ବିରୋଧୀଙ୍କୁ ସମାଲୋଚନା କରି କହିଲେ ଯେ ପହଲଗାମ ଓ ଅପରେସନ ସିନ୍ଦୂର ଉପରେ ଆଲୋଚନା ପାଇଁ ପ୍ରଥମେ ବିରୋଧୀ ଦଳ ଦାବି କରିଥିଲେ। ସରକାର ଏଥିପାଇଁ ମଧ୍ୟ ରାଜି ଅଛନ୍ତି। କିନ୍ତୁ ଆଲୋଚନାକୁ ଦୂରେଇ ରହିବା ଲାଗି ସଂସଦରେ ହଙ୍ଗାମା କରୁଛନ୍ତି। ରିଜିଜୁ ଆହୁରି କହିଛନ୍ତି ଯେ ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ଆଣିବା ଲାଗି ଉଭୟ ସରକାର ଓ ବିରାଧୀ ଦଳ ସହମତ ଅଛନ୍ତି। ଏଥିପାଇଁ ଉଭୟ ପକ୍ଷର ୧୫୨ ସାଂସଦ ମିଳିତ ନୋଟିସ ଦେଇଛନ୍ତି। ଏହି ନୋଟିସକୁ ଲୋକସଭା ବାଚସ୍ପତି ଗ୍ରହଣ କରିବେ। ତେଣୁ ମହାଭିଯୋଗ ପ୍ରକ୍ରିୟା ଲୋକସଭାରୁ ହିଁ ଆରମ୍ଭ ହେବ। ଏହି ନୋଟିସ ଗ୍ରହଣ କରି ବାଚସ୍ପତି ଯାଞ୍ଚ ପାଇଁ କମିଟି ଗଠନ କରିବେ। ମିଳିଥିବା ସୂଚନା ଅନୁଯାୟୀ ତତ୍କାଳୀନ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଧନଖଡ଼ ବିରୋଧୀଙ୍କ ପକ୍ଷରୁ ଆଗତ ମହାଭିଯୋଗ ନୋଟିସକୁ ଗ୍ରହଣ କରିଥିଲେ ମଧ୍ୟ ଗୃହରେ ଉପସ୍ଥାପନ କରାଯାଇନଥିଲା। ତେଣୁ ମହାଭିଯୋଗ ପ୍ରକ୍ରିୟା ଲୋକସଭାରୁ ହିଁ ଆରମ୍ଭ ହେବ। ଅନ୍ୟପକ୍ଷରେ ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଉପରେ ସଂସଦରେ ଆଲୋଚନାର କୌଣସି ସମ୍ଭାବନା ନାହିଁ।

### ବୟନ ଶିଳ୍ପ ବୁଣାକାର...

ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଆସିଛି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ୫୩,୩୦୦ ଟି ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତା ଦଶନ୍ଧି ମଧ୍ୟରେ ରାଜ୍ୟରେ ଟେକ୍ସଟାଇଲ କ୍ଷେତ୍ରରେ ୫ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟି ସହ ୫ଟି ଟେକ୍ସଟାଇଲ ଓ ଆପାରେଲ୍ ପାର୍କ ବିକଶିତ କରିବାକୁ ଯୋଜନା ରହିଛି। ସେହିପରି ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ରହିଥିବା ବେଳେ ମହିଳାମାନଙ୍କ ପାଇଁ ଅଧିକ ସୁଯୋଗ ରହିଛି, ଯାହାକି ଓଡ଼ିଶାର ଆର୍ଥିକ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଦେଶର ଟେକ୍ସଟାଇଲ ଉଦ୍ୟୋଗୀ ଏବଂ ଶିଳ୍ପପତିମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ୍ ତାପସ କୁମାର ଧନ୍ୟବାଦ ଦେଇଥିଲେ।

### ଡେପୁଟୀ ରେଞ୍ଜରଙ୍କ...

ଆପାର୍ଟମେଣ୍ଟ, ଭୁବନେଶ୍ୱର ରଘୁନାଥପୁରରେ ସମ୍ପର୍କୀୟଙ୍କ ଫ୍ଲାଟ, ଜୟପୁର ସୋମ୍ବର ତୋଟା ଥିବା ସମ୍ପର୍କୀୟଙ୍କ ଘର ଏବଂ ସରକାରୀ ବାସଭବନରେ ଚଢଉ କରିଥିଲା ଭିଜିଲାନ୍ସ। ଚଢଉରେ ବାବୁଙ୍କ ଅମାପ ସମ୍ପତ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଛି ଭିଜିଲାନ୍ସ। ତାଙ୍କ ଘରେ ଥିବା ଏକ ଗୁପ୍ତ ଟ୍ରେଜେରୀରୁ ନଗଦ ୧ କୋଟି ୪୩ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହି ଟଙ୍କାକୁ ଭିଜିଲାନ୍ସ ଟିମ୍ ଗଣିଗଣି ହାଲିଆ ହୋଇପଡ଼ିଥିଲେ। ଶେଷରେ ଭିଜିଲାନ୍ସ ଟଙ୍କାଗଣା ମେସିନ୍ ଆଣିବା ପରେ ଟଙ୍କା ଗଣାଯାଇଥିଲା। ରାମଚନ୍ଦ୍ରଙ୍କ ନାମରେ ଜୟପୁର, ପିଆର ପେଟ୍ଟା, ଏନ୍‌କେଟି ରୋଡ୍‌ରେ ରହିଛି ଗୋଟିଏ ୩ତାଲା କୋଠା, ଭୁବନେଶ୍ୱର ରଘୁନାଥପୁର ଜାଲିରେ ଗୋଟିଏ ୩ବିଏଚ୍‌କେ ଫ୍ଲାଟ୍, ପିଆର ପେଟ୍ଟାରେ ଗୋଟିଏ ଆପାର୍ଟମେଣ୍ଟରେ ୨ଟି ୨ବିଏଚ୍‌କେ ପ୍ଲାଟ ରହିଛି। ସେହିପରି ଜୟପୁର ଟାଉନ୍‌ରେ ୧.୩୩କୋଟିର ଦୁଇଟି ପ୍ଲଟ ରହିଛି। ରାମଚନ୍ଦ୍ରଙ୍କ ଘରୁ ୧.୫କେଜି ସୁନା ଏବଂ ୪.୬୩୭କେଜି ରୁପା ଅଳଙ୍କାର ଜବତ କରାଯାଇଛି। ବଡ଼ କଥା ହେଲା ଧରା ନପଡ଼ିବା ପାଇଁ ବାବୁ ସୁନାକୁ ବିସ୍କୁଟ ଏବଂ କଏନ୍ ଆକାରରେ କରି ରଖିଥିଲେ। ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ବୀମାରେ ୧କୋଟି ୩୨ଲକ୍ଷ ୮୫ହଜାର ୭୫୪ଟଙ୍କା ରହିଛି। ରାମଚନ୍ଦ୍ରଙ୍କ ନାମରେ ଦୁଇଟି କାର ଏବଂ ୩ଟି ବାଇକ୍ ରହିଥିବା ବେଳେ ୧୫.୫୯ ଲକ୍ଷର ଘରର ବିଭିନ୍ନ ଆସବାବପତ୍ର ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଉଛି। ଜୟପୁର ଗୋଲ୍ଡେନ ହାଇଟ ଆପାର୍ଟମେଣ୍ଟର ଗୁପ୍ତ ଟ୍ରେଜେରୀରୁ ୧ କୋଟି ୩୮ ଲକ୍ଷ ୯୦ ହଜାର ଟଙ୍କା ଜବତ ହୋଇଛି। ଜୟପୁର ଟାଉନ ସ୍ଥିତ ତାଙ୍କ ଘରୁ ୪ ଲକ୍ଷ ୪୪ ହଜାର ଟଙ୍କା ଠାବ ହୋଇଛି। ଜବତ ଟଙ୍କା, ସୁନା ଗହଣା ଏବଂ ଧନସମ୍ପତ୍ତି ସମ୍ପର୍କରେ ପଚରାଉଚରା କରାଯାଇଥିଲେ ମଧ୍ୟ ସେ ଏହାର ହିସାବ ଦେଇ ପାରିନଥିଲେ। ଶେଷରେ ଭିଜିଲାନ୍ସ ତାଙ୍କ ନାମରେ ମାମଲା ରୁଜୁ କରି ଉଠାଇ ନେଇ ପଚରାଉଚରା କରୁଛି।

ଏହି ଚଢ଼ଉରେ ଭିଜିଲାନ୍ସର ୬ଟି ଟିମ୍ ସାମିଲ ଥିଲେ। ଏଥିରେ ୬ ଜଣ ଡିଏସ୍‌ପିଙ୍କ ସମେତ ୫ ଇନ୍ସପେକ୍ଟର ଓ ୯ ଜଣ ଏଏସଆଇ ଏବଂ ଅନ୍ୟ ସହକାରୀ କର୍ମଚାରୀ ସାମିଲଥିଲେ। ରାମଚନ୍ଦ୍ର ୧୯୮୯ ମାର୍ଚ୍ଚ ୯ତାରିଖରେ ସେ ଗ୍ରାମ୍ୟ ବନ କର୍ମଚାରୀ ଭାବେ ଚାକିରି ଆରମ୍ଭ କରିଥିଲେ। ପରେ ତାଙ୍କୁ ଜୟପୁର ଫରେଷ୍ଟ ଡିଭିଜନକୁ ବଦଳି କରାଯାଇଥିଲା। ସେବେଠୁ ସେ ଜୟପୁର ଡେପୁଟି ରେଞ୍ଜର ଏବଂ ରେଞ୍ଜର ଦାୟିତ୍ୱରେ ରହିଥିଲେ। ତାଙ୍କର ମାସିକ ଦରମା ୬୯ହଜାର ୬୮୦ଟଙ୍କା ଥିବା ବେଳେ ଅନ୍ୟାନ ମିଶି ସେ ୭୬ ହଜାର ୮୮୦ ଟଙ୍କା ପାଉଥିଲେ। ଆଜି ପର୍ଯ୍ୟନ୍ତ ସେ ସରକାରୀ ଚାକିରିରେ ଯୋଗଦେବା ପରଠୁ କୋରାପୁଟ ଜିଲ୍ଲାରେ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକାଳ ସମୟରେ ଏକାଧିକ ଦୁର୍ନୀତି କରି ଟଙ୍କା ଅର୍ଜନ କରିଥିବା ଅଭିଯୋଗ ହୋଇଥିଲା। ଯେଉଁଥି ପାଇଁ ଭିଜିଲାନ୍ସ ଏହି ଅଭିଯୋଗର ତଦନ୍ତ କରି ସତ୍ୟାସତ ଜାଣିବା ପରେ ଆଜି ସକାଳୁ ଚଢଉ କରିଥିଲା। ଆଉ ୫ ମାସ ପରେ ସେ ଅବସର ନେଇଥାଆନ୍ତେ ବୋଲି ଜଣାପଡ଼ିଛି।

### ବଡ଼ ବର୍ଷାରେ...

ହେଉଥିବା ଯୋଗୁଁ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ରହିଛି। ଉଭୟ ଝାଡ଼ଖଣ୍ଡ ଏବଂ ଛତିଶଗଡ଼ରେ ଦୁଇ ଦିନ ପ୍ରବଳ ବର୍ଷା ଆଶଙ୍କା ରହିଥିବାରୁ ରାଜ୍ୟରେ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ହେବା ନେଇ ଜଳସମ୍ପଦ ବିଭାଗ ମଧ୍ୟ ସତର୍କ କରାଇଛି। ମୁଖ୍ୟତଃ ମହାନଦୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ ଓ ବୈତରଣୀ ଆଦି ନଦୀରେ ଜଳସ୍ତର ବଢ଼ିବ। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି, ଗତକାଲିଠାରୁ ଆଜି ଭିତରେ ୧୫ ଜିଲ୍ଲାର ୪୩ ବ୍ଲକରେ ୫୦ ମିଲିମିଟର ଠାରୁ ଅଧିକ ବର୍ଷା ହୋଇଛି। ତେଣୁ ନଦୀଗୁଡ଼ିକୁ ଜଳପ୍ରବାହ ବୃଦ୍ଧି ପାଇଛି। ହୀରାକୁଦର ଏବେ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ସ୍ଥିତି ଦେଖି ଅଧିକ ଗେଟ୍ ଖୋଲିବା ନିଷ୍ପତ୍ତି ନିଆଯିବ। ତେବେ ବର୍ତ୍ତମାନ ସମସ୍ତ ନଦୀର ଜଳ ସ୍ତର ବିପଦ ସଂକେତ ତଳେ ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ଏସ୍‌ଆର୍‌ସି ନିର୍ଦ୍ଦେଶ ଜାରି କରିଛନ୍ତି। ଅବପାତ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଥିବାରୁ ଆସନ୍ତା ୨୮ ତାରିଖ ଯାଏଁ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି।

### ରାଜ୍ୟର କୌଣସି...

ତାଲିକା ଅନୁସାରେ ଆନ୍ଧ୍ରପ୍ରଦେଶ, କେରଳ ଏବଂ ତାମିଲନାଡୁର ସାମୁଦ୍ରିକ ଉତ୍ପାଦ ଯଥା ଚିଙ୍ଗୁଡ଼ି ଓ ଟୁନା ମାଛ ଭଳି ସାଂଗ୍ରୀ ରହିଥିବା ବେଳେ ଜମ୍ମୁ ଓ କଶ୍ମୀରର ପଶ୍ମିନା ସାଲ୍, କେଶର ଓ ବାସୁମତି ଚାଉଳ, ପଞ୍ଜାବ ଓ ହରିୟାଣାର ବାସୁମତି ଚାଉଳ ଏବଂ ଜଳନ୍ଧରର କ୍ରୀଡ଼ା ସାମଗ୍ରୀ, ଉତ୍ତରପ୍ରଦେଶର ଆଗ୍ରା ଓ କାନପୁରର ଚମଡ଼ା ସାମଗ୍ରୀ ଏବଂ ମୀରଟର କ୍ରୀଡ଼ା ଉପକରଣ ରପ୍ତାନି ହେବ। ସେହିପର ଗୁଜରାଟର ବାନ୍ଧଣୀ ଓ ସୁରଟର ବସ୍ତ୍ର, ମୋର୍ବିର ସେରାମିକ୍ସ ଏବଂ ସୁରଟର ହୀରା, ମହାରାଷ୍ଟ୍ରର କୋହ୍ଲାପୁରୀ ଚପଲ, ଅଙ୍ଗୁର ଓ ପିଆଜ ରପ୍ତାନୀ ହେବ। ପଶ୍ଚିମବଙ୍ଗର ଡାର୍ଜିଲିଂ ଚା, ବାଲୁଚରି ଶାଢି ଏବଂ ତ୍ରିପୁରାର ରବର ରପ୍ତାନିକୁ ପ୍ରୋତ୍ସାହନ ମିଳିବ। ତାମିଲନାଡୁର କାଞ୍ଚିପୁରମ୍ ଶାଢ଼ୀ, କେରଳର ମସଲା (ଗୋଲମରିଚ, ଅଳେଇଚ), କଫି ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଉଦ୍ୟାନ କୃଷି ଉତ୍ପାଦ ରପ୍ତାନୀ ହେବ ଓ ଏଗୁଡ଼ିକ ଶୁଳ୍କମୁକ୍ତ ପ୍ରବେଶ ଦ୍ୱାରା ସିଧାସଳଖ ଲାଭ ପାଇବେ। କିନ୍ତୁ ଦୁଃଖର ବିଷୟ ଯେ ଓଡ଼ିଶାରୁ ଉତ୍ପାଦିତ ଏବଂ ପ୍ରସ୍ତୁତ ହେଉଥିବା ଅନେକ ସାମଗ୍ରୀର ବିଶ୍ୱ ବଜାରରେ ଚାହିଦା ରହିଥିଲେ ହେଁ ଏହି ଚୁକ୍ତିରେ ଓଡ଼ିଶାର ଗୋଟିଏ ବି ସେପରି ସାମଗ୍ରୀ ସ୍ଥାନ ପାଇନାହିଁ।

ବିଭିନ୍ନ ରାଜ୍ୟରୁ ରାପ୍ତାନୀ ହେବାକୁ ଥିବା ସାମଗ୍ରୀ ଭଳି ଓଡ଼ିଶାରେ ମଧ୍ୟ ଅନେକ ସାମଗ୍ରୀ ବିଦେଶରେ ସୁନାମ ଅର୍ଜନ କରିଛି। କୋରାପୁଟ କଫିଠାରୁ ଆରମ୍ଭ କରି କନ୍ଧମାଳ ହଳଦୀ, ଇକତ୍ ଶାଢ଼ି, ସମ୍ବଲପୁରୀ ଶାଢ଼ି ସହ କଟକର ତାରକସୀ କାରୁକାର୍ଯ୍ୟର ସାମଗ୍ରୀ ଆଦି ରପ୍ତାନୀ ହୋଇପାରିଥା'ନ୍ତା। ମାତ୍ର କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ତାଲିକାରେ କାହିଁକି ଓଡ଼ିଶାର କୌଣସି ସାମଗ୍ରୀକୁ ସ୍ଥାନ ଦିଆଯାଇ ନାହିଁ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ଏନେଇ ଓଡ଼ିଶାର ଜିଆଇ ବିଶେଷଜ୍ଞ ଡଃ ଅନିତା ସାବତ୍ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ପ୍ରକାଶିତ ତାଲିକାରେ ଆନ୍ଧ୍ର ପ୍ରଦେଶରୁ ଆରୁକୁ କଫି ରପ୍ତାନୀ ହେବ ବୋଲି ଦର୍ଶାଯାଇଛି। ମାତ୍ର ଏହି କଫି ଉଭୟ ଆନ୍ଧ୍ର ଓ ଓଡ଼ିଶାର କୋରାପୁଟରେ ଉତ୍ପାଦନ ହୋଇଥାଏ। ଏମିତିକି ଜିଆଇ ମାନ୍ୟତା ବେଳେ ମଧ୍ୟ ଉଭୟ ଓଡ଼ିଶା ଏବଂ ଆନ୍ଧ୍ରକୁ ମିଳିତ ଭାବେ 'ଆରୁକୁ ଭ୍ୟାଲି ଆରାବିକା କଫି'ର ମାନ୍ୟତା ମିଳିଥିଲା। ସେହିପରି ହଳଦୀ ରପ୍ତାନୀରେ କନ୍ଧମାଳ ହଳଦୀ ବିଶ୍ୱସ୍ତରରେ ନାଁ ରହିଛି। ମାତ୍ର ଓଡ଼ିଶା ପ୍ରତି ଏଥିରେ ଅନ୍ୟାୟ କରାଯାଇଛି। ଓଡ଼ିଶାକୁ ମର୍ଯ୍ୟାଦା ମିଳିବା ଦରକାର। କେନ୍ଦ୍ର ସରକାର ପୂନର୍ବାର ଓଡ଼ିଶାର ନାଁ ରଖି ତାଲିକା ପ୍ରକାଶ କରିବାକୁ ଡଃ ସାବତ ଦାବି କରିଛନ୍ତି।

ବିଜେଡି ନିଜ ସୋସିଆଲ୍ ମିଡିଆ ପେଜ୍‌ରେ ଡବଲ ଇଂଜିନ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ସମାଲୋଚନା କରିଛି। ପାଇକ ବିଦ୍ରୋହକୁ ଏନ୍‌ସିଆର୍‌ଟି ପାଠ୍ୟପୁସ୍ତକରୁ ବାଦ୍ ଦେଇ ପରବର୍ତ୍ତୀ ସମୟରେ ଭଲ୍ୟୁମ୍-୨ରେ ସ୍ଥାନ ମିଳିବା ଭଳି ଏହି କ୍ଷେତ୍ରରେ ମଧ୍ୟ ସମାନ ପନ୍ଥା ଗ୍ରହଣ କରାଯିବ କି ବୋଲି ଦଳ କଟାକ୍ଷ କରିଛି। ସେହିପରି କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍‌ଦୋସ୍ ମଧ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏଭଳି ନିଷ୍ପତ୍ତି ପାଇଁ ସମାଲୋଚନା କରିଛନ୍ତି।


Office of The Principal

**Biju Pattnaik (Degree) College of Sciences & Education**

Jayadev Vihar, Bhubaneswar -751013 (ODISHA)

**Quotation Call Notice Date :26/7/2025**

Sealed quotations are invited from GST Registered firm agencies before **30/7/2025** to supply desktop computers, UPS System, Multifunction Printers (MFM), Led TV (65 inch), Wireless Mic, cameras for virtual meetings, and internet Facilities etc. Under GOVT. of Odisha, upgrading IT Infrastructure funds. For details Logon to : **www.bpdcse.in**, **bpcsed@gmail.com**

## ଧାମରା ବନ୍ଦରକୁ ଗାଡ଼ି ଚଳାଚଳ ବନ୍ଦ

# କଂଗ୍ରେସ ପକ୍ଷରୁ ଚାଲିଛି ଅହୋରାତ୍ର ଧାରଣା




**ବାସୁଦେବପୁର, ୨୫।୭(ସମିସ)**

ବାସୁଦେବପୁର କଂଗ୍ରେସ ପକ୍ଷରୁ ଚାରି ଦଫା ଦାବିରେ ଆଜି ଧାମରା ବନ୍ଦରକୁ ସମସ୍ତ ଗାଡି ଚଳାଚଳ ବନ୍ଦ ରହିଛି। ବାସୁଦେବପୁର ଓ ବାଲିମୁଣ୍ଡାଠାରେ ଶହ ଶହ ଗାଡି ଅଟକାଇଛନ୍ତି କର୍ମୀ। ଦାବି ପୂରଣ ନହେବା ପର୍ଯ୍ୟନ୍ତ କଂଗ୍ରେସ ପକ୍ଷରୁ ଅହୋରାତ୍ର ଧାରଣା ଦିଆଯାଇଛି। ଧାମରା ବନ୍ଦର ବାସୁଦେବପୁର ଛାତି ଉପରେ ବାଲି, ସିମେଣ୍ଟ, ଇଟା, ଚିପ୍ସ ଓ ମେଟାଲ ବୁହା ହୋଇ ଧାମରା ବନ୍ଦର ଗଢି ଉଠିଲା। ବନ୍ଦର ନିର୍ମାଣ ହେବାଦିନ ଠାରୁ ଆଜି ପର୍ଯ୍ୟନ୍ତ ଶହ ଶହ ଲୋକଙ୍କ ମୁଣ୍ଡ ଗଡ଼ିଛି; ତଥାପି ବନ୍ଦରକୁ ସ୍ୱାଗତ କରିଛନ୍ତି ବାସୁଦେବପୁର ଜନସାଧାରଣ। ଆଦାନୀ ଆସି ପୋର୍ଟ ନେଲା; ହେଲେ ନିଯୁକ୍ତି ସମୟରେ ଯୋଗ୍ୟତା ଭିତ୍ତିରେ ବାସୁଦେବପୁର ଯୁବକ ଓ ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବାକୁ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଛି। କିନ୍ତୁ ଆଦାନୀ କମ୍ପାନୀ ସେଥିପ୍ରତି କର୍ଣ୍ଣପାତ କରୁନାହିଁ। ଏ ନେଇ ଯୁବକଯୁବତୀଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧୁଛି। କେନ୍ଦ୍ର ସରକାର ଜାମୁଝାଡିରୁ ଧାମରା ପର୍ଯ୍ୟନ୍ତ ୬୨ କିମି ରାସ୍ତାକୁ ଜାତୀୟ ରାଜପଥ ପାଇଁ ଅର୍ଥ ବରାଦ ହୋଇଛି ବୋଲି ନିର୍ବାଚନ ପୂର୍ବରୁ ଘୋଷଣା କରିଥିଲେ। ନିର୍ବାଚନ ଶେଷ ହୋଇ ଏକ ବର୍ଷ ବିଜେପିର ଡବଲ ଇଞ୍ଜିନ ସରକାର ଅତିକ୍ରମ କଲାଣି। କେନ୍ଦ୍ରମନ୍ତ୍ରୀଙ୍କ ମିଛ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ବାସୁଦେବପୁର, ବେତଡା ଓ ବିଦେଇପୁର ଛକରେ ବାଇପାସ ରୋଡ କରିବାକୁ ଦାବୀ ହୋଇଆସୁଛି। ନିରୀହ ଲୋକଙ୍କ ଜୀବନ ପୋକମାଛି ପରି ଗଡ଼ି ଯାଉଛି। ଏହି ଦୁଃଖ କେବଳ ଗୋଟିଏ ପରିବାରର ମାଆଟିଏ ପୁଅକୁ ହରାଇ ଛାତିର ଅସୁମାରୀ କୋହ ଓ ଯନ୍ତ୍ରଣାର ବ୍ୟଥା ସେ ହିଁ କହିପାରିବ। ଆଦାନୀ କମ୍ପାନୀର ପେରିଫେରୀ ଡେଭେଲପମେଣ୍ଟରେ ବାସୁଦେବପୁରର ବିକାଶ କରିବାକୁ ଦାବି ହେଉଛି। ଆଜି ସକାଳରୁ ବିଧାୟକ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ଅଟଳ ବିହାରୀ ହାଇସ୍କୁଲ ଛକ ଓ ବାଲିମୁଣ୍ଡା ଏୟାର ଷ୍ଟ୍ରିପ ଛକରେ ଧାମରାକୁ ଯାତାୟତ କରୁଥିବା ସମସ୍ତ ଆଇରନ ବୋଝେଇ ଟ୍ରକ ଅଟକ ରଖିଛନ୍ତି। ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ, ଆଦାନୀର ସିଏସଆର ଅଧିକାରୀ ଦେବାଶିଷ ମୁଖାର୍ଜୀ ଓ ବାସୁଦେବପୁର ଥାନାର ଆଇଆଇସି ଲୋପାମୁଦ୍ରା ନାୟକ ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ବିଧାୟକ ଶ୍ରୀ ଦାସ ଓ କଂଗ୍ରେସ କର୍ମୀମାନେ ଆଦାନୀ କମ୍ପାନୀର ସିଇଓ ଓ ଜିଲ୍ଲାପାଳ ମିଳିତ ଭାବେ ଆଲୋଚନାକୁ ଆସିବାକୁ କହିଥିଲେ। ଯେପର୍ଯ୍ୟନ୍ତ ଆଲୋଚନାକୁ ଆସିବେ ନାହିଁ ସେପର୍ଯ୍ୟନ୍ତ ଧାମରା ବନ୍ଦରକୁ ଗାଡି ଛଡାଯିବ ନାହିଁ ବୋଲି କଂଗ୍ରେସ କର୍ମୀମାନେ କହିଛନ୍ତି ଏବଂ ଦୁଇଟି ସ୍ଥାନରେ ଅହୋରାତ୍ର ଧାରଣାରେ ବସି ରହିଛନ୍ତି।

# ପ୍ରକଳ୍ପର ଅଗ୍ରଗତି ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ପୂର୍ବତନ ସାଂସଦ



**ଭଦ୍ରକ, ୨୫।୭(ସମିସ):** ପୂର୍ବତନ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରି ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି। ବିଭିନ୍ନ ପ୍ରକଳ୍ପର ଯଥା-ଭଦ୍ରକ ପୌରାଞ୍ଚଳରେ ବିସ୍ଥାପିତ ହୋଇଥିବା ଦୋକାନୀଙ୍କ ଥଇଥାନ, କାନ୍ତକବି ପୀଠକୁ ଭଦ୍ରକ-ଚାନ୍ଦବାଲି ତାରିଣୀ ଛକ ଠାରୁ ପ୍ରସ୍ତାବିତ ବାଇପାସ ରୋଡ଼, ୧୬ ନମ୍ବର ଜାତୀୟ ରାଜପଥ ଗେଲପୁରଠାରୁ ହଳଦିଡିହ ବାଇପାସ ଭାୟା ଭଦ୍ରକାଳୀ ପର୍ଯ୍ୟନ୍ତ ବାଇପାସ ରୋଡ଼, ଭଦ୍ରକ-ଚାନ୍ଦବାଲି ରାସ୍ତା ସାଳନ୍ଦୀ କଲୋନୀଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା ନିର୍ମାଣ, ଇଚ୍ଛାପୁର ବାସୁଦେବପୁର ପଦ୍ମପୁର ବିରସ ରାସ୍ତାର ଉନ୍ନତି କରଣ, ରାଜଘାଟ ଛକ ଠାରୁ ଡାହାଣୀ ଗଡିଆ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଡ୍ରେନେଜ ନିର୍ମାଣ, ଏରତାଳ ଆରଆଇ ଅଫିସ ବାସୁଦେପୁର ସବରେଜେଷ୍ଟ୍ରି ଅଫିସ ନିର୍ମାଣ, ବାସୁଦେବପୁର ସହରାଞ୍ଚଳରେ ଡ୍ରେନେଜ ନିର୍ମାଣ, ଦୋବଲ ବଜାରଠାରେ ନିର୍ମିତ ପୋଲର ଉଭୟ ପାର୍ଶ୍ୱ ସଂଯୋଗୀକରଣ, ନୂତନ ଜିଲ୍ଲା ହସ୍ପିଟାଲ ଓ ନୂତନ ବସ ଷ୍ଟାଣ୍ଡ କାର୍ଯ୍ୟକ୍ଷମ, ଅନୁସୂଚିତ ଜାତି, ଜନଜାତିଙ୍କ ପାଇଁ ନିର୍ମାଣଧୀନ ଛାତ୍ରଛାତ୍ରୀ ରହିବା, କାନ୍ତ କବି ପୀଠକୁ ପୂର୍ବରୁ ୫୦ ଲକ୍ଷ ପୂର୍ବ ଅନୁଦାନ କୁ ବିନିଯୋଗ କରିବା, ସୁଗୋ ଏରତାଳ ବାଳିକା ବିଦ୍ୟାଳୟକୁ ୪୫ ଲକ୍ଷ ପୂର୍ବ ଅନୁଦାନ ବିନିଯୋଗ କରିବା, ଭଦ୍ରକ ଆରଡ଼ି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣକରଣ କରିବା, ଦୋଲସାହି ବୋଡ଼କ ରାସ୍ତା ସମ୍ପୂର୍ଣ୍ଣକରଣ କରିବା, ଜାତୀୟ ରାଜପଥ ଗେଲପୁର ଏବଂ ମାଳଦା ଛକରେ ବାମ ପାର୍ଶ୍ୱ ରାସ୍ତା ସଂଯୋଗୀକରଣ, ଭଦ୍ରକ କେନ୍ଦୁଆପଦା ରେଳ ଷ୍ଟେସନର ନିର୍ମାଣଧୀନ ୧୧୮, ୧୧୯, ୧୨୫ କାର୍ଯ୍ୟର ଅଗ୍ରଗତି, ବାସୁଦେବପୁର କପାଗଡିଆ ଛକ ଠାରେ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷିତ ରଖିବା, ବାସୁଦେବପୁର ସହର ଦେଇ ଅଦାନୀ ପୋର୍ଟକୁ ମାଲବାହୀ ଯାନ ଯାତାୟାତର ସମୟ ନିର୍ଘଣ୍ଟ, ଜିଲ୍ଲାର ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି, ପଦ୍ମପୁର ଠାରେ ୩୩/୧୧କେଭି ସବ ଷ୍ଟେସନରୁ ୫ଟି ପଞ୍ଚାୟତକୁ ବିଦ୍ୟୁତ ସଂଯୋଗ, ବାସୁଦେବପୁର ଏବଂ ଧାମନଗର ମେଡିକାଲରେ ଶବ ବ୍ୟବଚ୍ଛେଦ କେନ୍ଦ୍ର ନିର୍ମାଣ ଓ କାର୍ଯ୍ୟକାରୀ କରିବା, ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ବାବଦରେ ବିସ୍ତୃତ ଆଲୋଚନା କରିଛନ୍ତି।

# ବିଦ୍ୟୁତ୍ କମ୍ପାନୀ ଉପରେ ବର୍ଷିଲେ ବିଧାୟକ



**ବାରିକପୁର, ୨୫।୭(ସମିସ):** ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଦସ୍ୟ ତଥା ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ବିଦ୍ୟୁତ୍ ବିତରଣ ସଂସ୍ଥା ଗୁଡିକ ଉପରେ ଖୁବ୍ ବର୍ଷିଥିଲେ। ବିଦ୍ୟୁତ୍ ବିଭାଗର ଅପାରଗତା ଓ ଅବହେଳା ମନୋଭାବ ଯୋଗୁଁ ଅନେକ ସ୍ଥାନରେ ଦୈନିକ କିଛି ନା କିଛି ଅଘଟଣ ଘଟି ଧନଜୀବନ ନଷ୍ଟ ହେଉଛି। ଅଘୋଷିତ ବିଦ୍ୟୁତ୍ କାଟ ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ଅତିଷ୍ଠ କରୁଛି। ବଡ଼ ବଡ଼ ଶିଳ୍ପ ସଂସ୍ଥା ଉପରେ ହଜାର ହଜାର କୋଟି ଟଙ୍କା ବିଦ୍ୟୁତ୍ ବିଲ ବାକି ପଡ଼ିଥିବା ବେଳେ ନୀରିହ ଓ ଗରିବଙ୍କ ଠାରୁ କମ୍ପାନୀ ବଳପୂର୍ବକ ଲାଇନ୍ ବିଲ ଆଦାୟ କରୁଛି। ସରକାରୀ ଯୋଜନା ଅନ୍ତର୍ଗତ ବିଦ୍ୟୁତ୍ ଉପଭୋକ୍ତାଙ୍କ ଅଧିକାରକୁ କମ୍ପାନୀ ଛଡାଇ ନେଉଛି। ବିପିଏଲ ପରିବାର ଉପଭୋକ୍ତାଙ୍କୁ ମଧ୍ୟ ବିତରଣ ସଂସ୍ଥା ଶୋଷଣ କରୁଛି। ଅନେକ ସମୟରେ ଉପଭୋକ୍ତା ମାନଙ୍କ ଉପରେ ମିଥ୍ୟା ମକଦ୍ଦମା ମଧ୍ୟ ରୁଜୁ କରାଯାଉଛି। ଏଭଳି ଅବସ୍ଥା କେବଳ ତାଙ୍କ ନିର୍ବାଚନ ମଣ୍ଡଳୀରେ ନୁହେଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ରେ ଦେଖା ଯାଉଥିବା ବିଧାୟକ କହିଛନ୍ତି। ତେଣୁ ଶିଳ୍ପ ସଂସ୍ଥାଠାରୁ ବକେୟା ବିଲ ଆଦାୟ କରିବା ସହିତ ଜନସାଧାରଣଙ୍କୁ ସରକାରୀ ଯୋଜନା ଅନ୍ତର୍ଗତ ଉଚିତ୍ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଶ୍ରୀ ମଲ୍ଲିକ ଦୃଢ ଦାବି କରିଛନ୍ତି।

# ନଦୀ ପଥରେ ଚୋରାଚାଲାଣ ହେଉଛି ନକଲି ସାର



**ଭଦ୍ରକ, ୨୫।୭(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳରେ ଏବେ ଦ୍ରୁତଗତିରେ ଆଗେଇ ଚାଲିଛି ଚାଷକାମ। ସେହି ଅନୁସାରେ ରାସାୟନ ସାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତତ୍ପର ହୋଇଛନ୍ତି ସାର ବ୍ୟବସାୟୀ। ବଜାରରେ ସାରର କୃତ୍ରିମ ଅଭାବ ସୃଷ୍ଟି କରିବା ପାଇଁ ଚଳାଇଛନ୍ତି ଯୋଜନା। ବିଭିନ୍ନ ସ୍ଥାନରେ

## ପ୍ରଶାସନ ଚୁପ୍

ବେଆଇନ ଭାବେ ସାର ଷ୍ଟକ କରିବା ସହ ଜଳପଥ ଦେଇ ପଡୋଶୀ କେନ୍ଦ୍ରପଡ଼ା ଜିଲ୍ଲାକୁ ଚାଲାଣ ହେଉଛି। ଏଥିସହିତ ନକଲି ସାର ବିକ୍ରି କରି ମାଲାମାଲ ହେଉଛନ୍ତି ବ୍ୟବସାୟୀ। ଗୁରୁବାର ଚାନ୍ଦବାଲି ପାଞ୍ଚପଡ଼ାର ଜଣେ ଫର୍ଟିଲାଇଜର ମାଲିକ ୨ଟି ଡଙ୍ଗାରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ବସ୍ତା ୟୁରିଆ, ପଟାସ, ଡିଏପି, ଗ୍ରୋମର ଆଦି ନକଲି ସାର କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆ, ରଙ୍ଗଣୀ ଆଦି ସ୍ଥାନକୁ ଚୋରାଚାଲାଣ କରୁଥିବା ଖବର ପାଇ କିଛି ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚିଥିଲେ। ସାର କେଉଁଠୁ ଆସିଲା, କେଉଁ ସ୍ଥାନକୁ ଯାଉଛି ପଚାରିବାରୁ ଡଙ୍ଗା ଚାଳକ ସଠିକ ଉତ୍ତର ଦେଇ ପାରି ନ ଥିଲେ। ଏ ସମ୍ବନ୍ଧରେ ସ୍ଥାନୀୟ ତହସିଲଦାରଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଯୋଗ କରିଥିଲେ ମଧ୍ୟ ସଠିକ ସମୟରେ ଘଟଣାସ୍ଥଳରେ ନ ପହଞ୍ଚିବା ଯୋଗୁଁ ଚାଳକ ଡଙ୍ଗା ନେଇ ଚମ୍ପଟ ମାରିଥିଲେ। ତେବେ ଏଠାରେ ପ୍ରଶ୍ନ ଉଠୁଛି ସମ୍ପୃକ୍ତ ଫର୍ଟିଲାଇଜର ରିଟେଲର ବିକ୍ରେତା ହୋଇଥିବା ବେଳେ କେମିତି ହୋଲସେଲ କାରବାର କରୁଛନ୍ତି, ତାହା ପୁଣି ଜିଲ୍ଲା ବାହାରକୁ। ଏଥିରେ ସ୍ଥାନୀୟ ପ୍ରଶାସନର ସହଯୋଗ ନାହିଁ ତ? ପ୍ରତିଦିନ ନଦୀପଥରେ ଏମିତି ଘଟଣା ଘଟୁଥିବା ବେଳେ ପ୍ରଶାସନ ଜାଣି ନ ଜାଣିଲା ପରି ରାସ୍ତା ପାଖିଆ କିଛି ଛୋଟ ଛୋଟ ବ୍ୟବସାୟୀଙ୍କୁ ଧରି ବଡ଼ ବଡ଼ ବ୍ୟବସାୟୀଙ୍କୁ ସହଯୋଗ କରୁଥିବା ଆଲୋଚନା ହେଉଛି। ଦେଖିବାକୁ ବାକି ରହିଲା କେନ୍ଦ୍ରାପଡ଼ା ଜିଲ୍ଲାକୁ ଚୋର ଚାଲାଣ କରୁଥିବା ଉକ୍ତ ଫର୍ଟିଲାଇଜର ଉପରେ ଆଗାମୀ ଦିନରେ ପ୍ରଶାସନ କଣ ନେଉଛି କାର୍ଯ୍ୟାନୁଷ୍ଠାନ।

# ସମିତି ଗୋଦାମଘର ନିର୍ମାଣ ସ୍ଥାନ ନିରୂପଣକୁ ନେଇ ଆପତ୍ତି

**ଭଣ୍ଡାରିପୋଖରୀ, ୨୫।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକର ନାଆମୀ ପ୍ରାଥମିକ କୃଷି ସମବାୟ ସମିତିର ପ୍ରସ୍ତାବିତ ନୂତନ ଗୋଦାମ ଘର ସ୍ଥାନ ନିରୂପଣକୁ ନେଇ ଆପତ୍ତି ଅଭିଯୋଗ ହୋଇଛି। ସମିତିର ଗୋଦମ ଘର ନିର୍ମାଣ ପାଇଁ ସମିତି ନିକଟରେ ସରକାରୀ ଜମି ରହିଛଇ। ମାତ୍ର ସମିତି ଠାରୁ ଯଥେଷ୍ଟ ଦୂରରେ ଅଙ୍କାବଙ୍କା ରାସ୍ତା ପାର୍ଶ୍ୱରେ ଏଥିପାଇଁ ଜମି ଚିହ୍ନଟ କରାଯାଇଛି। ମଞ୍ଜୁରୀରୋଡ ରାଜସ୍ୱ ନିରୀକ୍ଷକ ନାଆମୀ ଗ୍ରାମର ଖାତା ନଂ ୮୦୯ ଓ ପ୍ଲଟ ନଂ ୩୧୧୧ ଜମିରେ ନିର୍ମାଣ ପାଇଁ ସୁପାରିଶ କରିଛନ୍ତି। ଏହି ଜମି ଗୋଦାମ ଘର ପାଇଁ ଅନୁପଯୋଗୀ ଅଟେ। ଚିହ୍ନଟ ଜମିକୁ ପରିବର୍ତ୍ତନ କରି ସମିତି ସଂଲଗ୍ନ ଜମିକୁ ଗ୍ରହଣ କରାଯିବା ପାଇଁ ଆଶିଷ ରଞ୍ଜନ ପତି, କୃଷ୍ଣଚନ୍ଦ୍ର ମୁଖି, ଅଭିମନ୍ୟୁ ଯେନା, ରତ୍ନାକର ପାଢ଼ୀ, ଶ୍ୟାମସୁନ୍ଦର ପଣ୍ଡା ପ୍ରମୁଖ ସମିତିର ଶତାଧିକ ପଞ୍ଜିକୃତ ଚାଷୀ ଜିଲ୍ଲାପାଳଙ୍କ ନିକଟରେ ଆପତି ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏହି ଆପତ୍ତିକୁ ଅନୁଧ୍ୟାନ କରିବାକୁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ପାଠ୍ୟକ୍ରମ ପରାମର୍ଶ ସଂକ୍ରାନ୍ତ ଆଲୋଚନାଚକ୍ର

**ଦୋବଲ, ୨୫।୭(ସମିସ):** ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଜାତୀୟ ଶିକ୍ଷାନୀତି ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। +୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଓ ସମ୍ମାନିତ କରାଯାଇଛି। ଆଲୋଚନାଚକ୍ରରେ ପ୍ରାଧ୍ୟାପକ ପ୍ରଦୀପ ରାୟ, ସଞ୍ଜୟ ପଣ୍ଡା, ସନ୍ଦୀପ କୁମାର ଘୋଷ, ସରୋଜ କୁମାର ପଣ୍ଡା, ମନୋଜ କୁମାର କର, ଆଶୀର୍ବାଦ ମହାନ୍ତି, ବିଶ୍ୱଜିତା ବାରିକ, ଗୀତାଞ୍ଜଳି ଦେବତା, ସ୍ୱାଗତିକା ରାୟ, ବାସ୍ତବିକା ଦାସ ପ୍ରମୁଖ ଶିକ୍ଷା ନୀତି ବାବଦରେ ଅବଗତ କରାଇଥିଲେ। ଅଧ୍ୟାପିକା ସ୍ମରଣିକା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୌନ ନିର୍ଯାତନା ଆଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




**ଭଦ୍ରକ, ୨୫।୭(ସମିସ):** ଭଦ୍ରକ ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି), ସ୍ଥାନୀୟ ଅଭିଯୋଗ କମିଟି (ଏଲ୍‌ସିସି), କର୍ମ କ୍ଷେତ୍ରରେ ଯୌନ ନିର୍ଯାତନା ଆଇନ -୨୦୧୩ ବିଷୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସରୋଜକାନ୍ତ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀର ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ବିଭିନ୍ନ କର୍ମକ୍ଷେତ୍ର- ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ଡାକ୍ତରଖାନ କିମ୍ବା ନର୍ସିଂହୋମ, ଶିକ୍ଷାନୁଷ୍ଠାନ (ସରକାରୀ ଓ ବେସରକାରୀ), ଅନ୍ୟ ସଂଘଟିତ କ୍ଷେତ୍ର, ଖେଳ, ଷ୍ଟାଡିୟମ୍, ହଷ୍ଟେଲ ଆବାସିକ କେନ୍ଦ୍ର ଆଦିରେ ଯୌନ ନିର୍ଯାତନା, ଶରୀରକୁ ଇଚ୍ଛା ବିରୁଦ୍ଧରେ ସ୍ପର୍ଶ କରିବା ପାଇଁ ଉଦ୍ୟମ କରିବା, ଯୌନଗତ ସମ୍ପର୍କ ସ୍ଥାପନ ପାଇଁ ଅନୁରୋଧ କରିବା, ଅଶ୍ଳୀଳ ମନ୍ତବ୍ୟ ଦେବା, ଅଶ୍ଳୀଳ ଫଟୋ ଦେଖେଇବା, ସାଂକେତିକ ଆଚରଣ, ଅପଦସ୍ତ କରିବା ଆଦି ଯୌନ ନିର୍ଯାତନା ନେଇ ଆଲୋଚନା ହୋଇଥିଲା। କର୍ମକ୍ଷେତ୍ରରେ ଯେ କୌଣସି ମହିଳା ଏପରି ଶୋଷଣର ଶିକାର ହେଉଥିଲେ ଅଭିଯୋଗ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଭିଯୋଗ କରିପାରିବ।

# 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ




**ଭଦ୍ରକ, ୨୫।୭(ସମିସ):** ଶୁକ୍ରବାର ପୂର୍ବାହ୍ନ ୧୦ ଟାରେ ଭଦ୍ରକ ତହସିଲ ଅନ୍ତର୍ଗତ ଓଲଙ୍ଗ ଗ୍ରାମ ପଞ୍ଚାୟତରେ 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ଅତିରିକ୍ତ ତହସିଲଦାର ସୁକାନ୍ତ କୁମାର ଦାସ, ଓଲଙ୍ଗ ସରପଞ୍ଚ ଅକ୍ଷୟ କୁମାର ମହାନ୍ତି, ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡା, ଭଦ୍ରକ ରାଜସ୍ୱ ନିରୀକ୍ଷକ ଶରତ କୁମାର ମହାନ୍ତି ଓ ରାନ୍ଦିଆ ରାଜସ୍ୱ ନିରୀକ୍ଷକ ଦିବ୍ୟରଞ୍ଜନ ଧଳଙ୍କ ସମେତ ଆଖପାଖ ଅଞ୍ଚଳର ସାଧାରଣ ଗ୍ରାମବାସୀ, କୃଷକ ସାଥୀ ଏବଂ ସ୍ଥାନୀୟ ପ୍ରତିନିଧି ଉପସ୍ଥିତ ଥିଲେ। ଏବେ ସରକାରଙ୍କ ତରଫରୁ ପ୍ରାଧାନ୍ୟ ଦିଆଯାଉଥିବା ପଟ୍ଟାର ଦୁଇଖାନାରେ ମୃତ୍ୟୁ ଆସାମୀଙ୍କ ନାମକୁ ସଂଶୋଧନ ପାଇଁ ପୂର୍ବରୁ ଗ୍ରହଣ କରାଯାଇଥିବା ସଂଶୋଧିତ ନୂତନ ପଟ୍ଟା ତାଙ୍କର ଉତ୍ତରାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ମୃତ୍ୟୁ ପଟ୍ଟା ଆସାମୀଙ୍କ ନାମରେ ଥିବା ପଟ୍ଟା ସଂଶୋଧନ କରିବା ନିମନ୍ତେ ମଧ୍ୟ ନୂତନ ଦରଖାସ୍ତ ଗ୍ରାମବାସୀଙ୍କ ନିକଟରୁ ଗ୍ରହଣ କରାଯାଇଥିଲା। ସେହିଭଳି ଗ୍ରାମବାସୀ ମାନଙ୍କର ବିଭିନ୍ନ ପ୍ରକାରର ରାଜସ୍ୱ ସମସ୍ୟାର ଅଭିଯୋଗ ଗୁଡିକର ତ୍ୱରିତ ସମାଧାନ କରାଯାଇଥିଲା।

# ବରିଷ୍ଠ ଦେୱାନୀ ଅଦାଲତ ଘୋଷଣାକୁ ଓକିଲ ସଂଘ ପକ୍ଷରୁ ସ୍ୱାଗତ




**ଧାମନଗର, ୨୫।୭(ସମିସ):** ରାଜ୍ୟ ସରକାରଙ୍କ ନିୟମକୁ ଆଧାର କରି ୨୦୧୪ ମସିହା ଫେବୃଆରୀ ମାସରେ ଧାମନଗର ଠାରେ କୋର୍ଟ ଆରମ୍ଭ ହୋଇଥିଲା। ଧାମନଗର ଓକିଲ ସଂଘର ଦୀର୍ଘ ଦିନର ଦାବି ପରେ ରାଜ୍ୟ ସରକାର ସୁପାରିସକ୍ରମେ ଉଚ୍ଚ ନ୍ୟାୟମନ୍ତ୍ରଣାଳୟ ବିଭାଗ ଆଦେଶ ନଂ ୧୧୪୧୦/ ତା-୧୯/ ୦୭/୨୫ରେ ଧାମନଗରଠାରେ ଏକ ନୂତନ ବରିଷ୍ଠ ଦେୱାନୀ ଅଦାଲତ ଖୋଲିବା ପାଇଁ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅପରାହ୍ନରେ ଧାମନଗର ଓକିଲ ସଂଘ ତରଫରୁ ସଭାଗୃହ ପରିସରରେ ସଂଘର ସଭାପତି ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ସଂଘର ସାଧାରଣ ସମ୍ପାଦକ ଆଇନଜୀବୀ ରଣଜିତ ମହାନ୍ତି ସାମ୍ବାଦିକ ସମ୍ମିଳନୀକୁ ସଞ୍ଚାଳନ କରିଥିଲେ। ଏଥିରେ ପୂର୍ବତନ ସାଧାରଣ ସମ୍ପାଦକ ଅମରେନ୍ଦ୍ର ମହାନ୍ତି କୋର୍ଟ ପ୍ରତିଷ୍ଠା ହେବା ଠାରୁ ଆଜିଯାଏ ସମସ୍ତ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ ସହ ପୂର୍ବତନ ଜିଲ୍ଲା ଜଜ୍ ତଥା ବର୍ତ୍ତମାନର ହାଇକୋର୍ଟ ଭିଜିଲାନ୍ସ ରେଜିଷ୍ଟର ପ୍ରଦ୍ୟୁମ୍ନ କୁମାର ନାୟକ ଦେୱାନୀ ଅଦାଲତ ପାଇଁ ସମ୍ପୂର୍ଣ୍ଣ ସାହାଯ୍ୟ କରିଥିବାରୁ ଶ୍ରୀ ମହାନ୍ତି ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ। ହାଇକୋର୍ଟର ଦୁଇ ଜଣ ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲ, ଏମଡି ମାଦାନୀ ଏବଂ ଆଇନଜୀବୀ ପ୍ରଶାନ୍ତ ବିଶ୍ୱାଳଙ୍କ ସହଯୋଗରେ ବରିଷ୍ଠ ଦେୱାନୀ ଅଦାଲତ ଘୋଷଣା ହୋଇଥିବାରୁ ତିନି ଜଣଙ୍କୁ ଧାମନଗର ଓକିଲ ସଂଘ ପକ୍ଷରୁ ଅଶେଷ ଅଶେଷ ଧନ୍ୟବାଦ ଜଣାଉଛୁ ବୋଲି ଓକିଲ ଶ୍ରୀ ରାମ ତାଙ୍କ ବକ୍ତବ୍ୟରେ ସୂଚନା ଦେଇଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ତାଙ୍କ ବିଭାଗୀୟ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମ୍ମିଳନୀରେ ଆଇନଜୀବୀ ପ୍ରଜ୍ଞାପରମିତା ଦାସ, ମିନତୀ ମଲ୍ଲିକ, ବିଜୟ ରାମ, ମନୋଜ ଗୁପ୍ତା, ସନ୍ତୋଷ ତ୍ରିପାଠୀ, ଏମଡି ଜୟନୁଲ ଅବେଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

## ଅବହେଳିତ ବାଙ୍କତୀରା ଉଚ୍ଚବିଦ୍ୟାଳୟ

# ଆବଶ୍ୟକ ୧୨; ଅଛନ୍ତି ୫ କର୍ମଚାରୀ

## ଅଧାଗଢ଼ାରେ ରହିଛି ଶ୍ରେଣୀଗୃହ

**ବନ୍ତ/ଆଗରପଡ଼ା, ୨୫।୭(ସମିସ)**




ସରକାର ଶିକ୍ଷାର ମାନବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିବା ସହିତ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଇଚ୍ଛା ଶକ୍ତିର ଅଭାବ ଏବଂ ଅବହେଳା ଯୋଗୁଁ ସରକାରଙ୍କ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ଏଭଳି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ବାଙ୍କତୀରା ହାଇସ୍କୁଲରେ। ଅର୍ଥ ଥାଇ ବି ଅଧାଗଢାରେ ଅଟକି ରହିଛି ଗୃହ ନିର୍ମାଣ; ଯାହାକି ପିଲାଙ୍କ ଭବିଷ୍ୟତ ଗଢାରେ ବାଧକ ସାଜିଛି। ଏହି ସ୍କୁଲରେ ଶ୍ରେଣୀ ଗୃହ କି ଶୌଚାଳୟ ନାହିଁ। ସ୍କୁଲ ପ୍ରତିଷ୍ଠା ହେବାର ୩୭ ବର୍ଷ ଅତିକ୍ରମ କରିଯାଇଥିଲେ ସୁଦ୍ଧା ଏହାର ମୌଳିକ ସମସ୍ୟାଗୁଡ଼ିକ ସମାଧାନ ହୋଇପାରିନାହିଁ। ଚଳିତ ଶିକ୍ଷା ବର୍ଷ ଏହି ସ୍କୁଲରେ ଅଷ୍ଟମ, ନବମ ଏବଂ ଦଶମରେ ୧୫୫ ଛାତ୍ରଛାତ୍ରୀ ପଢୁଛନ୍ତି। ସର୍ବଶିକ୍ଷା ଅଭିଯାନର ନିୟମ ଅନୁସାରେ ୮ମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେବାର ବ୍ୟବସ୍ଥା ଥିଲେ ସୁଦ୍ଧା ସ୍ଥାୟୀ ରୋଷେଇ ଗୃହ ନଥିବାରୁ ଚାଳିଆ ଘର ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ରୋଷେଇ ହେଉଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ୨୦୧୯ ମସିହାରେ ଏକ ରୋଷେଇ ଗୃହ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। ବିଦ୍ୟାଳୟ ୨ଟି ସୁରକ୍ଷିତ ଛାତ ଗୃହରେ ୮ମ ଓ ୯ମ ଶ୍ରେଣୀ ପାଠପଢ଼ା ଚାଲିଥିବା ବେଳେ ଏକ ଅସୁରକ୍ଷିତ ଆଜବେଷ୍ଟସ ଘରେ ଚାଲିଛି ୧୦ମ ଶ୍ରେଣୀର ପାଠପଢ଼ା। ଏଠାରେ ୪ଜଣ ଶିକ୍ଷକ ଏବଂ ଜଣେ ପିଅନ କାର୍ଯ୍ୟରତ। ଟିଜି(କଳା)ରେ୨ଜଣ, ହିନ୍ଦୀ ଓ ଖେଳ ଶିକ୍ଷକ ପଦବୀ ଏହିପରି ୪ଟି ଶିକ୍ଷକ ପଦ ଖାଲି ପଡ଼ିଛି। ୧୨ଜଣ କର୍ମଚାରୀଙ୍କ ଆବଶ୍ୟକ ଥିବାବେଳେ ୫ଜଣଙ୍କୁ ନେଇ ଚାଲିଛି ସ୍କୁଲ। ସେହିପରି ପରିସ୍ରାଗୃହ ନଥିବାରୁ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାୟୀ ପାଚେରୀ ନଥିବାରୁ ଗୋରୁ ଗାଈ ଏବଂ ଅସାମାଜିକ ବ୍ୟକ୍ତିଙ୍କର ଅବାଧ ପ୍ରବେଶ ହେଉଛି। ରକ୍ଷଣାବେକ୍ଷଣ ଅଭାବରୁ ଖେଳ ପଡ଼ିଆଟି ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ। ସେହିପରି ବିଜ୍ଞାନଗାରରେ କୌଣସି ଉପକରଣ ନ ଥିବାରୁ ପିଲାମାନେ ବିଜ୍ଞାନ ବିଷୟରେ ଅଧ୍ୟୟନ, କମ୍ପ୍ୟୁଟର ପାଠ୍ୟକ୍ରମ ଆଦିରେ ଅସୁବିଧା ସୃଷ୍ଟି ହେଉଛି। ଏହି ସବୁ ସମସ୍ୟାର ସୁଧାର ଆଣିବା ପାଇଁ ବିଭିନ୍ନ ଯୋଜନାରେ ଶ୍ରେଣୀ ଗୃହ ନିର୍ମାଣ, ପାଇଖାନା ଓ ପାନୀୟ ଜଳଯୋଗାଣ କାର୍ଯ୍ୟ, ଇ-ଲାଇବ୍ରେରୀ ଓ ବିଜ୍ଞାନାଗାର ନିର୍ମାଣ, ପରିସରର ସୌନ୍ଦର୍ଯ୍ୟ ଉନ୍ନତିକରଣ ଆଦି ପାଇଁ ପଞ୍ଚାୟତ ତରଫରୁ ଅର୍ଥ ମଞ୍ଜୁର ହୋଇଥିଲେ ବି ଅଧାଗଢାରେ ରହିଛି। ଏପରି ଅବ୍ୟବସ୍ଥା ଯଦି ଲାଗି ରହେ ତେବେ ଏହା ନିଶ୍ଚିତ ଭାବେ ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପକାଇବ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

### ସେମାନେ ଯାହା କୁହନ୍ତି...




ହାଇସ୍କୁଲ ପ୍ରତିଷ୍ଠା ହେବା ଦିନରୁ ୩୫ବର୍ଷ ଧରି ମୁଁ ଏଠାରେ ଶିକ୍ଷାଦାନ କରିବା ସହ ହାଇସ୍କୁଲର ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇ ଆସୁଥିଲି। ଆଖପାଖ ଗାଁର ଶତାଧିକ ଛାତ୍ରଛାତ୍ରୀ ଏଠାରେ ଶିକ୍ଷାଲାଭ କରି ହାଇସ୍କୁଲର ମାନବୃଦ୍ଧି କରିଆସୁଛନ୍ତି। କିନ୍ତୁ ଗତ ୨ ବର୍ଷ ହେବ ବିଦ୍ୟାଳୟର କିଛି ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଅବସର ନେଇଥିବାରୁ ପଦବୀ ଫାଙ୍କା ପଡ଼ିଛି। ଯାହା ଶିକ୍ଷାର ମାନବୃଦ୍ଧିରେ ପ୍ରଭାବ ପକାଉଛି।

**-ବାବାଜୀଚରଣ ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ବାଙ୍କତୀରା ହାଇସ୍କୁଲ**



କର୍ମଚାରୀ ଅଭାବ ଓ ଶୈକ୍ଷିକ ବାତାବରଣ ଶିକ୍ଷାର ମାନବୃଦ୍ଧିରେ ପ୍ରଭାବ ପକାଉଛି। ଗତ ବର୍ଷ ଉକ୍ତ ହାଇସ୍କୁଲର ଛାତ୍ର ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇ ବ୍ଲକରେ ହାଇସ୍କୁଲର ମାନ ବୃଦ୍ଧି କରିଛନ୍ତି। ତେଣୁ କର୍ମଚାରୀ ଅଭାବ ପୂରଣ ହୋଇପାରିଲେ ଶିକ୍ଷାର ମାନ ଆହୁରି ବୃଦ୍ଧି ହୋଇପାରନ୍ତା।

**-ବ୍ରହ୍ମାନନ୍ଦ ଭୂୟାଁ, ପ୍ରଧାନଶିକ୍ଷକ, ବାଙ୍କତୀରା ହାଇସ୍କୁଲ**



ହାଇସ୍କୁଲରେ କର୍ମଚାରୀ ଅଭାବ ଥିବା ସତ୍ତ୍ୱେ ପୂର୍ବ ଗୌରବ ବଜାୟ ରଖିବା ପାଇଁ ଶିକ୍ଷାଦାନ କ୍ଷେତ୍ରରେ ୪ଜଣ ଶିକ୍ଷକଙ୍କ ଚେଷ୍ଟା ଓ ଉତ୍ସାହ ମୋ ଅଧୀନରେ ଥିବା ଅନ୍ୟ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ଉଦାହରଣ ପାଲଟିଛି। ତେଣୁ ବିଭାଗ ପକ୍ଷରୁ ହାଇସ୍କୁଲର ଅଭାବ ପୂରଣ ନିତାନ୍ତ ଆବଶ୍ୟକ।

**-ପ୍ରଦୀପ ପଲାଇ, ସିଆର୍‌ସିସି, କାଦବରାଙ୍ଗ କ୍ଲଷ୍ଟର**

## ଲିଫ୍ଟ ପଏଣ୍ଟରୁ ତାର ଚୋରି



ବାରିକପୁର, ୨୫।୭(ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଲିଫ୍ଟ ପଏଣ୍ଟରୁ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ତାର ଚୋରି ହୋଇଥିବା ଜଣାପଡିଛି। ସଂପ୍ରତି ଖରିଫ୍ ଧାନ ଚାଷ ପାଇଁ ଉଠା ଜଳସେଚନ ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ବିଭାଗ ପକ୍ଷରୁ ପଏଣ୍ଟଗୁଡିକର କେଉଁଠି ନବୀକରଣ ତ ପୁଣି କେଉଁଠି ମରାମତି କାର୍ଯ୍ୟ ଚାଲିଛି। ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ଅବସ୍ଥାରେ ତାର ଚୋରି ହେବା ଯୋଗୁଁ ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ସୂଚନା ମୁତାବକ, ବ୍ଲକର ଶାନସାଶନ, ଲୁଣପଦୀ, କୋଟଶିରା, ଗନ୍ଧିଆପଦୀ, ପାତାଳ ସଂ ପ୍ରମୁଖ ସ୍ଥାନରେ ଥିବା ଉଠା ଜଳସେଚନ ପ୍ରକଳ୍ପଗଡିକରୁ ଦୁର୍ବୃତ୍ତ ତାର ଚୋରି କରିଛନ୍ତି। ପ୍ରକଳ୍ପଟି ୧୦-୧୨ଟି ପୋଲରୁ ଏହି ତାରଚୋରିହୋଇଛି। କିଛି ଦିନ ହେବ ଏଭଳି ଚୋରି ବନ୍ଦ ରହିଥିବା ବେଳେ ଏବେ ଏହା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ସ୍ଥାନୀୟ ଚୋର ଏବଂ କିଛି କବାଡିଆଙ୍କ ହାତ ଥାଇପାରେ ବୋଲି ଅନୁମାନ କରାଯାଉଛି। ସେ ଯାହାବି ହେଉ ଏହା ଉପରେ ପ୍ରଶାସନ ଗୁରୁତ୍ୱ ସହିତ ତୁରନ୍ତ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ଆଦର୍ଶ ଶିକ୍ଷକ ଚକ୍ରଧର ବେହେରାଙ୍କ ପରଲୋକ



ବାସୁଦେବପୁର, ୨୫।୭(ସମିସ): ବାସୁଦେବପୁର ଅଞ୍ଚଳର ଆଦର୍ଶ ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ଭୈରବପୁର ଗ୍ରାମର ଚକ୍ରଧର ବେହେରା (୭୩)ଙ୍କ ପରଲୋକ ହୋଇଯାଇଛି। ସେ ବାସୁଦେବପୁର ସରକାରୀ ବାଳିକା ହାଇସ୍କୁଲ, କେକେଜିପି ଚାନ୍ଦିମାଳ ହାଇସ୍କୁଲ ଓ କରଞ୍ଜଆଡିଆ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ହଠାତ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ କଟକ କଟକ ଯିବା ବାଟରେ ପ୍ରାଣବାୟୁ ଚାଲି ଯାଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଥିଲା। ସ୍ୱର୍ଗତ ବେହେରା ଜଣେ ଛାତ୍ରଛାତ୍ରୀ ବତ୍ସଳ ପ୍ରଧାନ ଶିକ୍ଷକ ଥିଲେ। ନିଜର ନିରାଡମ୍ବର ଓ ସରଳ ଜୀବନ ଯାପନ ପାଇଁ ସମସ୍ତଙ୍କର ଆପଣାର ହୋଇ ପାରୁଥିଲେ। ତାଙ୍କର ମରଶରୀରକୁ ଶେଷ ଦର୍ଶନ କରିବାକୁ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଭୈରବପୁର ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ବିଦେଶୀ ମଦ ଜବତ

ବାରିକପୁର, ୨୫।୭(ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଷୋଳମପୁର ପଞ୍ଚାୟତ ମଣିନାଥପୁରଠାରୁ ବିଦେଶୀ ମଦ ଜବତ ହୋଇଛି। ଚୋରା ବେପାରୀ ବାସଗୃହଠାରୁ ୭ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏହାସହିତ ବ୍ୟକ୍ତି ଜଣଙ୍କୁ ପୁଲିସ ଥାନାକୁ ଆଣି ଆଇନ୍ ଅନୁଯାୟୀ ଚେତାବନୀ ନୋଟିସ ଦେଇଥିବା ଜଣାପଡିଛି। ଏନେଇ ଥାନା ପକ୍ଷରୁ ଓଡ଼ିଶା ଅବକାରୀ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଏଠାରେ ସୂଚିତ, କେତେବେଳେ କେମିତି ଥାନା ପକ୍ଷରୁ କିଛି ସ୍ଥାନରେ ଚଢଉ କରାଯାଇ ମଦ ଜବତ ହେଉଥିବା ବେଳେ ଗ୍ରାମାଞ୍ଚଳରେ ଅବାଧ ବେଆଇନ ନିଶା କାରବାର ଉପରେ ରୋକ ଲାଗିପାରୁ ନାହିଁ।

## ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା




ତିହିଡ଼ି, ୨୫।୭(ସମିସ): ବ୍ଲକସ୍ତରୀୟ ଶିଶୁ ସୁରକ୍ଷାକୁ କ୍ରିୟାଶୀଳ କରିବା ସକାଶେ ତିହିଡ଼ି ବ୍ଲକ ସଭାଗୃହରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ମଙ୍ଗଳ କମିଟି ଏବଂ ବ୍ଲକ ଟାସ୍କଫୋର୍ସ କମିଟିର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ପଞ୍ଚାୟତରାଜ ପ୍ରତିନିଧି, ଶିଶୁ ବିକାଶ ବିଭାଗ, ସାମାଜିକ ଗୋଷ୍ଠୀ ଓ ବିଭାଗୀୟ ଅଧିକାରୀ ସମୂହ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ବାରିକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ଅତିରିକ୍ତ ବିଡିଓ ମାନସ ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଶିଶୁ ସୁରକ୍ଷା ୟୁନିଟର ତାଲିମ ସଂଯୋଜକ ସୁବ୍ରତ ଦାସ, ଆୟୋଜକ ସଂଗଠନର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ, ସଦସ୍ୟା ସଚିବ ରିନି ମହାନ୍ତି ସମେତ ୟୁନିସେଫର ପରାମର୍ଶଦାତା ମଧୁମିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳାରେ ସମସ୍ତ ଅଧିକାରୀମାନେ ନିଜ ନିଜ ଦାୟିତ୍ୱ ସମ୍ବନ୍ଧରେ ଅବଗତ ହେଲେ ତୃଣମୂଳ ସ୍ତରରେ ଶିଶୁ ସୁରକ୍ଷା ଦୃଢ଼ୀଭୂତ ହୋଇପାରିବ ବୋଲି ଆଲୋକପାତ କରାଯାଇଥିଲା। ଶିଶୁ ସୁରକ୍ଷା କର୍ମୀ ମହେଶଚନ୍ଦ୍ର ଦାଶ ଓ ଜ୍ୟୋତି ପ୍ରକାଶ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବେଆଇନ୍ ମାଛ ବିକ୍ରି ଉପରେ ଚଢ଼ଉ

### ସାଢ଼େ ୩ କ୍ୱିଣ୍ଟାଲ ଜବତ ମାଛକୁ ନିଲାମ କଲା ପ୍ରଶାସନ





ଭଦ୍ରକ, ୨୫।୭(ସମିସ)

ଭଦ୍ରକ ସହର ଓ ଉପକଣ୍ଠରେ ବହୁବାର ବାରଣ ସତ୍ତ୍ୱେ ବେଆଇନ୍‌ଭାବେ ବିକ୍ରି ଉପରେ ଆଜି ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ମାଜିଷ୍ଟ୍ରେଟ, ପୌରପାଳିକା ଓ ପୁଲିସ ଉପସ୍ଥିତରେ ଆଜି ଉକ୍ତ ବେଆଇନ୍ ମାଛ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ସୂଚନାନୁଯାୟୀ, ଆଜି ପୂର୍ବାହ୍ନରେ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ସୁକାନ୍ତ କୁମାର ଦାସ, ପୌର ନିର୍ବାହୀ ଅଧିକାରୀ ତାପସ ସାମଲ, ରାଜସ୍ୱ ପରିଦର୍ଶକ ଜ୍ୟୋତିରଂଜନ ପଣ୍ଡା, ଆରଏମସି ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା, ରଂଜିତ ଲେଙ୍କା, ସଦର ଆର୍‌ଆଇ ଶରତ ମହାନ୍ତିଙ୍କ ସହ ଟାଉନ ଥାନା ଆଇଆଇସି ପ୍ରଭାଂଶୁଶେଖର ମିଶ୍ର ଓ ପୁରୁଣାବଜାରେ, ଟାଉନ ଥାନାର ପୁଲିସ ଫୋର୍ସ ମିଳିତ ଭାବେ କଲେଜ ରୋଡ, ଆରଡିଛକ, ବାଗୁରାଇଛକ ଓ କଚେରି ବଜାରରେ ପ୍ରଶାସନର ବାରଣ ସତ୍ତ୍ୱେ ବେଆଇନ୍ ଭାବେ ମାଛ ବିକ୍ରି କରୁଥିବା ବ୍ୟବସାୟୀଙ୍କ ମାଛକୁ ଜବତ କରି ସେମାନଙ୍କ ଉଠା ଦୋକାନକୁ ଉଚ୍ଛେଦ କରିଥିଲେ। ଆଜି ଇଲିସି, ବେକିଟି, ରୋହି ଓ ଭାକୁଡ ଆଦି ବିଭିନ୍ନ ପ୍ରକାରର ମାଛ ଜବତ କରାଯାଇଥିଲା। ଯାହାର ପରିମାଣ ୩ କ୍ୱିଣ୍ଟାଲ ୪୯ କେଜି ବୋଲି ଜଣାଯାଇଛି। ଏହି ମାଛକୁ ଭଦ୍ରକ ଆର୍‌ଏମସି କ୍ୟାମ୍ପସରେ ଥିବା ମାଛ ମାର୍କେଟକୁ ନେଇ ଏହାର ନିଲାମ କରାଯାଇଥିଲା। ନିଲାମ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଜବତ ମାଛକୁ ୬୨ହଜାର ୩୦୫ଟଙ୍କାରେ ନିଲାମ କରାଯାଇ ଉକ୍ତ ଟଙ୍କାକୁ ଆରଏମସି କର୍ତ୍ତୃପକ୍ଷଙ୍କଠାରେ ପୈଠ କରାଯାଇଥିବା ଜଣାଯାଇଛି।

## ଚାଇଁପୁର ସେବା ସମବାୟ ସମିତି ଅଚଳାବସ୍ଥା ଦୂର




ବନ୍ତ/ଆଗରପଡ଼ା, ୨୫।୭(ସମିସ): ୩ମାସର ଅଚଳାବସ୍ଥାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଡିଆରସିଏସ,ଭଦ୍ରକ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୯୩୧/୨୪.୦୭.୨୫ରେ ଚଳିତ ବର୍ଷ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଚାଲୁଥିବାରୁ ଚାଷୀଙ୍କ ବିହିତ ସ୍ୱାର୍ଥକୁ ଆଖିଆଗରେ ରଖି ବସନ୍ତିଆ ସମବାୟ ସମିତି ସହ ସଂପାଦକଙ୍କୁ ଚାଇଁପୁର ସମବାୟ ସମିତି ସଂପାଦକ ଦାୟିତ୍ୱ ଅର୍ପଣ କରାଯାଇଛି। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଏଠାରେ ପ୍ରକାଶ ଥାଉକି, ୩ମାସ ଧରି ବନ୍ଦ ପଡ଼ିବା ପରେ ଗୁରୁବାର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ସମବାୟ ସମିତିର ତାଲା ଭଙ୍ଗା ଯାଇଥିଲା। ବନ୍ତ ବ୍ଲକ ଚାଇଁପୁର ସମବାୟ ସମିତିରେ ଗତ ୩ମାସ ଧରି ସମ୍ପାଦକ କାମିନୀକାନ୍ତ ପଣ୍ଡାଙ୍କ ମନମାନି ଯୋଗୁଁ ଅଚଳାବସ୍ଥା ଲାଗି ରହିଥିଲା। ତେବେ ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ଗୁରୁବାର ତାଲା ଭଙ୍ଗା ଯାଇଛି। ଗତ ୩ ମାସ ଧରି ସମିତି କାର୍ଯ୍ୟାଳୟରେ ତାଲା ଝୁଲୁଥିବାରୁ କୌଣସି କାର୍ଯ୍ୟ ହୋଇପାରୁ ନଥିଲା। ଫଳରେ ଚାଷୀମାନେ ନାହିଁ ନଥିବା ଅସୁବିଧା ଭୋଗୁଥିଲେ। ଏଥିନେଇ ସମିତି ସଭାପତି ଅଜୟ କୁମାର ନାୟକ ବାଲେଶ୍ୱରସ୍ଥିତ ବିବିସିସି ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରି ନଥିଲା। ପରେ ସମବାୟ ସମିତି ପରିଚାଳନା ପରିଷଦ ପକ୍ଷରୁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଏଆରସିଏସ, ଡିଆରସିଏସ, ରାଜ୍ୟ ସମବାୟ ସଚିବ, ସମବାୟ ମନ୍ତ୍ରୀଙ୍କୁ ଡାକ ଯୋଗେ ଅବଗତ କରିଥିଲେ। ଏହି ତାଲାକୁ ଅତିରିକ୍ତ ତହସିଲଦାର ଓ ବନ୍ତ ଥାନାଧିକାରିଣୀ ମୋନାଲିସା କରଙ୍କ ସହ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ଭଙ୍ଗାଯାଇ ସମିତିର ଲେଜର କ୍ଲର୍କ ସୁଶୀଲ ଦାସଙ୍କ ଜିମାରେ ଦିଆଯାଇଥିବା ଜଣାପଡିଛି।

## କନ୍ତିଆରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି କର୍ମଶାଳା



ବନ୍ତ/ଆଗରପଡ଼ା, ୨୫।୭(ସମିସ): ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ କନ୍ତିଆ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁସାରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ମହିଳା କର୍ମଚାରୀ ଓ ଛାତ୍ରୀଙ୍କୁ ନିର୍ଯାତନା ଆଇନ ସମ୍ବନ୍ଧୀୟ ସଚେତନତା ଓ ନିବାରଣ ସମ୍ପର୍କରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କର୍ଷଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ଏହି କର୍ମଶାଳାରେ ଉପସ୍ଥିତ ଥିଲେ। ୟୁଜିସି ପକ୍ଷରୁ ଜାରି ନିୟମକୁ କଡାକଡି ପାଳନ କରିବା ସହିତ କାର୍ଯ୍ୟାଧାରାକୁ ବାସ୍ତବ ରୂପାୟନ ନିମନ୍ତେ ଗୁରୁତ୍ୱାରୋପ କରାଯାଇଛି। କମିଟି ଅଧ୍ୟକ୍ଷ ଶଙ୍କର୍ଷଣ ଦାଶ, ସଦସ୍ୟ ଅଧ୍ୟାପକ ସୁବାସଚନ୍ଦ୍ର ନାୟକ, ଚନ୍ଦ୍ରକାନ୍ତ ବେହେରା, ଅଧ୍ୟାପିକା ଦେବଯାନୀ ପଣ୍ଡା, ଅଧ୍ୟାପକ ସୁଶାନ୍ତ କୁମାର ବେହେରାଙ୍କ ସମେତ ମହାବିଦ୍ୟାଳୟ କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ସ୍ଥାପନା ସହିତ ସଂଯୋଜିକା ଭାବରେ ଅଧ୍ୟାପିକା ଦେବଯାନୀ ପଣ୍ଡା ଦାୟିତ୍ୱ ଗ୍ରହଣ କରିଥିଲେ।

## ପଞ୍ଚାୟତ ରାସ୍ତାରେ ଆଣ୍ଠୁଏ ପାଣି



ବାରିକପୁର, ୨୫।୭(ସମିସ): ଲଗାଣ ବର୍ଷା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ କାର୍ଯ୍ୟାଳୟ ସଂଲଗ୍ନ ରାସ୍ତା ଉପରେ ପାଖାପାଖି ଆଣ୍ଠୁଏ ପାଣି ଜମି ଯାଇଛି। ଫଳରେ ଯାତାୟାତ ପାଇଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସ୍କୁଲ ପିଲା ଓ ନିକଟସ୍ଥ ହୋମିଓପାଥି ମେଡିକାଲକୁ ଆସୁଥିବା ରୋଗୀଙ୍କ ପାଇଁ ଏହି ୧୫ ଫୁଟ ରାସ୍ତା ବିପଦପୂର୍ଣ୍ଣ ପାଲଟିଛି। ସୂଚନା ମୁତାବକ, ପଞ୍ଚାୟତ କାର୍ଯ୍ୟାଳୟଠାରୁ ଭାୟା ଦାସସାହି ଓ ନୂଆପୋଖରୀକୁ ଏହି ରାସ୍ତାଟି ସଂଯୋଗ ହୋଇଛି। ପ୍ରଥମେ ରାସ୍ତାଟି ଗ୍ରାମପଞ୍ଚାୟତ ତଥା ବ୍ଲକ ଅଧୀନରେ ଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଗ୍ରାମ୍ୟ ଉନ୍ନୟନ ବିଭାଗ ହାତକୁ ଯାଇଥିଲା। ଇତିମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ ମଧ୍ୟ ସ୍କୁଲ ପଛ ପାର୍ଶ୍ୱ ତଥା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏହି ପନ୍ଦର ଫୁଟ ରାସ୍ତା ଅସମ୍ପୂର୍ଣ୍ଣ ରହିଛି। ରାସ୍ତା ନିର୍ମାଣ ବେଳେ କୌଣସି ଏକ ବିବାଦ ଦେଖା ଦେଇଥିଲା। ତେଣୁ ଠିକାସଂସ୍ଥା ଏହି ସ୍ଥାନରେ କୌଣସି କାର୍ଯ୍ୟ କରି ନଥିଲା। ରାସ୍ତା ନବୀକରଣ ବେଳେ ଦେଖା ଦେଇଥିବା ସମସ୍ୟା ସମାଧାନ ପାଇଁ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରି ନଥିବା ବେଳେ ଆଜି ଯାଏଁ ପଥଟି ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। କେତେକ ମେଟାଲ କେଇ ଫୁଟ ଏହା ଉପରେ ଉପରେ ପଡିଥିବା ବେଳେ ଅସରାଏ ବର୍ଷା ହେଲେ ପାଣିରେ ବୁଡି ଯାଉଛି ରାସ୍ତା ଲେଗଡିଆଠାରୁ ଆରମ୍ଭ କରି ନୂଆପୋଖରୀ ଓ ରହଣିଆ ଗ୍ରାମର ଅର୍ଦ୍ଧାଧିକ ଜନସାଧାରଣ ଉକ୍ତ ଜଳ ପୂର୍ଣ୍ଣ ରାସ୍ତାକୁ ଦୈନିକ ଅତିକ୍ରମ କରୁଛନ୍ତି। ରାସ୍ତାକୁ ଲାଗି ଗୋଟିଏ ଗାଡିଆ ରହିଥିବା ବେଳେ ସ୍କୁଲ ପିଲାଙ୍କ ଯାତାୟାତ ପାଇଁ ମଧ୍ୟ ବିପଦ ଦେଖା ଦେଇଛି। ରାସ୍ତା ଓ ଗାଡିଆ ପାଣି ସମତୁଲ ରହିଥିବା ବେଳେ କେଉଁଟା ପଥ ଓ କେଉଁଠି ଗର୍ତ୍ତ ତାହା ସହଜରେ ମଧ୍ୟ ଜଣା ପଡୁନାହିଁ। ତେଣୁ ବିଭାଗୀୟ ଯନ୍ତ୍ରୀ ଏହା ଉପରେ ଦୃଷ୍ଟି ଦେଇ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହିତ ଗମନାଗମନ ପଥଟିକୁ ବିପଦମୁକ୍ତ କରିବା ପାଇଁ ଦାବି ହୋଇଛି।

## ସମବାୟ ସମିତି ପରିଚାଳନା ପରିଷଦ ବୈଠକ



ବାରିକପୁର, ୨୫।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ରାଢୋଠାରେ ରହଣିଆ ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ସାଗର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବୈଠକରେ ପରିଚାଳନା କମିଟି ସଭ୍ୟ ଯୋଗ ଦେଇଥିଲେ। ସମିତି ଆୟବ୍ୟୟ, ଖରିଫ୍ ଋଣ ଲଗାଣ ଓ ଚାଷୀ ପଞ୍ଜିକରଣ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ନାୟକ, ବିଦ୍ୟାଧର ସେନାପତି, ଶିଶିର ନାୟକ, ରଞ୍ଜନ ବେହୁରିଆ, ପ୍ରଶାନ୍ତ ରାଉତ, ସତ୍ୟଜିତ ରାଉତ, ବିନ୍ଦୁଶ୍ରୀ କୁଅଁର, ସୁମତୀ ଲତା ରାଉତ, ବିଜୟାଲକ୍ଷ୍ମୀ ନାୟକ, ବିଳାସ ଧଳ, ସିଦ୍ଧନାଥ ଦାସ ପ୍ରମୁଖ ବିଭିନ୍ନ ଆଲୋଚନା କରିଥିଲେ। ସମବାୟ ସମିତି ସମ୍ପାଦକ ସନ୍ତୋଷ କୁମାର ଦାସ ପୂର୍ବ ବୈଠକଗୁଡ଼ିକରେ ହୋଇଥିବା ବିଭିନ୍ନ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ପାରିତ ହୋଇଥିବା ପ୍ରସ୍ତାବଗୁଡ଼ିକର କାର୍ଯ୍ୟକାରିତା ନେଇ ମତ ଦେଇଥିଲେ। କାର୍ଯ୍ୟକ୍ରମକୁ ସମବାୟ କର୍ମଚାରୀ ନୀଳମଣି ସାମଲ, ଓଙ୍କାର ବାରିକ, ବିଜୟ ନାୟକ, ହୁରେନ୍ଦ୍ର ଜେନା ପରିଚାଳନା କରିଥିଲେ।

## ସୁନାମୀ ପ୍ରଭାବିତ ଗ୍ରାମ ପରିଦର୍ଶନ



ବାସୁଦେବପୁର, ୨୫।୭(ସମିସ): ବାସୁଦେବପୁର ବ୍ଲକର ଉପକୂଳ ଅଞ୍ଚଳ ବାଲିମୁଣ୍ଡା ପଞ୍ଚାୟତର ସୁନାମୀ ପ୍ରଭାବିତ ଅଞ୍ଚଳ ଭାବେ ଚିହ୍ନଟ ହୋଇଥିବା ନନ୍ଦପାଟଣା ଓ ବାଲିମୁଣ୍ଡା ଗ୍ରାମ ବୁଲି ଦେଖିଥିଲେ। ଓଏସଡିଏମଏ ଜେନେରାଲ ମ୍ୟାନେଜର ଡ. ବେବିତା ମଞ୍ଜରୀ ନାୟକ, ଡିପିଓ ଅମ୍ଲାନ ଅମିତାଭ ସେନାପତି, ବାଲିମୁଣ୍ଡାର ସରପଞ୍ଚ ମିନତୀ ଦାସ, ଲାଇଫ୍ ଲାଇନର ପବିତ୍ର ମୋହନ ଦାସ, ପିଇଓ ସୂର୍ଯ୍ୟକାନ୍ତ ମଲ୍ଲିକ, ହୃଷୀକେଶ ଜାନା, ସମିତିସଭ୍ୟ ସୁକୁମାର ମାଇତି ଓ ତପନ ଦାସ ଯୋଗ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

### ● ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଅର୍ଥ ପ୍ରଦାନ ପ୍ରସଂଗ

# ଅଭିଯୋଗ ପରେ ତତ୍ପର ହେଲା ପ୍ରଶାସନ



ଭଦ୍ରକ, ୨୫।୭(ସମିସ)

ଦଳୀୟ ଆଧାରରେ ପ୍ରଦାନ କରାଯାଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ। ଏଭଳି କିଛି ସଙ୍ଗୀନ ଅଭିଯୋଗ ଆଣି ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ଖେରଙ୍ଗ ପଞ୍ଚାୟତର ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ। ଆଗାମୀ ଦୁଇ ଦିନ ମଧ୍ୟରେ ଯଦି ଯୋଗ୍ୟ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ କରା ନ ଯାଏ ତେବେ ହିତାଧିକାରୀଙ୍କ ସହ ବ୍ଲକ ସମ୍ମୁଖରେ ଧାରଣା ବସିବାକୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ, ଚାନ୍ଦବାଲି ବ୍ଲକ ଅଧ୍ୟକ୍ଷା ମିନତୀ ସୁତାର, ଉପାଧ୍ୟକ୍ଷ ସରୋଜ ବଳ, ଜିଲ୍ଲା ପରିଷଦ ପ୍ରିନ୍ସ ରାକେଶ ନାୟକ, ଖେରଙ୍ଗ ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ ଚାନ୍ଦବାଲି ବିଡିଓ ସଂଜୀବ ମହାପାତ୍ରଙ୍କୁ ଭେଟି ଏ ବିଷୟରେ ଅବଗତ କରାଇବା ସହ ଏକ ଲିଖିତ ଅଭିଯୋଗ କରିଥିଲେ। ଏ ବିଷୟରେ ଚାନ୍ଦବାଲି ବିଡ଼ିଓଙ୍କୁ ପଚାରିବାରୁ ୮୫ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦେବାର ପ୍ରକ୍ରିୟା ଆରମ୍ଭ ହୋଇଛି ଖୁବଶୀଘ୍ର ଅନ୍ୟ ହିତାଧିକାରୀଙ୍କ ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି କହିଛନ୍ତି।

ସୂଚନା ମୁତାବକ, ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଖେରଙ୍ଗ ପଞ୍ଚାୟତରେ ଆଜିକୁ ୮ମାସ ହେବ ବ୍ଲକ ପକ୍ଷରୁ ସର୍ଭେ କରାଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମୋଟ ୪୭୬ ଜଣ ହିତାଧିକାରୀଙ୍କ ମଧ୍ୟରୁ ମୋଟ ୨୨୩ ଜଣ ହିତାଧିକାରୀଙ୍କୁ ଯୋଗ୍ୟ ଭାବେ ଚୟନ କରାଯାଇଛି। ସେଥିମଧ୍ୟରୁ ମାତ୍ର ୬୪ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୧୫୯ ଜଣଙ୍କୁ ସ୍ଥାନୀୟ ବିଜେପି ନେତାଙ୍କ ଆକ୍ରୋଶର ଶିକାର ହେବା ଯୋଗୁଁ ଏପର୍ଯ୍ୟନ୍ତ ଅର୍ଥ ପ୍ରଦାନ କରାଯାଇ ନାହିଁ। ଫଳରେ କଚ୍ଚା ଘର ମାଟି କାନ୍ଥରେ ବହୁ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି ଲୋକେ। ଏ ସମ୍ବନ୍ଧରେ ଭଦ୍ରକ ଜିଲ୍ଲାପାଳ, ପିଡି, ଚାନ୍ଦବାଲି ବିଡ଼ିଓଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଗରିବ ହିତାଧିକାରୀଙ୍କୁ ଏପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯାଉନାହିଁ।

### ପ୍ରଧାନଶିକ୍ଷକଙ୍କ ମନମାନିରେ ଚାଲିଛି ବିଦ୍ୟାଳୟ

# ମଧ୍ୟାହ୍ନ ଭୋଜନ ପରିଚାଳନାରେ ବିଭ୍ରାଟ: ଗ୍ରାମବାସୀଙ୍କ ଅଭିଯୋଗ




ଅସୁରାଳି, ୨୫।୭(ସମିସ): କିଛି ବିଦ୍ୟାଳୟରେ ଶିକ୍ଷକମାନେ ସରକାରୀ ନିୟମକୁ ଫୁ କରୁଛନ୍ତି। ଅଫିସକାର୍ଯ୍ୟ ସମୟରେ ହାଟବଜାରରେ ବୁଲୁଥିବା ନେଇ ଜଣେ ପ୍ରଧାନଶିକ୍ଷକଙ୍କ ନାମରେ ଗ୍ରାମବାସୀ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଧାମନଗର ବ୍ଲକ ଅଧୀନ ବମକୁରା ପଞ୍ଚାୟତସ୍ଥିତ ଘାଟସାହି ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୋଧରେ ଏହି ଅଭିଯୋଗ କରାଯାଇଛି। ପ୍ରଧାନ ଶିକ୍ଷକ ଜଣକ କାଗଜ କଲମରେ ସଠିକ ସମୟରେ ବିଦ୍ୟାଳୟକୁ ଆସନ୍ତି ଓ ଯାଆନ୍ତି। ପ୍ରକୃତ ପକ୍ଷେ ସେ ନିଜ ମନମାନିଆରେ ବିଦ୍ୟାଳୟକୁ ଆସନ୍ତି ଓ ଛୁଟି ପୂର୍ବରୁ ବିଦ୍ୟାଳୟ ଛାଡନ୍ତି। ଶୁକ୍ରବାର ସେ ବିଦ୍ୟାଳୟକୁ ମଧ୍ୟାହ୍ନ ୧୨ଟା ପୂର୍ବରୁ ଛାଡିଥିଲେ। ଶିକ୍ଷକ ଉପସ୍ଥାନ ଖାତାରେ ପ୍ରଧାନଶିକ୍ଷକ ପ୍ରସ୍ଥାନ ସମୟ ନପକାଇ ସ୍ୱାକ୍ଷର କରିଛନ୍ତି। ଅଧାଛୁଟି ନେବାର ନିୟମ ଥିଲାବେଳେ ସହକାରୀ ଶିକ୍ଷକଙ୍କୁ ଛୁଟି ଦରଖାସ୍ତ ଦେଇ ନାହାନ୍ତି। ବିଦ୍ୟାଳୟରେ ମୋଟ ୭୮ ଜଣ ଛାତ୍ରଛାତ୍ରୀ ଥିଲାବେଳେ ଅପରାହ୍ନ ୨ଟାରେ ୫୨ ଜଣ ପିଲା ବିଦ୍ୟାଳୟରେ ଉପସ୍ଥିତ ଥିଲେ। ୭୩ ଜଣ ମଧ୍ୟାହ୍ନ ଭୋଜନ ଖାଇଥିବା ସହକାରୀ ଶିକ୍ଷକ କହିଥିଲେ। ସେହି ବିଦ୍ୟାଳୟରେ ୧ମ ରୁ ୫ମ ଶ୍ରେଣୀ ଥିଲାବେଳେ ପ୍ରଧାନ ଶିକ୍ଷକଙ୍କୁ ଲଗାଇ ୨ ଜଣ ଶିକ୍ଷକ ୨ଟି ଶ୍ରେଣୀ ଗୃହରେ ଶିକ୍ଷାଦାନ କରନ୍ତି। ପ୍ରଧାନ ଶିକ୍ଷକଙ୍କ ଅନୁପସ୍ଥିତିରେ ଜଣେ ଶିକ୍ଷକ ଗୋଟିଏ ଶ୍ରେଣିରେ ପଢାଉଥିବା ବେଳେ ଅନ୍ୟ ଶ୍ରେଣୀରେ ପିଲାମାନେ ହୋ ହାଲ୍ଲା କରୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଧର୍ମାନନ୍ଦ ବିଶ୍ୱାଳ କହିଛନ୍ତି, ଭଉଣୀ ଦେହ ଖରାପ ଥିବାରୁ ମେଡିକାଲ ଯାଇଥିଲେ। ସେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ତେବେ, ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡା କହିଛନ୍ତି, ସଂପୃକ୍ତ ପ୍ରଧାନ ଶିକ୍ଷକ ଛୁଟିନେବା ବିଷୟରେ କିଛି ଜଣାଇ ନଥିଲେ। ଅନ୍ୟ ଏକ ବିଦ୍ୟାଳୟକୁ ଯିବା ବାଟରେ ପ୍ରଧାନ ଶିକ୍ଷକ ଭେଟ ହେବାରୁ ମେଡିକାଲ ଯିବା କଥା କହିଥିଲେ। ଅନ୍ୟ ବିଷୟରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କହିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୬୩ ● ପାଉଣ୍ଡ ୧୧୬.୫୬
- ୟୁରୋ ୧୦୧.୦୮ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୨,୫୪୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୪୬୩.୦୦
- ନିଫ୍ଟି ୨୪,୮୩୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃହତ୍ ହ୍ରାସ

# ୧୫ ଦିନରେ ଖାଲିହେଲାଣି ୬୩ ହଜାର କୋଟି

ନୂଆଦିଲ୍ଲୀ,୨୫ା୭ (ଏଜେନ୍ସି)

ଭାରତର ବୈଦେଶିକ ରାଜକୋଷକୁ ନେଇ କ୍ରମାଗତ ଭାବେ ତୃତୀୟ ସପ୍ତାହ ପାଇଁ ଖରାପ ଖବର ମିଳିଛି। ଏହି ଦୁଇ ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃହତ୍ ହ୍ରାସ ଘଟିଛି। କ୍ରମାଗତ ଭାବେ ହ୍ରାସ ଯୋଗୁ ଉପରୋକ୍ତ ୨ ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରୁ ୭ ବିଲିୟନ ଡଲାରରୁ ଅଧିକ ଅର୍ଥାତ୍ ୬୩ ହଜାର କୋଟି ଟଙ୍କା ହ୍ରାସ ଘଟିଛି। ବିଶେଷଜ୍ଞଙ୍କ ଅନୁଯାୟୀ, ଡଲାର ତୁଳନାରେ ଘରୋଇ ମୁଦ୍ରା ଟଙ୍କା ମୂଲ୍ୟରେ କ୍ରମାଗତ ଭାବରେ ହ୍ରାସ ଧାରା ଜାରି ରହିଛି। ଏହାର ଫଳସ୍ୱରୂପ ଭାରତକୁ ଆମଦାନୀ ଉପରେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଏହା ଦେଶର ରାଜକୋଷ ଉପରେ ଏକ ବଡ଼ ପ୍ରଭାବ ପକାଉଥିବା ଦେଖିବାକୁ ମିଳୁଛି। ସଦ୍ୟତମ ରିପୋର୍ଟ ଅନୁଯାୟୀ, ଗତ ଦୁଇ ସପ୍ତାହ ମଧ୍ୟରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ୩-୩ ବିଲିୟନ ଡଲାରରୁ ଅଧିକ ହ୍ରାସ ଦେଖାଯାଇଛି। ଅନ୍ୟପକ୍ଷରେ



ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାରରେ ମଧ୍ୟ ଅନୁରୂପ ଭାବେ ଏକ ବଡ଼ ଧରଣର ହ୍ରାସ ଦେଖାଯାଇଛି। ରିପୋର୍ଟ ଅନୁଯାୟୀ, ପାକିସ୍ତାନର ମୁଦ୍ରା ଭଣ୍ଡାରରୁ ୬୯ ନିୟୁତ ଡଲାର ହ୍ରାସ ପାଇଛି।

ଏ ସମ୍ପର୍କରେ ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କହିଛି ଯେ ୧୮ ଜୁଲାଇରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ୧.୧୮୩ ବିଲିୟନ ଡଲାର ହ୍ରାସ ଘଟି ୬୯୫.୪୮୯ ବିଲିୟନ ଡଲାରରେ ପହଞ୍ଚିଛି। ପୂର୍ବ ସପ୍ତାହରେ, ବୈଦେଶିକ ମୁଦ୍ରା ଭଣ୍ଡାରରେ ୩.୦୬୪ ବିଲିୟନ ଡଲାର ହ୍ରାସ ପାଇ ୬୯୬.୬୭୨ ବିଲିୟନ ଡଲାର ରହିଥିଲା। ୨୦୨୪ ସେପ୍ଟେମ୍ବର ଶେଷରେ, ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୭୦୪.୮୮୫ ବିଲିୟନ ଡଲାରର ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଥିଲା। ଏଥିରେ ବିଶେଷ କଥା ହେଉଛି ଏହି କ୍ରମାଗତ ସପ୍ତାହଗୁଡ଼ିକରେ, ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୭.୨୯୩ ବିଲିୟନ ଡଲାର ଅର୍ଥାତ୍ ୬୩ ହଜାର କୋଟି ଟଙ୍କାରୁ ଅଧିକ ହ୍ରାସ ପାଇଛି।

**ଡଲାର ତୁଳନାରେ ଟଙ୍କା ମୂଲ୍ୟରେ କ୍ରମାଗତ ହ୍ରାସର ପ୍ରଭାବ**

ପ୍ରକୃତରେ, ଟଙ୍କା ମୂଲ୍ୟରେ ହ୍ରାସ ଯୋଗୁଁ ଏହି ହ୍ରାସ ମୁଦ୍ରା ଭଣ୍ଡାରରେ ଦେଖାଯାଉଛି।

ଶୁକ୍ରବାର ପ୍ରକାଶିତ ତଥ୍ୟ ଅନୁଯାୟୀ, ୧୮ ଜୁଲାଇରେ ଶେଷ ହୋଇଥିବା ସପ୍ତାହରେ, ବିଦେଶୀ ମୁଦ୍ରା ଭଣ୍ଡାରର ଏକ ପ୍ରମୁଖ ଅଂଶ ବିଦେଶୀ ମୁଦ୍ରା ସମ୍ପତ୍ତି ୧.୨୦୧ ବିଲିୟନ ଡଲାର ହ୍ରାସ ପାଇ ୫୮୭.୬୦୯ ବିଲିୟନ ଡଲାରରେ ପହଞ୍ଚିଛି। ଡଲାରରେ ପ୍ରକାଶିତ ବିଦେଶୀ ମୁଦ୍ରା ସମ୍ପତ୍ତିରେ ବିଦେଶୀ ମୁଦ୍ରା ଭଣ୍ଡାରରେ ରଖାଯାଇଥିବା ୟୁରୋ, ପାଉଣ୍ଡ ଏବଂ ୟେନ ଭଳି ଅଣ-ଆମେରିକୀୟ ୟୁନିଟ୍ଗୁଡ଼ିକର ମୂଲ୍ୟବୃଦ୍ଧି କିମ୍ବା ଅବମୂଲ୍ୟାୟନର ପ୍ରଭାବ ଅନ୍ତର୍ଭୁକ୍ତ। ତଥାପି, ଆରବିଆଇ କହିଛି ଯେ ସପ୍ତାହ ମଧ୍ୟରେ ସୁନା ଭଣ୍ଡାର ୧୫୦ ନିୟୁତ ଡଲାର ବୃଦ୍ଧି ପାଇ ୮୪.୪୯୯ ବିଲିୟନ ଡଲାରରେ ପହଞ୍ଚିଛି। ଆରବିଆଇ କହିଛି ଯେ ଏସଡିଆର୍ ୧୧୯ ନିୟୁତ ଡଲାର ହ୍ରାସ ପାଇ ୧୮.୬୮୩ ବିଲିୟନ ଡଲାରରେ ପହଞ୍ଚିଛି। ସର୍ବୋଚ୍ଚ ବ୍ୟାଙ୍କର ତଥ୍ୟ ଅନୁଯାୟୀ, ସମୀକ୍ଷାଧୀନ ସପ୍ତାହରେ ଆଇଏମଏଫରେ ଭାରତର ରିଜର୍ଭ ସ୍ଥିତି ୧୩ ନିୟୁତ ଡଲାର ହ୍ରାସ ପାଇ ୪.୬୯୮ ବିଲିୟନ ଡଲାରରେ ପହଞ୍ଚିଛି।

ଅନ୍ୟପକ୍ଷରେ, ବ୍ୟାଙ୍କ ଅଫ୍ ପାକିସ୍ତାନର ଏକ ରିପୋର୍ଟ ଅନୁଯାୟୀ, ବାହ୍ୟ ଋଣ ପରିଶୋଧ ଯୋଗୁଁ କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ଥିବା ପାକିସ୍ତାନର ବିଦେଶୀ ମୁଦ୍ରା ଭଣ୍ଡାର ୬୯ ଡଲାର ନିୟୁତ ହ୍ରାସ ପାଇଛି। ଜୁଲାଇ ୧୮ ରେ ଶେଷ ହୋଇଥିବା ସପ୍ତାହରେ ବ୍ୟାଙ୍କର ଭଣ୍ଡାର ୧୪.୪୬ ବିଲିୟନ ଡଲାର ଥିଲା, ଯାହା ପୂର୍ବ ସପ୍ତାହର ସ୍ତର ତୁଳନାରେ କମ୍।

● **ଆମେରିକୀୟ ଆଇଟି କମ୍ପାନୀଙ୍କୁ ଟ୍ରମ୍ପଙ୍କ ନିର୍ଦ୍ଦେଶ**

# ଭାରତୀୟଙ୍କୁ ଚାକିରି ଦିଅନି

ୱାଶିଂଟନ୍,୨୫ା୭ (ଏଜେନ୍ସି): ବିବାଦୀୟ ବୟାନ ପାଇଁ ଜଣାଶୁଣା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଆଉ ଏକ ତୁଗଲକି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥର ଟ୍ରମ୍ପ ଗୁଗୁଲ୍, ମାଇକ୍ରୋସଫ୍ଟ ଏବଂ ମେଟା (ଫେସବୁକ୍) ଭଳି ଦେଶର ବଡ଼ ବଡ଼ ଟେକ୍ କମ୍ପାନୀଗୁଡ଼ିକୁ ଏକ କଡ଼ା ବାର୍ତ୍ତା ଦେଇଛନ୍ତି। ଭାରତୀୟମାନଙ୍କୁ ଚାକିରି ନ ଦେବାକୁ ଟ୍ରମ୍ପ ରୋକ୍‌ଠୋକ୍ ଭାବେ ଏହି ଆଇଟି କମ୍ପାନୀଗୁଡିକୁ କହିଛନ୍ତି।

ବୁଧବାର ୱାଶିଂଟନଠାରେ ଏକ ଏଆଇ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି ଯେ ଆମେରିକୀୟ କମ୍ପାନୀଗୁଡ଼ିକ ଏବେ ଚୀନରେ କାରଖାନା ନିର୍ମାଣ କରିବା କିମ୍ବା ଭାରତୀୟ ଟେକ୍ କର୍ମଚାରୀଙ୍କୁ ଚାକିରି ଦେବା ପରିବର୍ତ୍ତେ ନିଜ ଦେଶରେ ଚାକିରି ସୃଷ୍ଟି କରିବା ଉପରେ ଧ୍ୟାନ ଦେବା ଉଚିତ୍। ଟ୍ରମ୍ପ ଟେକ୍ ଶିଳ୍ପର 'ବିଶ୍ୱବାଦୀ ମାନସିକତା'କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଏହି ମନୋଭାବ ଯୋଗୁଁ ଅନେକ ଆମେରିକୀୟ ଅବହେଳିତ ଅନୁଭବ କରୁଛନ୍ତି। ରାଷ୍ଟ୍ରପତି ଦାବି କରିଛନ୍ତି ଯେ କିଛି ଶୀର୍ଷ ଟେକ୍ କମ୍ପାନୀ ଆମେରିକୀୟ ସ୍ୱାଧୀନତା ବ୍ୟବହାର କରି ଲାଭ କରିଛନ୍ତି। କିନ୍ତୁ, ଦେଶ ବାହାରେ ବହୁ ପରିମାଣରେ ନିବେଶ କରିଛନ୍ତି। ଡୋନାଲ୍ଡ ଟ୍ରମ୍ପ ତିନୋଟି ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ମଧ୍ୟ ସ୍ୱାକ୍ଷର କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଆମେରିକାରେ ଏଆଇ ବିକାଶକୁ ପ୍ରୋତ୍ସାହିତ କରିବା। ଏହାସହିତ, ଏଆଇ ଉପକରଣଗୁଡ଼ିକୁ ରାଜନୈତିକ ଭାବରେ ନିରପେକ୍ଷ କରିବା।

■ **ଆମେରିକୀୟଙ୍କ ପାଇଁ ପ୍ରଥମେ ଚାକିରି ଦିଅ**
■ **ଚୀନ୍‌ରେ କାରଖାନା ସ୍ଥାପନ ବନ୍ଦ କର**

ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକୁ ବିଦେଶରେ, ବିଶେଷକରି ଭାରତରେ ଚାକିରି ନ ଦେବା ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହା ତାଙ୍କର 'ଆମେରିକା ପ୍ରଥମ' ନୀତିର ଏକ ବିସ୍ତାର। ଏହା ଭାରତର ଆଇଟି କ୍ଷେତ୍ର ଏବଂ ବୃତ୍ତିଗତମାନଙ୍କ ଉପରେ ସିଧାସଳଖ ପ୍ରଭାବ ପକାଇପାରେ। ଟ୍ରମ୍ପଙ୍କ ଏହି ଆଦେଶ ଭାରତୀୟ ଆଇଟି ଏବଂ ଆଉଟସୋର୍ସିଂ କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଆହ୍ୱାନ।

**ବ୍ୟାଙ୍କ ଠକେଇରେ ଇଡିର କଡ଼ା କାର୍ଯ୍ୟାନୁଷ୍ଠାନ**

# ୟୁକୋ ବ୍ୟାଙ୍କର ପୂର୍ବତନ ସିଏମ୍‌ଡିଙ୍କ ୧୦୬ କୋଟିର ସମ୍ପତ୍ତି ଜବତ

ନୂଆଦିଲ୍ଲୀ,୨୫ା୭ (ଏଜେନ୍ସି)

ବ୍ୟାଙ୍କ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ୟୁକୋ ବ୍ୟାଙ୍କର ପୂର୍ବତନ ସିଏମ୍‌ଡି ସୁବୋଧ

**ମାମଲାରେ ଇଡ଼ି ଦ୍ୱାରା ଏ ପର୍ଯ୍ୟନ୍ତ ୬୧୨.୭୧ କୋଟି ଜବତ**

କୁମାର ଗୋୟଲ ଏବଂ ତାଙ୍କ ସହଯୋଗୀଙ୍କ ପ୍ରାୟ ୧୦୬.୩୬ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହି ସମ୍ପତ୍ତି ସ୍ଥାବର ଏବଂ ଅସ୍ଥାବର ଉଭୟ ରହିଛି। ଏକ ପ୍ରମୁଖ ବ୍ୟାଙ୍କ ଠକେଇ ମାମଲାରେ ମନି ଲଣ୍ଡରିଂ ତଦନ୍ତର ଅଂଶ ଭାବରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ମାମଲାରେ ଗୋୟଲ ଏବଂ ତାଙ୍କ ନିକଟତମ ଲୋକଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ରହିଛି।

ଇଡ଼ି ଜୁଲାଇ ୧୧ରେ କୋଲକାତାର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ଗୋୟଲ, ତାଙ୍କ ପରିବାର, ନିକଟତମ ସହଯୋଗୀ ଏବଂ ସମ୍ବନ୍ଧିତ କମ୍ପାନୀଗୁଡ଼ିକ ବିରୁଦ୍ଧରେ ଏକ ଅତିରିକ୍ତ ଅଭିଯୋଗ ମଧ୍ୟ ଦାଖଲ କରିଥିଲା। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଏକ ଏଫ୍‌ଆଇଆର୍ ସହିତ ତଦନ୍ତ ଆରମ୍ଭ ହୋଇଥିଲା, ଯେଉଁଥିରେ କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ସିଏସ୍‌ପିଏଲ୍) ଏବଂ ଏହାର ପ୍ରମୋଟରମାନେ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ୬୨୧୦.୭୨ କୋଟି ଟଙ୍କା (ସୁଧ ବ୍ୟତୀତ) ଠକେଇ କରିଥିବା ଅଭିଯୋଗ ହୋଇଛି। କମ୍ପାନୀ





ଉପରେ ପାଣ୍ଠିର ଅପବ୍ୟବହାର, ଷ୍ଟକ୍ ଷ୍ଟେଟମେଣ୍ଟରେ ହେରଫେର ଏବଂ ବାଲାନ୍ସ ସିଟ୍ ଜାଲିଆତି କରିବାର ଅଭିଯୋଗ ରହିଛି। ଏହି ମାମଲାରେ ସୁବୋଧ କୁମାର ଗୋଏଲଙ୍କୁ ମେ' ୧୬ରେ ଗିରଫ କରାଯାଇଥିଲା। ତାଙ୍କ ଉପରେ ସିଏସ୍‌ପିଏଲ୍ କୁ ୧୪୬୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଋଣ ମଞ୍ଜୁର କରିବାର ଅଭିଯୋଗ ରହିଛି, ଯାହା ପରେ ଏନ୍‌ପିଏ ହୋଇଯାଇଛି।

ଗୋଏଲ ନଗଦ ଟଙ୍କା, ସମ୍ପତ୍ତି ଏବଂ ଅନ୍ୟାନ୍ୟ ଲାଭ ଆକାରରେ ବେଆଇନ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି। ଇଡି ଅନୁଯାୟୀ, ଗୋଏଲଙ୍କ ନିକଟତମ ସହଯୋଗୀ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅନନ୍ତ କୁମାର ଅଗ୍ରୱାଲଙ୍କୁ ଜୁନ ୨୫ ରେ ଗିରଫ କରାଯାଇଥିଲା। ଅଗ୍ରୱାଲଙ୍କ ବିରୁଦ୍ଧରେ ସେଲ୍ କମ୍ପାନୀ ମାଧ୍ୟମରେ ବେଆଇନ ପାଣ୍ଠି ପରିଚାଳନା ଏବଂ ମନି ଲଣ୍ଡରିଂରେ ସାହାଯ୍ୟ କରିବାର ଅଭିଯୋଗ ରହିଛି। ଇଡ଼ି ଏ ପର୍ଯ୍ୟନ୍ତ ଏହି ମାମଲାରେ ମୋଟ ୬୧୨.୭୧ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି।

# ଲାଲଚନ୍ଦ୍ ଲକି ଡ୍ର : ତିନି ଗ୍ରାହକ ଲକ୍ଷପତି

ଭୁବନେଶ୍ୱର,୨୫ା୭ (ସମିସ)

ପୂର୍ବଭାରତର ବୃହତ୍ତମ ଅଳଙ୍କାର ପ୍ରତିଷ୍ଠାନ ଲାଲଚନ୍ଦ୍ ଜୁଏଲର୍ସର ଲୋକପ୍ରିୟ 'କୌନ୍ ବନେଗା ଲକ୍ଷପତି'ର ଏକ ଲକି ଡ୍ର ଉତ୍ସବ ଭୁବନେଶ୍ୱରର ହୋଟେଲ୍ ନିଉ ମାରିଅନ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ଅଢେଇ ହଜାର ଗ୍ରାହକ ଉତ୍ସାହର ସହ ଭାଗ ନେଇଥିଲେ।ଏହି ସିଜନ୍‌ର ପଞ୍ଚମ, ଷଷ୍ଠ ଓ ସପ୍ତମ ଲକ୍ଷପତି ବିଜେତା ଭାବେ ତିନି ଜଣ ଗ୍ରାହକଙ୍କ ନାମ ଘୋଷଣା କରାଯାଇଛି। ଏପ୍ରିଲ ମାସ ପାଇଁ ଦିବ୍ୟେନ୍ଦୁ ପ୍ରକାଶ ଶତପଥୀ ଲାଲଚନ୍ଦର ସିଡିଏ, କଟକ ଶୋ'ରୁମ୍‌ରୁ, ମେ ମାସ ପାଇଁ ଅନୀଲ କୁମାର ସାହୁ, କ୍ୟାଣ୍ଟନମେଣ୍ଟ,କଟକ ଶୋ'ରୁମ୍‌ରୁ ଏବଂ ଜୁନ୍ ପାଇଁ ଅଭିଷେକ ଶତପଥୀ, ରଘୁନାଥପୁର, ଭୁବନେଶ୍ୱର ଶୋ'ରୁମ୍‌ରୁ ଲକ୍ଷପତି ବିଜେତା ଘୋଷିତ ହୋଇଛନ୍ତି। ପ୍ରତ୍ୟେକ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ବ୍ରହ୍ମପୁର ଶୋ'ରୁମ୍‌ରୁ ୧୦ ଜଣ ଓ ଦିଲ୍ଲୀ ଶୋ'ରୁମ୍‌ରୁ ୧୦ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଲାଲଚନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଂଜୟ ହଂସଙ୍କ ସହ ଓଲିଉଡ୍ ଅଭିନେତ୍ରୀ ଭୂମିକା, ସୂର୍ଯ୍ୟମୟୀ,ଅଭିନେତା କୁନା ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ। ହଜାର ହଜାର ଗ୍ରାହକଙ୍କ ସାମ୍ନାରେ ଦର୍ଶକଙ୍କ ମଧ୍ୟରୁ ଛୋଟ ପିଲାମାନଙ୍କୁ ମଞ୍ଚକୁ ଡକାଯାଇ ଲଟେରି ଉଠାଣ କରାଯାଇଥିଲା। ଉପସ୍ଥାପିକା ସୁଲଗ୍ନା ଓ ପୁପିନ୍ଦର ଏହି ଶୋ'କୁ ଅତି ଆକର୍ଷଣୀୟ ଢଙ୍ଗରେ ପରିଚାଳନା କରିଥିଲେ। ଗାୟିକା ଲୋପାମୁଦ୍ରା ଦାସ, ଗାୟକ କୁଲଦୀପ ପଟ୍ଟନାୟକଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଲକି ଡ୍ରରେ ଭାଗନେଇଥିବା ପ୍ରତ୍ୟେକ ଗ୍ରାହକଙ୍କୁ ଏକ ମାଗଣା ଉପହାର ପ୍ରଦାନ କରାଯାଇଥିଲା। ଲାଲ୍‌ଚନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଂଜୟ ହଂସ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, ଆମ ଗ୍ରାହକମାନେ ଆମ ପାଇଁ ସବୁକିଛି। ଏହି ଅଭିଯାନ କେବଳ ବର୍ଷ ବର୍ଷ ଧରି ଆମ ପ୍ରତି ସେମାନଙ୍କ ଭରସା ପାଇଁ କୃତଜ୍ଞତା ପ୍ରକାଶ କରିବାର ଏକ ମାଧ୍ୟମ। କୌନ୍ ବନେଗା ଲକ୍ଷପତି ବା କେବିଏଲ୍ ୨୦୧୧ରେ ଆରମ୍ଭ ହୋଇଥିଲା। ଚଳିତ ଲକି ଡ୍ରର ୩ ଜଣ ବିଜେତାଙ୍କୁ ମିଶାଇ ଏ ପର୍ଯ୍ୟନ୍ତ ୧୯୫ ଜଣ ଗ୍ରାହକ ଲକ୍ଷପତି ହୋଇସାରିଲେଣି। ନଗଦ ପୁରସ୍କାର ବ୍ୟତୀତ ଏଯାବତ ଗ୍ରାହକମାନେ ୨୪ଟି କାର୍ ଜିତିସାରିଲେଣି, ଯାହା ମଧ୍ୟରେ ରହିଛି ଏକ ମର୍ସିଡିଜ୍ ବେଞ୍ଜ କାର୍। ସେହିପରି ଦୁଇଜଣ ଦମ୍ପତ୍ତିଙ୍କୁ ସୁଇଜରଲାଣ୍ଡ ଟୁର ପ୍ୟାକେଜ୍ ଉପହାର ଦିଆଯାଇଥିବାବେଳେ ୪ ଜଣ ଗ୍ରାହକ ଭୁବନେଶ୍ୱରରେ ଫ୍ଲାଟ୍ ଜିତିଛନ୍ତି। କାରଣ, ଲାଲ୍‌ଚାନ୍ଦ୍ ଜୁଏଲର୍ସ ଗ୍ରାହକ କଲ୍ୟାଣକୁ ପ୍ରାଥମିକତା ଦେଇଥାଏ। ଉଲ୍ଲେଖଯୋଗ୍ୟ ଯେ, ଲାଲଚନ୍ଦ ଗ୍ରାହକମାନେ ପ୍ରତି ୨୫ ହଜାର ଟଙ୍କାର ଖରିଦ ଉପରେ ଲକ୍ଷପତି କୁପନ ଓ ୧ ଲକ୍ଷ ଟଙ୍କାର ଖରିଦ ଉପରେ ଏକ କାର୍ କୁପନ ପାଇଥାନ୍ତି। ଲାଲ୍‌ଚାନ୍ଦ୍‌ର ମେଗା ବମ୍ପର ପୁରସ୍କାର ଭାବେ ରହିଛି ଏକ ଏମ୍‌ଜି ୱିଣ୍ଡସର କାର୍। ଏବେ ଲାଲ୍‌ଚନ୍ଦ୍‌ରେ ମନ୍‌ସୁନ୍ ଅଫର ଚାଲୁ ରହିଛି। ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ମେସିନ୍ ଚେନ୍ ଉପରେ ମାତ୍ର ୭୯୯ ଟଙ୍କା ଗଢ଼ାମୂଲ୍ୟ ରହିଥିବା ବେଳେ ନିର୍ଦ୍ଦିଷ୍ଟ ହାତଘଣ୍ଟା ଉପରେ ଅଛି ୫୦% ରିଆତି। ଗୁରୁବାର ଲାଲ୍‌ଚନ୍ଦ୍ ଷ୍ଟୋର୍‌ରୁ ଖରିଦ କରି ଗ୍ରାହକମାନେ ଏକ ପୁରୀ ଟ୍ରିପ୍ ଜିତିପାରିବେ। ଏଥିରେ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ସହିତ ପୁରୀ ସ୍ଥିତ ତାଜ୍ ହୋଟେଲ୍‌ରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ରହିଛି। ଏବେ ଲାଲ୍‌ଚନ୍ଦ୍‌ର ସୋନେ ପେ ସୁହାଗା ଯୋଜନା ଗ୍ରାହକମାନଙ୍କୁ ଆହୁରି ଲାଭବାନ କରିବ। ଏହି ଯୋଜନା ମାଧ୍ୟମରେ ଗ୍ରାହକମାନେ ବିନା ମେକିଂ ଚାର୍ଜରେ ଅଳଙ୍କାର କିଣିପାରିବେ।






# ବିଶ୍ୱର ୨୦% ଚିପ୍ ଡିଜାଇନ୍ ଇଞ୍ଜିନିୟର ଭାରତରେ

ନୂଆଦିଲ୍ଲୀ, ୨୫ା୭ (ଏଜେନ୍ସି): ଭାରତରେ ବିଶ୍ୱର ପ୍ରାୟ ୨୦% ଚିପ୍ ଡିଜାଇନ୍ ଇଞ୍ଜିନିୟର ଅଛନ୍ତି। ଏହି ଦୃଢ଼ ପ୍ରତିଭା ଆଧାରକୁ ନେଇ ସରକାର ଭାରତରେ ଏକ ସ୍ୱୟଂସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ବିକାଶ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି କରିଛନ୍ତି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ ଆଜି ଲୋକସଭାରେ ଏହି ସୂଚନା ଦେଇଛନ୍ତି। ଶ୍ରୀ ପ୍ରସାଦ କହିଛନ୍ତି ଯେ, ପ୍ରମୁଖ ସେମିକଣ୍ଡକ୍ଟର କମ୍ପାନୀଗୁଡ଼ିକ ଭାରତରେ ଚିପ୍ ଡିଜାଇନ୍ ଏବଂ ଗବେଷଣା କେନ୍ଦ୍ର ସ୍ଥାପନ କରିଛନ୍ତି। ଭାରତରେ ଡିଜାଇନ୍ ହୋଇଥିବା ଏକ ଥ୍ରୀ ଏନଏମ ସେମିକଣ୍ଡକ୍ଟର ଚିପ୍ ନିକଟରେ ଉନ୍ମୋଚିତ ହୋଇଥିଲା। ଏହା ଭାରତୀୟ ଇଞ୍ଜିନିୟରମାନଙ୍କର ବୈଷୟିକ କ୍ଷମତା ଏବଂ ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପରେ ଭାରତୀୟ ଡିଜାଇନ୍ କେନ୍ଦ୍ରଗୁଡ଼ିକର ଗୁରୁତ୍ୱକୁ ପ୍ରଦର୍ଶନ କରେ। ସେ ଆହୁରି କହିଛନ୍ତି, ସେମିକଣ୍ଡକ୍ଟର ଚିପ୍ ଡିଜାଇନରେ ପ୍ରତିଭା ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ, ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଭିଏଲଏସଆଇ ଡିଜାଇନ୍ ଏବଂ ପ୍ରଯୁକ୍ତିବିଦ୍ୟା, ସମନ୍ୱିତ ସର୍କିଟ୍ (ଆଇସି) ଉତ୍ପାଦନ ପାଇଁ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଦ୍ୱାରା ନୂତନ ପାଠ୍ୟକ୍ରମ ପ୍ରଚଳନ କରାଯାଇଛି। ସେମିକଣ୍ଡକ୍ଟର ଡିଜାଇନ୍ କ୍ଷେତ୍ରରେ ୮୫ ହଜାର କୁଶଳୀ ମାନବ ସମ୍ବଳ ବିକଶିତ କରିବା ଏବଂ ସେମିକଣ୍ଡକ୍ଟର ଚିପ୍ସ ଡିଜାଇନ୍ କରିବା ପାଇଁ ଇଡିଏ ଉପକରଣ ପ୍ରଦାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନସୁଦ୍ଧା ୧୦୦ଟି ପ୍ରତିଷ୍ଠାନରୁ ୪୫ ହଜାରରୁ ଅଧିକ ଛାତ୍ର ପଞ୍ଜୀକୃତ ହୋଇଛନ୍ତି।

## ଏ. ଡି. ରତ୍ନ ତେଜା ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ମହାପ୍ରବନ୍ଧକ

ଭୁବନେଶ୍ୱର,୨୫ା୭ (ସମିସ)

ଭାରତୀୟ ଷ୍ଟେଟ ବ୍ୟାଙ୍କ ରତ୍ନ ତେଜା ଦିନକର ଅକେଲ୍ଲାଙ୍କୁ ଏହାର ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଭାବେ ନିଯୁକ୍ତ କରିଛନ୍ତି। ଶ୍ରୀ ତେଜା ୧୯୯୪ ମସିହା ରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ରେ ପ୍ରୋବେସନାରୀ ଅଫିସର ଭାବରେ ଯୋଗ ଦେଇଥିଲେ। ତାଙ୍କର ୩୧ ବର୍ଷ ବ୍ୟାଙ୍କିଂ କ୍ୟାରିଏର ମଧ୍ୟରେ ସେ ରିଟେଲ ଅପେରସନ, କର୍ପୋରେଟ କ୍ରେଡିଟ, ଫୋରେକ୍ସ, ଏମଏସଏମଇ ଆଦି କ୍ଷେତ୍ରରେ ଦେଶ ବିଦେଶ ରେ ଅଭିଜ୍ଞତା ଅର୍ଜନ କରିଛନ୍ତି। ଏହା ପୂର୍ବରୁ ସେ ମୁମ୍ବାଇ ସ୍ଥିତ କର୍ପୋରେଟ ସେଣ୍ଟରରେ ମୁଖ୍ୟ ମହାପ୍ରବନ୍ଧକ (ରିସ୍କ ମ୍ୟାନେଜମେଣ୍ଟ ବିଭାଗ) ପଦବୀରେ କାର୍ଯ୍ୟରତ ଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କର ଓଡିଶାରେ ଥିବା ସମସ୍ତ ୯୧୭ଟି ଶାଖା ତାଙ୍କର ତତ୍ତ୍ୱାବଧାନ ଏବଂ ମାର୍ଗଦର୍ଶନରେ କାର୍ଯ୍ୟ କରିବେ।



# କଳା ଶୁକ୍ରବାର ; ୭୨୧ ପଏଣ୍ଟ ଖସିଲା ସେନ୍‌ସେକ୍ସ

ମୁମ୍ବାଇ,୨୫ା୭ (ଏଜେନ୍ସି)

ଭାରତୀୟ ସେୟାର ବଜାରରେ କ୍ରମାଗତ ଭାବେ ୪ର୍ଥ ଦିନ ପାଇଁ ହ୍ରାସ ଧାରା ଜାରି ରହିଛି। କମ୍ପାନୀଗୁଡିକର ତ୍ରୈମାସିକ ଆର୍ଥିକ ଫଳାଫଳ ନୈରାଶ୍ୟଜନକ ରହିବା ଏବଂ ବିଦେଶୀ ନିବେଶକମାନେ ବଡ଼ ଧରଣର ପୁଞ୍ଜି ପ୍ରତ୍ୟାହାର କରିନେବାର ପ୍ରଭାବ ଘରୋଇ ବଜାର କାରବାର ଉପରେ ଦେଖିବାକୁ ମିଳିଛି। ଫଳସ୍ୱରୂପ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୭୨୧ ପଏଣ୍ଟ ହ୍ରାସ ଘଟିଛି। ଏଥିଯୋଗୁ ନିବେଶକମାନଙ୍କୁ ୬.୫ ଲକ୍ଷ କୋଟି ଟଙ୍କାର କ୍ଷତିର ସମ୍ମୁଖୀନ ହେବାକୁ ପଡିଛି। ତେଣୁ ନିବେଶକଙ୍କ ଲାଗି ଏହା କଳା ସୋମବାର ସାବ୍ୟସ୍ତ ହୋଇଛି।

ସେନ୍‌ସେକ୍ସ ହୋଇଥିବା ଏହି ହ୍ରାସକୁ ବିଗତ ଏକ ମାସ ମଧ୍ୟରେ ସର୍ବାଧିକ ବୋଲି ମଧ୍ୟ କୁହାଯାଉଛି। ଶୁକ୍ରବାର ବିଏସ୍‌ଇ ସେନ୍‌ସେକ୍ସରେ ୭୨୧.୦୮ ପଏଣ୍ଟ ବା ୦.୮୮ ପ୍ରତିଶତ ହ୍ରାସ ଘଟି ୮୧,୪୬୩.୦୯ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପକ୍ଷେ ନିଫ୍‌ଟି ୨୨୫.୧୦ ପଏଣ୍ଟ ବା ୦.୯୦ ପ୍ରତିଶତ ତଳକୁ ଖସି ୨୪,୮୩୭ ପଏଣ୍ଟ ସ୍ତରରେ ପହଞ୍ଚିଛି। ଦୁଇ ଦିନ ଭିତରେ ସେନ୍‌ସେକ୍ସ ୧୨୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଛି। କମ୍ପାନୀଗୁଡିକର ଦୁର୍ବଳ ତ୍ରୈମାସିକ ଆର୍ଥିକ ଫଳାଫଳ, ବିଦେଶୀ ନିବେଶକଙ୍କ ଦ୍ୱାରା ବିକ୍ରି ଓ ବିଶ୍ୱ ବଜାରରେ ଦୁର୍ବଳ ସଂକେତ ଘରୋଇ ନିବେଶକଙ୍କ ମନୋଭାବକୁ ଦୁର୍ବଳ କରିଛି। ଏହି କାରଣରୁ ଭାରତୀୟ ବଜାରରେ ଆଜି ବିକ୍ରି ଦେଖିବାକୁ ମିଳିଛି।

● **ନିବେଶକଙ୍କ ୬.୫ ଲକ୍ଷ କୋଟି ସ୍ୱାହା**
● **କମ୍ପାନୀର ଦୁର୍ବଳ ତ୍ରୈମାସିକ ଆର୍ଥିକ ଫଳାଫଳ, ବିଦେଶୀ ନିବେଶକଙ୍କ ବିକ୍ରିର ପ୍ରଭାବ**



ଆଜିର କାରବାରରେ ବିଏସ୍‌ଇ ସ୍ମଲକ୍ୟାପ୍ ଇଣ୍ଡେକ୍ସ ୧.୮୮ ପ୍ରତିଶତ ଓ ମିଡ୍‌କ୍ୟାପ୍ ଇଣ୍ଡେକ୍ସ ୧.୪୬ ପ୍ରତିଶତ ତଳକୁ ଖସି ବନ୍ଦ ହୋଇଛି। ସମସ୍ତ କ୍ଷେତ୍ରଭିତ୍ତିକ ଇଣ୍ଡେକ୍ସ ଆଜି ଲାଲ୍ ସଂକେତ ସହ ବନ୍ଦ ହୋଇଛି। ସବୁଠୁ ଅଧିକ ବିକ୍ରି ଆଇଟି, ପାୱାର, ଆୟଲ୍ ଆଣ୍ଡ ଗ୍ୟାସ୍, ଫାଇନାନ୍ସିଆଲ୍ ଓ ୟୁଟିଲିଟି ସେୟାରରେ ଦେଖିବାକୁ ମିଳିଛି। ଅପରପକ୍ଷେ ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ଆଜି ଜୁଲାଇ ୨୫ରେ ହ୍ରାସ ପାଇ ୪୫୧.୫୯ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ଏହା ୪୫୮.୧୦ ଲକ୍ଷ କୋଟି ଟଙ୍କା ରହିଥିଲା। ସେହିଭଳି ଭାବେ ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡିକର ବଜାର ପୁଞ୍ଜି ଆଜି ପ୍ରାୟ ୬.୫୧ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ଆଜି ନିବେଶକଙ୍କୁ ପ୍ରାୟ ୬.୫୧ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି।

ସେୟାର ବଜାରରେ ଆଜିର ହ୍ରାସ ଏତେ ବଡ଼ ଥିଲା, ବିଏସ୍‌ଇ ସେନ୍‌ସେକ୍ସର ୩୦ ମଧ୍ୟରୁ ୨୯ ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି। ବଜାଜ ଫାଇନାନ୍ସର ସେୟାର ୪.୭୩ ପ୍ରତିଶତ ହ୍ରାସ ସହ ସବୁଠାରୁ ଅଧିକ କ୍ଷତିର ସମ୍ମୁଖୀନ ହୋଇଛି। ଆଜିର କାରବାରରେ କେବଳ ସନ୍ ଫାର୍ମା ଷ୍ଟକ୍ ହିଁ ସବୁଜ ସଂକେତରେ ବନ୍ଦ ହୋଇଛି।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ପାରିବାରିକ ମତଭେଦ ଦୂର ହେବ।

**ବୃଷ:** ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି।

**ସିଂହ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଘର ପାଇଁ ନୂଆ ଜିନିଷ କିଣିବେ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦିନଟିରେ ଖୁସି ରହିବେ। ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ଗୀତ, ନାଚରେ ସମୟ ଅତିବାହିତ କରିବେ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୮୭୬-କଲିକତାରେ ଇଣ୍ଡିଆନ୍ ଆସୋସିଏସନ୍‌ର ପ୍ରତିଷ୍ଠା।
- ୧୯୪୫- ବ୍ରିଟେନର ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ ନିଜ ପଦରୁ ଇସ୍ତଫା ଦେଲେ।
- ୧୯୯୭- ଶ୍ରୀଲଙ୍କା ଏସିଆ କପ୍ କ୍ରିକେଟ୍ ଜିତିଲା।
- ୨୦୦୮ - ଅହମ୍ମଦାବାଦରେ ହୋଇଥିବା ବୋମା ବିସ୍ଫୋରଣରେ ୫୬ ଜଣଙ୍କର ମୃତ୍ୟୁ ଓ ୨୦୦ରୁ ଅଧିକ ଲୋକ ଆହତ।
- ୨୦୧୨- ସିରିଆରେ ହିଂସା ଯୋଗୁଁ ଦିନକରେ ୨୦୦ ଲୋକଙ୍କ ପ୍ରାଣହାନି।



## କାରଗିଲ ବିଜୟ ଦିବସ

ଜୁଲାଇ ୨୬ ତାରିଖ, କାରଗିଲ ବିଜୟ ଦିବସ। ଭାରତୀୟ ଇତିହାସରେ ଏକ ସ୍ମରଣୀୟ ଦିନ। ପାକିସ୍ତାନ ବିରୋଧରେ ଭାରତୀୟ ସେନାର ବୀରତ୍ୱକୁ ମନେପକାଉଛି ସାରାଦେଶ। ୧୯୯୯ ମସିହା ଆଜିର ଦିନରେ ଭାରତ ପାକିସ୍ତାନକୁ ପରାଜିତ କରି କାରଗିଲରେ ବିଜୟ ଧ୍ୱଜା ଉଡ଼ାଇଥିଲା। କାରଗିଲରେ ଭାରତୀୟ ସୈନ୍ୟମାନେ ପାକିସ୍ତାନକୁ ଧୂଳି ଚଟେଇ ଦେଇଥିଲେ। କାରଗିଲ ଯୁଦ୍ଧ ୧୯୯୯ ମେ' ୩ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୨୬ ତାରିଖରେ ଶେଷ ହୋଇଥିଲା। ଯୋଜନାବଦ୍ଧ ଭାବେ ପାକିସ୍ତାନ ୧୯୯୮ରୁ ହିଁ ଯୁଦ୍ଧର ଆରମ୍ଭ କରିଥିଲା। ୫ ହଜାର ସୈନ୍ୟଙ୍କୁ କାରଗିଲ ଦଖଲ ପାଇଁ ପଠାଇଥିଲା ପାକିସ୍ତାନ। କାରଗିଲ ଯୁଦ୍ଧରେ ୫୦୦ରୁ ଅଧିକ ଭାରତୀୟ ଯବାନ ଶହିଦ ହୋଇଥିବାବେଳେ ପାକିସ୍ତାନ ହରାଇଥିଲା ୪୦୦୦ରୁ ଊର୍ଦ୍ଧ୍ୱ ସୈନିକ। ପାକିସ୍ତାନକୁ ମାତ୍ ଦେବା ପାଇଁ ଭାରତୀୟ ସୈନ୍ୟ ନିଜ ଜୀବନକୁ ଜଳାଞ୍ଜଳି ଦେଇଥିଲେ। ସମୁଦ୍ର ପତ୍ତନଠାରୁ ପ୍ରାୟ ୧୮ ହଜାର ଫୁଟ ଉଚ୍ଚ ଏବଂ ମାଇନସ୍ ୪୮ ଡିଗ୍ରୀ ସେଲସିଅସ୍ ତାପମାତ୍ରାରେ ଶତ୍ରୁସୈନ୍ୟର ମୁକାବିଲା କରିଥିଲା ଭାରତୀୟ ସେନା। ଦେଶ ପାଇଁ ଲଢ଼ି ଚାଲିଥିଲେ ଯବାନମାନେ। ସେତେବେଳେ ଏ ଯୁଦ୍ଧ ଟେଲିଭିଜନରେ ପ୍ରସାରିତ ହୋଇଥିଲା। କାରଗିଲ ବିଜୟ ଦିବସ ଅବସରରେ ସାରା ଦେଶ ବୀର ସହିଦମାନଙ୍କୁ ସେମାନଙ୍କର ଅଦମ୍ୟ ସାହସ ପାଇଁ ଶ୍ରଦ୍ଧାଞ୍ଜଳି ଦେଇଥାଏ।


## ଆଜି ଆସିଥିଲେ

### ସଂଗ୍ରାମୀ ମାଳତୀ ଚୌଧୁରୀ



ଜଣେ ଗାନ୍ଧିବାଦୀ ସମାଜସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବେ ମାଳତୀ ଚୌଧୁରୀ ଏକ ସୁପରିଚିତ ନାମ। ପାଠପଢ଼ା ସମୟରୁ ପରାଧୀନ ଭାରତର ମୁକ୍ତି ସଂଗ୍ରାମରେ ଯୋଗ ଦେଇ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସମାଜସେବାକୁ ବ୍ରତ ରୂପେ ସେ ପାଳନ କରିଥିଲେ। ମାଳତୀ ଚୌଧୁରୀ ୧୯୦୪ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ୧୬ ବର୍ଷ ବୟସରେ ରବୀନ୍ଦ୍ରନାଥଙ୍କ ପ୍ରତିଷ୍ଠିତ ବିଶ୍ୱଭାରତୀରେ ଯୋଗ ଦେବା ପରେ ତାଙ୍କ ଜୀବନଶୈଳୀ ବଦଳି ଯାଇଥିଲା। ସେଠାରେ ପଢୁଥିବା ସମୟରେ ଗାନ୍ଧିଜୀ ଓ ରବୀନ୍ଦ୍ରନାଥଙ୍କ ଆଦର୍ଶର ଗଭୀର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା। ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ପାଇଁ ଆଗଭର ହୋଇ ଉଠିଥିଲେ। ମାଳତୀ ଚୌଧୁରୀ ଯୁବକ ନବକୃଷ୍ଣ ଚୌଧୁରୀ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ତାଙ୍କୁ ବିବାହ କରିଥିଲେ। ୧୯୨୭ରେ ଦୁହେଁ ଶାନ୍ତି ନିକେତନ ଛାଡି ଓଡ଼ିଶା ଆସିଥିଲେ। ବିବାହ ପରେ ମାଳତୀଙ୍କ କର୍ମଭୂମି ପାଲଟିଗଲା ଓଡ଼ିଶା। ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାବେ ଯୋଗଦେବା ସମୟରେ ସେ ଏକାଧିକ ବାର ସରଳା ଦେବୀ, ରମା ଦେବୀଙ୍କ ସହ ବନ୍ଦୀ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମର ପ୍ରଜାମଣ୍ଡଳ ଆନ୍ଦୋଳନରେ ସେ ଏତେ ମାତ୍ରାରେ ଜଡ଼ିତ ଥିଲେ ଯେ, ଇଂରେଜ ସରକାର ତାଙ୍କୁ "ଜୋଆନ୍ ଅଫ୍ ଆର୍କ" ନାମରେ ସମ୍ବୋଧନ କରୁଥିଲେ। ଅନୁଗୁଳଠାରେ ସେ ବାଜିରାଉତ ଛାତ୍ରାବାସ ପ୍ରତିଷ୍ଠା କରିଥିଲେ, ଯେଉଁଠାରେ ପ୍ରଜାମଣ୍ଡଳ ଆନ୍ଦୋଳନର ଅଂଶଗ୍ରହଣକାରୀଙ୍କୁ ପ୍ରସ୍ତୁତ କରାଯାଉଥିଲା। ଅନୁଗୁଳରେ ଉତ୍କଳ ନବଜୀବନ ମଣ୍ଡଳ ପ୍ରତିଷ୍ଠା କରି ସେ ପୌଢ଼ଶିକ୍ଷା ଓ ଅନ୍ୟାନ୍ୟ ଜନହିତକର କାର୍ଯ୍ୟ ହାତକୁ ନେଇଥିଲେ। ସେ ମଧ୍ୟ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ଯୋଗ ଦେଇଥିଲେ। ବହୁ ଜାତୀୟ ପୁରସ୍କାର ପ୍ରାପ୍ତ ହୋଇଥିବା ମାଳତୀ ଚୌଧୁରୀ ୧୫ ମାର୍ଚ୍ଚ, ୧୯୯୮ରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।


## ବୀରଙ୍କ ପ୍ରେମରେ ତାରା



ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆ ତାଙ୍କ ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚାରେ ଥାଆନ୍ତି। ଏବେ ତାରା ପୁଣି ଥରେ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଅଛନ୍ତି। ପ୍ରଥମେ ସେ ଆଦର ଜୈନଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ। କିନ୍ତୁ ତାଙ୍କ ସହ ବ୍ରେକ୍‌ଅପ୍ ହେବା ପରେ ସେ ଭାଙ୍ଗିପଡ଼ିଥିଲେ। ଏବେ ତାରା ବୀର ପହାଡ଼ିଆଙ୍କ ସହ ପ୍ରେମ ସମ୍ପର୍କରେ ଥିବା କୁହାଯାଉଛି। ତାରା ଓ ବୀର ଆଉ ସେମାନଙ୍କ ସମ୍ପର୍କକୁ ଲୁଚାଇବାକୁ ଚାହୁଁ ନ ଥିବା ଜଣାପଡ଼ିଛି। ନିକଟରେ ତାରା ଦିଲ୍ଲୀରେ ଆୟୋଜିତ ଇଣ୍ଡିଆ କାଉଚର୍ ୱିକ୍‌ରେ ଅଂଶଗ୍ରହଣ କରିଥିଲେ। ଏଥିରେ ସେ ଏକ ଷ୍ଟ୍ରାପ୍‌ଲେସ୍ ଗାଉନ୍ ପିନ୍ଧି ର୍‌ୟାମ୍ପ ୱାକ୍ କରିଥିଲେ। ଏହି ସମୟରେ ତାରା ଆଗଧାଡ଼ିରେ ବସିଥିବା ବୀରଙ୍କ ଉଦ୍ଦେଶ୍ୟରେ ଫ୍ଲାଇଂ କିସ୍ କରିଥିଲେ। ବୀର ତାରାଙ୍କୁ ଦେଖି ହସି ଦେଇଥିଲେ। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ତାରା ଓ ବୀରଙ୍କ ଏହି କେମେଷ୍ଟ୍ରି ଦେଖି ଉଭୟ ପ୍ରେମ ସମ୍ପର୍କରେ ଥିବା କଥା ଏକପ୍ରକାର ସ୍ପଷ୍ଟ ହୋଇଛି। ଗତ ମେ ମାସରେ ଉଭୟ ଲାକ୍‌ମେ ଫେଶନ୍ ୱିକ୍‌ରେ ଏକାଠି ର୍‌ୟାମ୍ପ ୱାକ୍ କରୁଥିବାବେଳେ ସେମାନଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଏହାପରେ ଉଭୟଙ୍କୁ ମୁମ୍ବାଇର ଏକ ରେସ୍ତୋରାଁରେ ଏକାଠି ଦେଖାଯାଇଥିଲା।

## ଆଜି ବାହୁଡ଼ିଥିଲେ

### ପଣ୍ଡିତ ଗୋଦାବରୀଶ ମିଶ୍ର



ସତ୍ୟବାଦୀ ଆନ୍ଦୋଳନର ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର। ସେ ଏକାଧାରରେ ଥିଲେ ଜଣେ କବି, ଗାଥା କବି, ନାଟ୍ୟକାର, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ, ସୁସମାଲୋଚକ ଏବଂ ସଂଯୋଜକ। ଓଡ଼ିଆ ସାହିତ୍ୟରେ ସେ ପ୍ରଥମ ଗାଥା କବିତାର ସ୍ରଷ୍ଟା ଭାବେ ପରିଚିତ। ଗୋଦାବରୀଶ ମିଶ୍ର ୧୮୮୬ ମସିହା ଅକ୍ଟୋବର ମାସ ୨୬ ତାରିଖ ଅବିଭକ୍ତ ପୁରୀ ଜିଲ୍ଲା ବାଣପୁର ନିକଟରେ ଶ୍ରୀନିବାସପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ସେ ଆଧୁନିକ ପଞ୍ଚସଖାଙ୍କ ମଧ୍ୟରୁ ଜଣେ। ଉତ୍କଳମଣି ଗୋପବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ଗାନ୍ଧୀ ଓ ସୁଭାଷ ଥିଲେ ତାଙ୍କର ଆଦର୍ଶ। ଓଡ଼ିଶାକୁ ଗଢ଼ିବା ପାଇଁ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର ପ୍ରମୁଖଙ୍କ ସହ ସେ ଭାର୍ଗବୀ ନଦୀ କୂଳରେ ଶପଥ ନେଇଥିଲେ। ସତ୍ୟବାଦୀ ବନବିଦ୍ୟାଳୟରୁ ତାଙ୍କ ଶିକ୍ଷକ ଜୀବନ ଆରମ୍ଭ ହୋଇଥିଲା। ସ୍ୱେଚ୍ଛାକୃତ ଭାବେ ସେ ଶିକ୍ଷକ ଜୀବନରୁ ଅବସର ନେଇଥିଲେ। ଏହାପରେ ବିଚ୍ଛିନ୍ନାଞ୍ଚଳରେ ସଂଗଠନ ଦାୟିତ୍ୱ ତୁଲାଇ ଥିଲେ। ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରିମଣ୍ଡଳରେ ସେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ଦାୟିତ୍ୱ ତୁଲାଇ ଥିଲେ। ଏହି ସମୟରେ ତାଙ୍କ ପ୍ରଚେଷ୍ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପାଇଁ ତାଙ୍କୁ ୧୯୬୧ ମସିହାରେ ମରଣୋତ୍ତର ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଇତିହାସ, କିମ୍ବଦନ୍ତୀ ଓ ରୂପକଥାକୁ ଅବଲମ୍ବନ କରି ସେ କବିତା ରଚନା କରୁଥିଲେ। ଏସବୁ ମଧ୍ୟରେ 'କାଳିଜାଈ' ଗାଥା କବିତା ତାଙ୍କର ଏକ ସ୍ୱର୍ଣ୍ଣିମ ସୃଷ୍ଟି। ସେ 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର', 'ନିର୍ବାସିତ' ଆଦି ଉପନ୍ୟାସର ସ୍ରଷ୍ଟା। ଏହି ସାରସ୍ୱତ ସାଧକଙ୍କର ୧୯୫୬ ମସିହା ଆଜିର ଦିନରେ ଦେହାନ୍ତ ହୋଇଥିଲା।

# ସୁମନ

### ସକାଳ ଶିଶୁ କୁଇଜ୍-୧୭୨

(୧) ରାମାୟଣରେ ଭରତଙ୍କ ପତ୍ନୀଙ୍କ ନାମ କ'ଣ ଥିଲା?

ଉତ୍ତର: ______

(୨) ଧୂଆଁଧାର ଜଳପ୍ରପାତ ଭାରତର କେଉଁ ରାଜ୍ୟରେ ଅବସ୍ଥିତ?

ଉତ୍ତର: ______

(୩) ଅନ୍ତର୍ଜାତୀୟ ସାକ୍ଷରତା ଦିବସ କେବେ ପାଳନ କରାଯାଏ?

ଉତ୍ତର: ______

(୪) ଭାରତରେ ପ୍ରଥମ ଥର ଜନଗଣନା କେବେ ହୋଇଥିଲା?

ଉତ୍ତର: ______

(୫) 'ରାଜତରଙ୍ଗିଣୀ'ର ରଚୟିତା କିଏ?

ଉତ୍ତର: ______

**ଗତ ସପ୍ତାହର କୁଇଜ୍ ବିଜେତା**

- ସଞ୍ଜୀବ କୁମାର ଭୋଇ, କୁଶଙ୍ଗ, ବଲାଙ୍ଗୀର
- ଓମ୍ ପ୍ରକାଶ ରଣା, ଚକେଇସିହାଣି, ଭୁବନେଶ୍ୱର
- ସାଇ ସ୍ମୃତି ମହାନ୍ତି, ଆଠଗଡ଼, କଟକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## କାଉଡ଼ିଆ ମୁହେଁ ଫୁଟିଛି ହସ

କୁନି କାନ୍ଧରେ ମୋ କୁନି କାଉଡ଼ିକୁ
କାନ୍ଧେଇ ନେଉଛି ମୁହିଁ
ଖାଲ ଢିପ ରାସ୍ତା ତଥାପି ଯମାରୁ
କଷ୍ଟ ମୋତେ ଲାଗୁନାହିଁ।
ଦଶାସନୀ ଘାଟୁ ଉଠାଇଲି ପାଣି
କାଉଡ଼ିକୁ ପୂଜା କରି,
ଶିବ ନାମ ଜପି ଆଗକୁ ବଢ଼ିଲି
କଲିନାହିଁ ତିଳେ ଡେରି।
ଖରା ବରଷାକୁ ଭୟ ମୋ ନ ଥିଲା
ମନେ ରହିଥିଲା ଭକ୍ତି,
ପାଦ ପଡୁଥିଲା ଚଞ୍ଚଳ ଚଞ୍ଚଳ
ଦେଉଥିଲେ ପ୍ରଭୁ ଶକ୍ତି।
କୁନି କାଉଡ଼ିଆଟିଏ ବୋଲି ମୁହିଁ
ନ ଥିଲା ମନରେ ଭୟ,
କେବଳ ଶିବଙ୍କ ପାଖରେ ମୋହର
ରହିଥିଲା ପରା ଲୟ।
ଶେଷରେ ପ୍ରଭୁଙ୍କ ପାଖରେ ପହଞ୍ଚି
ଆନନ୍ଦେ ଦର୍ଶନ କଲି,
କଳସରେ ନେଇଥିବା ଜଳ ତାଙ୍କ
ମସ୍ତକରେ ଢାଳି ଦେଲି ।।



ଧୀରେନ୍ଦ୍ର ମଲ୍ଲିକ

ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ-୭୯୦୪୩୯୨୬୮୬

ଆସରେ ପିଲାଏ ଦେଖିବ ଆସ
କାଉଡ଼ିଆ ମୁହେଁ ଫୁଟିଛି ହସ।
ଗେରୁଆ ବସନ ଦେହରେ ନାଇ
ଶିବଙ୍କର ନାମ ତୁଣ୍ଡରେ ଗାଇ।
କାନ୍ଧରେ ବୋହିଛି ଜଳର ଭାର
ଧାଇଁ ଧାଇଁ ଯାଏ ଶିବ ମନ୍ଦିର।
ଝଡ଼ ବରଷାକୁ ଖାତର ନାହିଁ
ମାନସିକ ପୂରା କରିବା ପାଇଁ।
ଶିବ ମନ୍ଦିରରେ ପହଞ୍ଚି ଯାଇ
ଠିଆ ହୋଇଯାଏ ଧାଡ଼ିରେ ରହି।
ଆସିଯାଏ ଯେବେ ତାହାରି ପାଳି
ଶିବ ଲିଙ୍ଗେ ଜଳ ଦିଏ ତ ଢାଳି।
ବିନତୀ କରେ ମୁଁ, ଆହେ ଶଙ୍କର
ମାନସିକ ପୂରା କର ତାଙ୍କର।



କୁମାରୀ ଲିପ୍ସୁରାଣୀ ସାହୁ

ଅଷ୍ଟମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଜଗମୋହନ ପୁର, ତେଲକୋଇ, କେନ୍ଦୁଝର
ମୋ-୮୨୪୯୭୭୦୭୩୦



# ମାନବିକତା



ଦ୍ୱିପହର ସମୟ। ତତଲା ପବନରେ ଦେହ ହାତ ଜଳିପୋଡ଼ି ଯାଉଥାଏ। ସୌରଭ ଦାଣ୍ଡ ଫାଟକ ଖୋଲି ଦାଣ୍ଡକୁ ଆସିଲା। ବାପା ରାସ୍ତା କଡ଼ରେ ଦୁଇଟି ମାଟି ପାତ୍ର ରଖିଛନ୍ତି। ସୌରଭକୁ କହିଛନ୍ତି ସକାଳେ ଆଉ ଦ୍ୱିପହରରେ ଏଥିରେ ପାଣି ଭରିଦେବା ପାଇଁ। ବୁଲା ଗୋରୁଗାଈ, କୁକୁର ଆଉ କେତେ ରକମର ଚଢ଼େଇ ଆସି ସେଇ ପାତ୍ରରୁ ପାଣି ପିଉଛନ୍ତି। ଖରାଦିନ ସେମାନଙ୍କୁ କୋଉଠୁ ଟୋପେ ପାଣି ମିଳୁ ନ ଥିବ। ପାତ୍ରରେ ଅଳ୍ପ ଜଳ କମି ଯାଇଥାଏ ସୌରଭ ସଙ୍ଗେ ସଙ୍ଗେ ଆଣି ସେଥିରେ ଭରିଦେଲା। ଘର ଭିତରୁ ମା ଡାକ ଦେଲେ ଖରାବେଳେ ଏଣେତେଣେ ନ ବୁଲି ଟିକେ ସମୟ ଶୋଇ ପଡୁନୁ। ସୌରଭ କହିଲା ନାହିଁ ମା' ମୁଁ ଶୋଇବି ନାହିଁ ଯାଉଛି ଟ୍ୟୁସନ ପାଠ ସାରିଦେବି। ଏତିକି କହି ସୌରଭ ଆସିକି ତା' ପଢା ଟେବୁଲ ପାଖରେ ପଡ଼ି ବସିଲା। ଏଇ ସମୟରେ ଦାଣ୍ଡରେ ଆଇସକ୍ରିମ୍‌ବାଲାର ଡାକ ଶୁଭିଲା। ସୌରଭର ଆଇସକ୍ରିମ୍ ଖାଇବାକୁ ଭାରି ଇଚ୍ଛା ହେଲା ହେଲେ ତା' ପାଖରେ ଟଙ୍କାଟିଏ ବି ନ ଥିଲା। ମାଙ୍କୁ ନିଦରୁ ଡାକିଲେ ବିରକ୍ତ ହେବେ। ଏଣୁତେଣୁ ଭାବିଭାବି ସୌରଭ ଦାଣ୍ଡକୁ ଆସିଲା। ଏବେ ବି ଖରା କମି ନ ଥାଏ, ଗରମ ପବନ ବୋହୁଥାଏ। ସୌରଭ ଦେଖିଲା ସେ ଆଇସକ୍ରିମ୍‌ବାଲା ଜଣଙ୍କ ତାଙ୍କ ଘର ସାମ୍ନାରେ ଥିବା ଆମ୍ବଗଛ ତଳେ ଛିଡ଼ା ହୋଇଛନ୍ତି। ସେ ଥକି ଗଲା ଭଳି ଦିଶୁଥାନ୍ତି, ଦେହରୁ ଗମଗମ୍ ହେଇ ଝାଳ ବୋହିଯାଉଥାଏ। ସୌରଭ ଚଟାପଟ୍ ଘର ଭିତରକୁ ଧାଇଁଗଲା। ଲେମ୍ବୁ ଆଉ ଟିକେ ଚିନି ଆଣି ଲେମ୍ବୁ ପାଣି ତିଆରି କଲା। ଏଥର ଚାଲିଲା ଆଇସକ୍ରିମ୍‌ବାଲା ଅଙ୍କଲଙ୍କ ପାଖକୁ। ଅଙ୍କଲ ନିଅନ୍ତୁ ପିଇ ଦିଅନ୍ତୁ ଆପଣ ବହୁତ ଥକି ଗଲା ଭଳି ଦିଶୁଛନ୍ତି। ଏ ଲେମ୍ବୁପାଣି ମୁଁ ନିଜେ ତିଆରି କରିଛି। ଗ୍ଲାସ୍‌ଟି ସୌରଭ ହାତରୁ ନେଉ ନେଉ ଆଇସକ୍ରିମ୍‌ବାଲା ପଚାରିଲେ ବାବା ତୁମେ କୋଉ କ୍ଲାସ୍‌ରେ ପଢୁଛ? ସୌରଭ କହିଲା ମୋର ପଞ୍ଚମ ଶ୍ରେଣୀ। ଲେମ୍ବୁ ପାଣି ପିଇ ଆଇସକ୍ରିମ୍‌ବାଲା ଅଙ୍କଲ ବହୁତ ଖୁସି ହେଲେ ଆଉ କହିଲେ ମନ ଲଗେଇ ପାଠ ପଢ଼ ଆଉ ଭଲ ମଣିଷଟେ ହୁଅ। ଆଉ କହିଲେ ଖରାରେ ବୁଲି ବୁଲି ମୋ ମୁଣ୍ଡ ବୁଲେଇ ଦେଉଥିଲା। ତୁମ ହାତରୁ ଲେମ୍ବୁ ପାଣି ଗିଲାସ ପିଇ ଦେଲା ପରେ ଲାଗିଲା ଯେମିତି ମୋ ଦେହରେ ଜୀବନ ପଶିଗଲା। ସୌରଭ ଗିଲାସଟା ନେଇ ଘରକୁ ଲେଉଟି ଆସୁଥିଲା, ଆଇସକ୍ରିମବାଲା ଅଙ୍କଲ ପଛରୁ ଡାକିଲେ ବାବା ମୋ ତରଫରୁ ଗୋଟେ ଆଇସକ୍ରିମ୍ ନିଅ। ସୌରଭ ମନା କରୁଥିଲା। ହେଲେ ଅଙ୍କଲ ବାଧ କରି ତା ହାତକୁ ଗୋଟେ ଆଇସକ୍ରିମ୍ ବଢ଼େଇଦେଲେ। ସନ୍ଧ୍ୟାରେ ବାପା ଅଫିସ୍‌ରୁ ଫେରିଲେ ସୌରଭ ସବୁ କଥା ବାପାଙ୍କ ଆଗରେ କହିଲା। ବାପା କହିଲେ, ତୁ ଆମର ଭଲ କାମଟି କରିଚୁ। ଅନ୍ୟକୁ ସାହାଯ୍ୟ କରିବା ସହାନୁଭୂତି ଦେଖାଇବା ଆମର ପ୍ରଥମ ଧର୍ମ ଆଉ କର୍ତ୍ତବ୍ୟ। ଏଇ ସମୟରେ ମା' ଘର ଭିତରୁ ବାହାରି ଆସି ସବୁ କଥା ଶୁଣିଲେ। ମା' କହିଲେ ମାନବିକତା ଆମର ଶ୍ରେଷ୍ଠ ପରିଚୟ। ମଣିଷ ରୂପ ରଙ୍ଗରୁ ନୁହେଁ ଭଲ କାମ ଲାଗି ଆଦର ପ୍ରଶଂସା ପାଇଥାଏ। ସାବାସ୍ ସୌରଭ ବେଟା କହି ବାପା ତା' ପିଠି ଥାପୁଡ଼େଇ ଦେଲେ।



ଦେବେନ୍ଦ୍ର କର

ମଙ୍ଗଳାବାଗ, କଟକ
ମୋ- ୯୯୩୭୯୭୩୯୧୦

## ପ୍ରହେଳିକା

- ବର୍ଷାକାଳ ଯେବେ ଧରାକୁ ଆସେ
ଗାଆଁ ପୋଖରୀରେ ସେ ଫୁଲ ହସେ
ଧଳା ନାଲି ଅବା ନୀଳ ରଙ୍ଗରେ
ଶୋଭାପାଏ ସିଏ ପାଣି ଉପରେ
ଜହ୍ନର ଶୀତଳ ଜୋଛନା ପାଇ
ରାତି କାଳେ ସେହି ଫୁଲ ଫୁଟଇ
ରୂପ ତା' ଭାରି ସୁନ୍ଦର
ସାଜସଜା ପୁଣି ପୂଜାରେ ବି ଲାଗେ
କୁହ ଦେଖି ନାମ ତା'ର।


ଉତ୍ତର-କଇଁ ଫୁଲ



- ପରିବାଟିଏ ସେ ବର୍ଷା କାଳର
ସାପ ପରି ଲମ୍ବା ତା'ର ଶରୀର
ଭାଡ଼ିରେ ଯେବେ ତା'କଷି ଆସଇ
ତା'ଅଗରେ କୁନା ଗୋଡ଼ି ବାନ୍ଧଇ
ପରିବାଟେ ସିଏ ସ୍ୱାଦ ମଧୁର
ଭଜା ରାଇ ପାଇଁ ପାଏ ଆଦର
ଦେହ ପାଇଁ ସିଏ ହିତ
ତନ୍ତୁ ଜାତୀୟ ସେ ଦେଶୀ ପରିବାଟେ
କୁହ ତା'ର ନାମ ମିତ।

ଉତ୍ତର-ଛଞ୍ଚିଦ୍ରା

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬





ଅନ୍ୱେଷା ବଳ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





ସାଇ ସେଠୀ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ
ପୋଖରୀପୁଟ
ଭୁବନେଶ୍ୱର





ସତ୍ୱିକା ମହାପାତ୍ର
ୟୁକେଜି
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





ଶାନ୍ତନୁ ଶାନ୍ତିସ୍ୱରୂପ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର

### ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ମୁକାବିଲା

# ରୁଟ୍‌ଙ୍କ ଶତକ; ଇଂଲଣ୍ଡ ଇନିଂସ ଅଗ୍ରଣୀ

ଓଲ୍ଡ ଟ୍ରାଫୋର୍ଡ, ୨୫।୭ (ଏଜେନ୍ସି)

ଜୋ ରୁଟ୍‌ଙ୍କ ୩୮ ତମ ଟେଷ୍ଟ ଶତକ ସହାୟତାରେ ଏଠାରେ ଚାଲିଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତ କଷ୍ଟେ ମଷ୍ଟେ ୩୫୮ ରନ୍ କରିଥିଲା। ଜବାବରେ ତୃତୀୟ ଦିନ ଶେଷ ରିପୋର୍ଟ ସୁଦ୍ଧା ଇଂଲଣ୍ଡ ୪ ୱିକେଟରେ ୪୯୧ ରନ୍ କରି ଏହି ଟେଷ୍ଟକୁ ନିଜ ନିୟନ୍ତ୍ରଣରେ ରଖିଛି। ଏହି ଟେଷ୍ଟରେ କ୍ୟାରିୟରର ୩୮ ତମ ଶତକ ଓ ସଚିନ ତେନ୍ଦୁଲକରଙ୍କ ପରେ ଦ୍ୱିତୀୟ ସର୍ବାଧିକ ରନ୍ କରିଥିବା ରୁଟ୍ ୧୪୪ ଓ ୱିକେଟରକ୍ଷକ ଜେମି ସ୍ମିଥ୍ ୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଆଜି ଖେଳରେ ଇଂଲଣ୍ଡ ପକ୍ଷରୁ ଓଲି ପୋପ୍ ୭୧ ଓ ହ୍ୟାରୀ ବ୍ରୁକ୍ ୩ ରନ୍‌ରେ ଆଉଟ ହୋଇଥିଲେ। ଏହି ଦୁଇ ୱିକେଟ୍‌କୁ ୱାଶିଂଟନ ସୁନ୍ଦର ଅକ୍ତିଆର କରିବା ଭାରତର ଆଜିର ଖେଳରେ ଶ୍ରେଷ୍ଠ ପ୍ରଦର୍ଶନ। ଶେଷ ମୁହୂର୍ତ୍ତରେ ଅଧିନାୟକ ବେନ୍ ଷ୍ଟୋକ୍ସ ଆହତ ହେବାରୁ ୬୬ ରନ୍ କରିଥିଲାବେଳେ ରିଟାୟର୍ଡ ହର୍ଟ ହୋଇ ପଡ଼ିଆ ଛାଡିଥିଲେ। ପୂର୍ବରୁ ଭାରତର ମହମ୍ମଦ୍ ସିରାଜ ମାଂସପେସୀ ଟାଣି ହୋଇଯିବାରୁ ସେ ଆଉ ଓଭର ପୂରା କରି ନ ପାରି ପଡ଼ିଆ ଛାଡିଥିଲେ।

ଏହି ଟେଷ୍ଟର ତୃତୀୟ ଦିନରେ ଇଂଲଣ୍ଡ ତାହାର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨ ୱିକେଟରେ ୨୨୫ ରନ୍‌ରୁ ଖେଳ ଆରମ୍ଭ କରି ସହଜରେ ରନ୍ ସଂଗ୍ରହ କରିଥିଲା। ଦୁଇ ଅପରାଜିତ ବ୍ୟାଟର ରୁଟ୍ ଏବଂ ଓଲି ପୋପ୍‌ଙ୍କୁ ଭାରତୀୟ ବୋଲର ପ୍ରଭାବ ବିସ୍ତାର କରି ପାରି ନ ଥିଲେ। ଅବଶ୍ୟ ଏମାନେ ଗତଦିନଠାରୁ ଭଲ ବୋଲିଂ କରିଥିଲେ ମଧ୍ୟ ୱିକେଟ ପାଇ ନ ଥିଲେ। ଫଳରେ ଇଂଲଣ୍ଡ ପ୍ରଥମ ସେସନରେ କୌଣସି ୱିକେଟ ନ ହରାଇ ୧୦୭ ରନ୍ କରିଥିଲା। ଲଞ୍ଚ ବେଳକୁ ୭୪ ଓଭର ଖେଳି ଦଳ ୨ ୱିକେଟରେ ୩୩୨ ରନ୍ କରିଥିଲା। ପୋପ୍ ୭୦ ଓ ରୁଟ୍ ୬୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଲଞ୍ଚ୍ ପରେ ଇଂଲଣ୍ଡ ୪ ଓଭର ଓ ୯ ରନ୍ ମଧ୍ୟରେ ୨ଟି ୱିକେଟ ହରାଇଥିଲା। ଭାରତର ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଏହି ଦୁଇ ଖେଳାଳିଙ୍କୁ ଆଉଟ କରିଥିଲେ। ୭୧ ରନ୍ କରିଥିଲାବେଳେ ପୋପ୍ ପ୍ରଥମ ସ୍ଲିପ୍‌ରେ ରାହୁଲଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଥିଲେ। ବ୍ରୁକ୍ କିନ୍ତୁ ଷ୍ଟମ୍ପିଂର ଶିକାର ହୋଇଥିଲେ।



ସେ ୩ ରନ୍ କରିପାରିଥିଲେ। ଏହା ପରେ ଇଂଲଣ୍ଡ ଆଉ କୌଣସି ସୁଯୋଗ ଦେଇ ନ ଥିଲା କିମ୍ବା ଭାରତକୁ ଆଉ କୌଣସି ସଫଳତା ମିଳି ନ ଥିଲା। ଟି ସୁଦ୍ଧା ଇଂଲଣ୍ଡ ୧୦୨ ଓଭରରେ ୪ ୱିକେଟ ହରାଇ ୪୩୩ ରନ୍ କରିନେଇଥିଲା। ଏହି ସମୟରେ ରୁଟ୍ ୧୨୧ ଓ ଷ୍ଟୋକ୍ସ ୩୬ ରନ୍‌ରେ ବ୍ୟାଟିଂ କରୁଥିଲେ। ରୁଟ୍ ଏଠାରେ ଟେଷ୍ଟ କ୍ରିକେଟରେ ଭାରତର ସଚିନ ତେନ୍ଦୁଲକରଙ୍କ ପଛକୁ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ ବିବେଚିତ ହୋଇଥିଲେ। ସେ ମଧ୍ୟ ସଚିନ (୫୧), କାଲିସ (୪୫) ଓ ପଣ୍ଟିଂ (୪୧)ଙ୍କ ପରେ ୩୮ଟି ଶତକ ହାସଲ କରି ଶ୍ରୀଲଙ୍କାର କୁମାର ସଙ୍ଗକାରାଙ୍କ ସହ ମିଳିତଭାବେ ଚତୁର୍ଥ ସର୍ବାଧିକ ଟେଷ୍ଟ ଶତକହାସଲକାରୀ ବିବେଚିତ ହୋଇଥିଲେ। ଭାରତର ସୁନ୍ଦରଙ୍କୁ ୨ଟି ୱିକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ**: ୩୫୮ (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ୍-୫୪, ଷ୍ଟୋକ୍ସ-୫/୭୨)
**ଇଂଲଣ୍ଡ ପ୍ରଥମ ଇନିଂସ**: ୪୯୧/୪, ୧୧୬ ଓଭର (ଜୋ ରୁଟ୍-ବ୍ୟାଟିଂ-୧୪୪, କ୍ରାଲୀ-୯୪, ଡକେଟ-୮୪, ପୋପ୍-୭୧, ସୁନ୍ଦର-୨/୪୩)।

**ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍**

| ଖେଳାଳି | ଦେଶ | ମ୍ୟାଚ୍ | ରନ୍ |
|---|---|---|---|
| ତେନ୍ଦୁଲକର | ଭାରତ | ୨୦୦ | ୧୫,୯୨୧ |
| ଜୋ ରୁଟ୍ | ଇଂଲଣ୍ଡ | ୧୫୭ | ୧୩,୪୦୩* |
| ରିକି ପଣ୍ଟିଂ | ଅଷ୍ଟ୍ରେଲିଆ | ୧୬୮ | ୧୩,୩୭୮ |
| ଜ୍ୟାକ୍ କାଲିସ୍ | ଦ.ଆଫ୍ରିକା | ୧୬୬ | ୧୩.୨୮୯ |
| ରାହୁଲ ଦ୍ରାବିଡ୍ | ଭାରତ | ୧୬୪ | ୧୩,୨୮୮ |
| ଆଲିଷ୍ଟର କୁକ୍ | ଇଂଲଣ୍ଡ | ୧୬୧ | ୧୨,୪୭୨ |

**ସର୍ବାଧିକ ଶତକ**

| ଖେଳାଳି | ଶତକ |
|---|---|
| ତେନ୍ଦୁଲକର | ୫୧ |
| କାଲିସ | ୪୫ |
| ପଣ୍ଟିଂ | ୪୧ |
| ସଙ୍ଗକାରା | ୩୮ |
| ରୁଟ୍ | ୩୮ |
| ସ୍ମିଥ୍ | ୩୬ |
| ଦ୍ରାବିଡ | ୩୬ |

## ଟେଷ୍ଟ କ୍ରିକେଟରେ 'ଜୋ'ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ

ଏଠାରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟରେ ଇଂଲଣ୍ଡର ଜୋ ରୁଟ୍ ସର୍ବାଧିକ ରନ୍ ସଂଗ୍ରହ ତାଲିକାରେ ଭାରତର ରାହୁଲ ଦ୍ରାବିଡ୍ (୧୬୪ ଟେଷ୍ଟରେ ୧୩,୨୮୮ ରନ୍), ଦକ୍ଷିଣ ଆଫ୍ରିକାର କାଲିସ୍ (୧୬୬ଟି ଟେଷ୍ଟରେ ୧୩,୨୮୯ ରନ୍) ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଂ (୧୬୮ ଟେଷ୍ଟରେ ୧୩,୩୭୮ ରନ୍)ଙ୍କୁ ଅତିକ୍ରମ କରି ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରି ବିବେଚିତ ହୋଇଛନ୍ତି। ଏବେ ଭାରତର ସଚିନ ତେନ୍ଦୁଲକର ୧୫,୯୨୧ ରନ୍ ସଂଗ୍ରହ କରି ବିଶ୍ୱରେ ସର୍ବାଧିକ ଟେଷ୍ଟ ସଂଗ୍ରହକାରୀ ଭାବେ ବିବେଚିତ ହୋଇଛନ୍ତି। ୨୦୦ ଟେଷ୍ଟ ଓ ୩୨୯ ଇନିଂସରେ ହାରହାରି ୫୩.୭୮ ହାରରେ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୫୧ ଶତକ, ୬୮ ଅର୍ଦ୍ଧଶତକ ରହିଥିଲାବେଳେ ୧୪ଥର ଶୂନ୍‌ରେ ଆଉଟ ହୋଇଛନ୍ତି। ତୃତୀୟ ଦିନ ଟି ବେଳକୁ ରୁଟ୍ ୧୨୧ ରନ୍ କରିଥିଲାବେଳେ ଟେଷ୍ଟ କ୍ୟାରିୟରରେ ୧୩,୩୮୦ ରନ୍‌ରେ ପହଞ୍ଚିଥିଲେ। ୧୫୭ତମ ଟେଷ୍ଟ ଖେଳୁଥିବା ରୁଟ ଦ୍ରୁତତମ ବ୍ୟାଟର ଭାବେ ଏହି ସଫଳତା ପାଇଛନ୍ତି। ଏହା ମଧ୍ୟରେ ୩୮ଟି ଶତକ ଓ ୬୬ଟି ଅର୍ଦ୍ଧଶତକ ରହିଛି। ଇନିଂସ ପ୍ରତି ସେ ହାରାହାରି ୫୧.୧୭ ହାରରେ ରନ୍ ସଂଗ୍ରହ କରିଛନ୍ତି। ରୁଟ ଟେଷ୍ଟରେ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ହୋଇଥିଲେ ମଧ୍ୟ ଶତକ ହାସଲରେ ଶ୍ରୀଲଙ୍କାର କୁମାର ସଙ୍ଗକାରାଙ୍କ ସହ ମିଳିତଭାବେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଉଭୟ ୩୮ଟି ଲେଖାଏଁ ଶତକ ହାସଲ କରିଛନ୍ତି। ଭାରତର ସଚିନ ତେନ୍ଦୁଲକର ୫୧, ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ୍ ୪୫ ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଂ ୪୧ଟି ଶତକ ହାସଲ କରି ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି।

● ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଇଭେଣ୍ଟ

## କିଶୋର, ଅନିମେଶ, ଲାଲୁ ଓ ଶ୍ରାବଣୀଙ୍କୁ ଯୋଗ୍ୟତା

ନୂଆଦିଲ୍ଲୀ,୨୫।୭ (ଏଜେନ୍ସି): ଭୁବନେଶ୍ୱରର ପ୍ରସିଦ୍ଧ କଳିଙ୍ଗ ଷ୍ଟାଡିୟମ୍‌ରେ ଅଗଷ୍ଟ ୧୦ରେ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଆଥଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ଯୋଗ୍ୟ ପ୍ରତିଯୋଗୀଙ୍କ ନାମ ପ୍ରକାଶ କରିଛି। ଏହି ତାଲିକାରେ ଓଡ଼ିଆ ପ୍ରତିଯୋଗୀ ଲାଲୁପ୍ରସାଦ ଭୋଇ, କିଶୋର କୁମାର ଜେନା ଓ ଶ୍ରାବଣୀ ନନ୍ଦଙ୍କ ନାମ ରହିଛି। ଏହାଛଡ଼ା ଓଡ଼ିଶାରେ ପ୍ରଶିକ୍ଷଣ ନେଉଥିବା ଅନିମେଶ କୁଜୁର ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ନିକଟରେ ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଅନିମେଶ ଉଭୟ ୧୦୦ ଓ ୨୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଭାରତର ଶ୍ରେଷ୍ଠ ଆଥ୍‌ଲେଟ ନୀରଜ ଚୋପ୍ରା ଏହି ଇଭେଣ୍ଟରେ ଅଂଶଗ୍ରହଣ କରୁନାହାନ୍ତି। ଏହି ଦିନିକିଆ ଇଭେଣ୍ଟରେ ୧୦ଟି ଦେଶରୁ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

## ୪୫ ବର୍ଷ ବୟସରେ ଖେଳିଲେ ଭେନସ ୱିଲିୟମ୍ସ



ସିନସିନ୍ନାଟି,୨୫।୭ (ଏଜେନ୍ସି): ୭ଥରର ଗ୍ରାଣ୍ଡ ସ୍ଲାମ୍ ଚାମ୍ପିଅନ ତଥା ଆମେରିକାର କିମ୍ବଦନ୍ତୀ ମହିଳା ଖେଳାଳି ଭେନସ ୱିଲିୟମ୍ସ ୪୫ ବର୍ଷରେ ପ୍ରତିଯୋଗିତାମୂଳକ ଟେନିସ ଖେଳି ରେକର୍ଡ କରିଛନ୍ତି। ସିନସିନ୍ନାଟି ଓପନରେ ଭେନସଙ୍କୁ ୱାଇଲ୍ଡକାର୍ଡ ଏଣ୍ଟ୍ରି ମିଳିବା ପରେ ପ୍ରଥମ ରାଉଣ୍ଡରେ ବିଶ୍ୱର ୩୫ ନମ୍ବର ଖେଳାଳି ପିଟନ ଷ୍ଟର୍ଣ୍ଣସଙ୍କୁ ପରାସ୍ତ କରି ବୟୋଜ୍ୟେଷ୍ଠ ଖେଳାଳି ଭାବେ ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ମ୍ୟାଚ୍ ଜିତିବାର ରେକର୍ଡ କରିଥିଲେ। କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ସେ ୫ମ ସିଡ୍ ପୋଲାଣ୍ଡର ଏମ୍ ଫ୍ରେଚ୍‌ଙ୍କଠାରୁ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। କିନ୍ତୁ ୪୫ ବର୍ଷ ବୟସରେ ସେ ଡବ୍ଲୁଟିଏ ସିଙ୍ଗଲ୍ସରେ ବିଜୟୀ ହୋଇ ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ଭାବେ ମ୍ୟାଚ୍ ଜିତିବାର ରେକର୍ଡ କରିଛନ୍ତି।

## ଡେଭିସ୍ କପ୍ ଦଳରେ ନାଗଲ, ୟୁକି

ନୂଆଦିଲ୍ଲୀ,୨୫।୭ (ଏଜେନ୍ସି): ସ୍ୱିଜରଲାଣ୍ଡ ବିପକ୍ଷ ୱାର୍ଲ୍ଡ ଗ୍ରୁପ୍-୧ ମୁକାବିଲା ଲାଗି ୮ଜଣିଆ ଭାରତୀୟ ଡେଭିସ୍ କପ୍ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଭାରତନର ନମ୍ବର ୱାନ୍ ସିଙ୍ଗଲ୍ସ ଖେଳାଳି ସୁମିତ ନାଗଲ ଓ ନମ୍ବର ୱାନ୍ ଡବଲ୍ସ ଖେଳାଳି ୟୁକି ଭାମ୍ବ୍ରୀ ସ୍ଥାନ ପାଇଛନ୍ତି। ଏହି ମୁକାବିଲା ସ୍ୱିଜରଲାଣ୍ଡର ବିଏଲରେ ସେପ୍ଟେମ୍ବର ୧୨ରୁ ଖେଳାଯିବ। ସ୍ୱିଜରଲାଣ୍ଡ ସହ ଭାରତ ୩ଥର ଡେଭିସ୍ କପ୍ ମୁକାବିଲା କରିଥିଲାବେଳେ ୨ଥର ବିଜୟୀ ହୋଇଛି। ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସିଙ୍ଗଲ୍ସରେ ସୁମିତ ନାଗଲ, କରନ ସିଂ ଓ ଆର୍ଯ୍ୟନ ଶାହା। ଡବଲ୍ସରେ ୟୁକି ଭାମ୍ବ୍ରୀ ଓ ଏନ୍ ଶ୍ରୀରାମ ବାଲାଜୀଙ୍କୁ ସ୍ଥାନ ମିଳିଛି। ରିଜର୍ଭ ଖେଳାଳି ଭାବେ ଡି ସୁରେଶ, ଶଶିକୁମାର ମୁକୁନ୍ଦ ଓ ରିତ୍ୱିକ ବୋଲିପାଲିଙ୍କୁ ରଖାଯାଇଛି।

## ୟଶ ଦୟାଲଙ୍କ ବିରୋଧରେ ଦ୍ୱିତୀୟ ଦୁଷ୍କର୍ମ ଅଭିଯୋଗ

ଲକ୍ଷ୍ନୌ,୨୫।୭ (ଏଜେନ୍ସି): ଉତ୍ତରପ୍ରଦେଶ ତଥା ଆର୍‌ସିବିର କ୍ରିକେଟର ୟଶ ଦୟାଲଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ହୋଇଛି। ଜୟପୁରର ଜଣେ ୧୭ ବର୍ଷର ନାବାଳିକା ଏହି ଅଭିଯୋଗ ଆଣିଛନ୍ତି। କ୍ରିକେଟ ଖେଳିବାରେ ସୁବିଧା ସୁଯୋଗଦେବା ଓ ବାହାହେବାର ପ୍ରତିଶ୍ରୁତି ବାହାନାରେ ଏହି ନାବାଳିକାଙ୍କୁ ୨ ବର୍ଷ ଧରି ଦୟାଲ ଯୌନ ଶୋଷଣ କରିଥିବାର ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଉଭୟଙ୍କ ମଧ୍ୟରେ ୫ ବର୍ଷର ସମ୍ପର୍କ ରହିଥିବା ଦର୍ଶାଯାଇଛି। ପୂର୍ବରୁ ଗାଜିଆବାଦ୍‌ର ଜଣେ ମହିଳା ମଧ୍ୟ ଏପରି ଅଭିଯୋଗ ଆଣିଥିଲେ। ଉଭୟ ଘଟଣାରେ ଦୟାଲ କିଛି ମନ୍ତବ୍ୟ ଦେଇ ନାହାନ୍ତି। ଜୟପୁର ପୁଲିସ୍ ଏତଲା ଦାୟର କରି ତଦନ୍ତ ଜାରି ରହିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜୟପୁର ପୁଲିସ୍ ପକ୍ଷରୁ କୁହାଯାଇଛି।

## ଅଷ୍ଟ୍ରେଲିଆ ଗସ୍ତରେ ୪ ମ୍ୟାଚ୍ ଖେଳିବ ଭାରତୀୟ ହକି ଦଳ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ଭାରତୀୟ ସିନିଅର ପୁରୁଷ ହକି ଦଳ ଅଗଷ୍ଟ ମାସରେ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ସେଠାରେ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ୪ଟି ମ୍ୟାଚ୍ ଖେଳିବ ବୋଲି ହକି ଇଣ୍ଡିଆ ପକ୍ଷରୁ ଶୁକ୍ରବାର କୁହାଯାଇଛି। ଅଗଷ୍ଟ ୧୫, ୧୬, ୧୯ ଓ ୨୧ ତାରିଖରେ ଏହି ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ସମସ୍ତ ମ୍ୟାଚ୍ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଏଫ୍‌ଆଇଏଚ୍ ର୍‌ୟାଙ୍କିଙ୍ଗ୍‌ରେ ଭାରତ ୮ମ ସ୍ଥାନରେ ରହିଥିବାବେଳେ ଅଷ୍ଟ୍ରେଲିଆ ଦଳ ୬ଷ୍ଠରେ ରହିଛି। ୨୦୧୩ ପରଠାରୁ ଦୁଇ ଦେଶ ମଧ୍ୟରେ ୫୧ ମ୍ୟାଚ୍ ଖେଳାଯାଇଥିବାବେଳେ ଅଷ୍ଟ୍ରେଲିଆ ୩୫ଟି ଜିତି ଅଗ୍ରଣୀ ରହିଛି।



## କ୍ରିଷ୍ଣାମୂର୍ତ୍ତିଙ୍କ ଅବସର

ବେଙ୍ଗାଲୁରୁ, ୨୫।୭ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ପୂର୍ବତନ ବ୍ୟାଟର୍ ବେଦା କ୍ରିଷ୍ଣାମୂର୍ତ୍ତି ପ୍ରଫେସନାଲ କ୍ରିକେଟ୍‌ରୁ ଶୁକ୍ରବାର ଅବସର ନେଇଛନ୍ତି। ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଅବସର ନେଇ ୩୨ ବର୍ଷୀୟା କ୍ରିଷ୍ଣାମୂର୍ତ୍ତୀ ସୂଚନା ଦେଇଛନ୍ତି। କର୍ଣ୍ଣାଟକର ଏହି ଡାହାଣହାତୀ ବ୍ୟାଟର୍ ଭାରତ ପାଇଁ ୪୮ ଦିନିକିଆ ଓ ୭୬ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୮୨୯ ଓ ୮୭୫ ରନ କରିଥିଲେ। ମହିଳା ପ୍ରିମିଅର୍ ଲିଗ୍‌ରେ କ୍ରିଷ୍ଣାମୂର୍ତ୍ତୀ ଗୁଜରାଟ ଜାଏଣ୍ଟ୍ସ ପାଇଁ ପ୍ରତିନିଧିତ୍ୱ କରିଥିଲେ।

### ୟୁଥ୍ ଦିନିକିଆରେ ପ୍ରଥମ ଦ୍ୱିଶତକ

## ଇତିହାସ ରଚିଲେ ଦକ୍ଷିଣ ଆଫ୍ରିକାର ଜୋରିଚ୍

ହରାରେ, ୨୫।୭ (ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଜୋରିଚ୍ ଭାନ୍ ଶାଲ୍‌ୱିକ୍ ବିଶ୍ୱର ପ୍ରଥମ କ୍ରିକେଟର୍ ଭାବେ ୟୁଥ୍ ଦିନିକିଆରେ ଦ୍ୱିଶତକୀୟ ପାଳି ଖେଳିବାର କୀର୍ତ୍ତିମାନ କରିଛନ୍ତି। ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ସିରିଜରେ ଜିମ୍ବାୱେ ବିପକ୍ଷରେ ଓପନିଂ ଆସି ସେ ୨୧୫ ରନର ପାଳି ଖେଳି ରେକର୍ଡ ବୁକ୍‌ରେ ନାମକୁ ଲିପିବଦ୍ଧ କରିଛନ୍ତି। ୧୫୩ ବଲ୍‌ର ଏହି ପାଳିରେ ସେ ୧୯ ଚୌକା ଓ ୬ ଛକା ମାରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୪୯.୫ ଓଭରରେ ୩୮୫ ରନ କରି ଅଲ୍‌ଆଉଟ୍



ହୋଇଯାଇଥିଲା। ୟୁଥ୍ ଦିନିକିଆ କ୍ରିକେଟ୍‌ରେ ମଧ୍ୟ ଏହା ସର୍ବାଧିକ ଦଳଗତ ସ୍କୋର ହୋଇଛି। ଜବାବରେ ଜିମ୍ବାୱେ ମାତ୍ର ୧୦୭ ରନରେ ଅଲ୍‌ଆଉଟ୍ ହୋଇ ୨୭୮ ରନରେ ପରାସ୍ତ ହୋଇଥିଲା। ଏଥିପୂର୍ବରୁ ୟୁଥ୍ ଦିନିକିଆରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ଶ୍ରୀଲଙ୍କାର ହସିଥା ବୟଗୋଡାଙ୍କ ନାମରେ ରହିଥିଲା। ହସିଥା ୨୦୧୮ରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ କେନିଆ ବିପକ୍ଷରେ ୧୯୧ ରନର ପାଳି ଖେଳିଥିଲେ।

■ ସାହାଣୀ କପ୍-୨୦୨୫

## ଆଜି କଟକ-ସୁନ୍ଦରଗଡ଼ ସେମି ଲଢ଼େଇ



କଟକ,୨୫।୭(ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। କେନ୍ଦ୍ରାପଡ଼ା ରାଜକନିକା ଷ୍ଟାଡିୟମରେ ହେବାକୁ ଥିବା ଏହି ମୁକାବିଲାରେ କଟକ ଓ ସୁନ୍ଦରଗଡ଼ ସାମ୍ନାସାମ୍ନି ହେବେ। ୨୭ ତାରିଖରେ ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ କୋରାପୁଟ ଏବଂ ସମ୍ବଲପୁର ପରସ୍ପରକୁ ଭେଟିବେ। କୋରାପୁଟ ପୂର୍ବରୁ ସେମି ତାଲିକାରେ ସ୍ଥାନ ସୁରକ୍ଷିତ କରିଥିଲା। ଶୁକ୍ରବାର ବୌଦ୍ଧ ଜୋନରେ ଅନୁଷ୍ଠିତ ୪ର୍ଥ କ୍ୱାର୍ଟର ଫାଇନାଲରେ ସମ୍ବଲପୁର ସହଜ ବିଜୟ ହାସଲ କରି ଅନ୍ତିମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ବରଗଡ଼ ବିପକ୍ଷ ମ୍ୟାଚ୍‌କୁ ସମ୍ବଲପୁର ୪-୦ ଗୋଲରେ ଜିତିଥିଲା। ବିଜୟୀ ଦଳର ପ୍ରଶାନ୍ତ ଓରାମ ହ୍ୟାଟ୍ରିକ ଗୋଲ ସ୍କୋର କରିଥିବା ବେଳେ ବିନୟ କିଶାନ ଗୋଟିଏ ଗୋଲ ଦେଇଥିଲେ।

■ ଆଇଏସ୍‌ଏଲ୍-୧୨

## ବାତିଲ୍ ନୁହେଁ; ବିଳମ୍ବରେ ହୋଇପାରେ: ଚୌବେ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ଭାରତୀୟ ଫୁଟ୍‌ବଲ ପ୍ରେମୀଙ୍କ ଲାଗି ଏକ ବଡ଼ ଆଶ୍ୱସ୍ତିକର ଖବର ଆସିଛି। ଦେଶର ସବୁଠୁ ଅଗ୍ରଣୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ଦ୍ୱାଦଶ ସଂସ୍କରଣ ବାତିଲ ହୋଇନି, ବରଂ ବିଳମ୍ବରେ ଆରମ୍ଭ ହୋଇପାରେ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ସଭାପତି କଲ୍ୟାଣ ଚୌବେ ଶୁକ୍ରବାର ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଆଇଏସ୍‌ଏଲ୍ ବର୍ତ୍ତମାନ ଆଇନଗତ ଓ ଚୁକ୍ତିଭିତ୍ତିକ ସମସ୍ୟା ଦେଇ ଗତି କରୁଛି। ଆଇଏସ୍‌ଏଲ୍‌କୁ ଆୟୋଜନ କରୁଥିବା ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପ୍‌ମେଣ୍ଟ ଲିମିଟେଡ୍ (ଏଫ୍‌ଏସ୍‌ଡିଏଲ୍) ଓ ଏଆଇଏଫ୍‌ଏଫ୍ ମଧ୍ୟରେ ନୂତନ ଚୁକ୍ତିକୁ ନେଇ ବିବାଦ ଦେଖାଦେଇଛି। ଯେଉଁଥି ପାଇଁ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା।

### ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ଭାରତକୁ ତୀରନ୍ଦାଜୀରେ ସ୍ୱର୍ଣ୍ଣ; ଅନିମେଶ ୪ର୍ଥ

ଭୁବନେଶ୍ୱର, ୨୫।୭ (ସମିସ)

ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତ ପ୍ରଥମ ସ୍ୱର୍ଣ୍ଣପଦକ ଜିତିବାରେ ସଫଳ ହୋଇଛି। ତୀରନ୍ଦାଜୀର କମ୍ପାଉଣ୍ଡ ମିକ୍ସଡ୍ ଟିମ୍ ଇଭେଣ୍ଟରେ ଭାରତୀୟ ଦଳ ଏହି ସଫଳତା ପାଇଛି। ତେବେ ୨୦୦ ମିଟର ରେସରେ କିଟ୍ ବିଶ୍ୱବିଦ୍ୟାଳୟର ଅନିମେଶ





କୁଜୁର ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଛନ୍ତି।

ତୀରନ୍ଦାଜୀର କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ଟାଇଟଲ୍ ବଜାୟ ରଖିପାରିଛି। କୁଶଳ ଦଲାଲ ଓ ପରଣୀତ୍ କୌରଙ୍କୁ ନେଇ ଗଠିତ ଭାରତୀୟ ଦଳ ଫାଇନାଲରେ ୧୫୭-୧୫୪ରେ ଦକ୍ଷିଣ କୋରିଆ ଦଳକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ଭାରତୀୟ ପୁରୁଷ ଓ ମହିଳା କମ୍ପାଉଣ୍ଡ ଦଳ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲା। ଅପରପକ୍ଷରେ ପୁରୁଷ ୨୦୦ ମିଟର ଫାଇନାଲରେ କିଟ୍ ଛାତ୍ର ଅନିମେଶ ୨୦.୮୫ ସେକେଣ୍ଡ ସମୟ ସହ ୪ର୍ଥ ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ବୟନ୍ଦା ୱାଲାଜା (୨୦.୬୩ ସେକେଣ୍ଡ), ସ୍ପେନର ଆନ୍ଦ୍ରିଆ ମେଡେରୋ (୨୦.୭୦) ଓ ଦକ୍ଷିଣ କୋରିଆର ଲି ସିଓଙ୍ଗ (୨୦.୭୫) ଯଥାକ୍ରମେ ୨୦୦ ମିଟରରେ ପୋଡିୟମର ପ୍ରଥମ ୩ଟି ସ୍ଥାନରେ ରହିଥିଲେ। ସଟ୍‌ପୁଟ୍‌ରେ ଫାଇନାଲରେ ପ୍ରବେଶ କରିଥିବା କିଟ୍‌ର ଅନ୍ୟତମ ଛାତ୍ର ସମରଦୀପ୍ ସିଂହ ୬ଷ୍ଠ ସ୍ଥାନ ହାସଲ କରିଥିଲେ।

### ୪୬ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇଲେ ବୈଷ୍ଣବୀ



ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୪୬ ବର୍ଷ ଇତିହାସରେ ଭାରତ ପ୍ରଥମଥର ଲାଗି ଟେନିସ କ୍ରୀଡ଼ାରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛି। ମହିଳା ସିଙ୍ଗଲ୍ସରେ ବୈଷ୍ଣବୀ ଅଧକର କାଂସ୍ୟ ପଦକ ଜିତି ଏହି ଐତିହାସିକ ସଫଳତା ପାଇଛନ୍ତି। ପୁଣେର ୨୧ ବର୍ଷୀୟା ବୈଷ୍ଣବୀ କାଂସ୍ୟ ପଦକ ଲଢ଼େଇରେ ୨-୬, ୬-୪, ୬-୪ ସେଟ୍‌ରେ ସ୍ଲୋଭାକିଆର ଇସ୍ତର ମେରିଙ୍କୁ ପରାସ୍ତ କରିଥିଲେ। ଏହି ଅବସରରେ ପଦକ ବିଜୟୀ ସମସ୍ତ ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS